NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
20 JULY 2025
ରବିବାର
୨୦ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 66 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୬୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ନାବାଳିକାକୁ ଜାଳିଦେଲେ

**ବଳଙ୍ଗା, ୧୯।୭/ଏନ୍‌ଏନ୍‌ଏସ୍‌:**

ବାଲେଶ୍ୱର ଜିଲ୍ଲା ଏଫ୍ ଏମ୍ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ଏକ ସପ୍ତାହ ପୂରି ନଥିବା ବେଳେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଅଞ୍ଚଳରେ ଏକ ହୃଦୟବିଦାରକ ଓ ଚମକାଇ ଦେଲା ଭଳି ଘଟଣା ଏବେ ସାରା ରାଜ୍ୟରେ ଆଲୋଚନାର ବିଷୟ ପାଲଟିଛି । ଜଣେ ନାବାଳିକାକୁ ୩ ଜଣ ଦୁର୍ବୃତ୍ତ ଜୋର୍ ଜବରଦସ୍ତ ଭାର୍ଗବୀ ନଦୀପଠାର ଏକ ନିଛାଟିଆ ସ୍ଥାନକୁ ନେଇଯାଇ ସେଠାରେ କିରାସିନି ଢ଼ାଳି ପୋଡ଼ି ମାରିବାକୁ ଉଦ୍ୟମ କରିଛନ୍ତି । ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଭର୍ତ୍ତି କରାଯାଇଛି । ତାଙ୍କ ଶରୀରର ୭୦ରୁ ୭୫% ପୋଡ଼ିଯାଇଛି । ତାଙ୍କୁ ଟ୍ରମା କେୟାର୍‌ରୁ ବର୍ଣ୍ଣ ୟୁନିଟ୍‌କୁ ସ୍ଥାନାନ୍ତର କରାଯାଇଛି । ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି । ଏନେଇ ପୀଡ଼ିତାଙ୍କ ମା' ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବଳଙ୍ଗା ଥାନା ନୂଆ ଗୋପାଳପୁର ଗ୍ରାମ ବାୟାବର ବସ୍ତିର ଅର୍ଦ୍ଧଦଗ୍ଧ ନାବାଳିକାଙ୍କ ମା'ଙ୍କ ଅଭିଯୋଗ ମୁତାବକ ଝିଅ ଦଶମ ପାଠ ପଢ଼ି ଘରେ ରହିଛି । ଶନିବାର ସକାଳୁ ବହି ଦେବାକୁ ବଡ଼ବାପାଙ୍କ ଘରକୁ ଆସୁଥିବା ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ଝିଅକୁ ଅପହରଣ କରିନେଇ ତେରହଳ ନିକଟସ୍ଥ ଭାର୍ଗବୀ ନଦୀବନ୍ଧ ତଳେ ନିଆଁଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରି ସେଠାରୁ ଫେରାର୍ ହୋଇଯାଇଛନ୍ତି । ଝିଅ କୌଣସି ପ୍ରକାରେ ସେଠାରୁ ଦରପୋଡ଼ା ଅବସ୍ଥାରେ ଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଆକୁଳ ବିକଳ ହୋଇ ମତେ ରକ୍ଷାକର ବୋଲି କହିଥିଲା । ଦୁଃଖିଶ୍ୟାମ ତତ୍‌କ୍ଷଣାତ୍ ନାବାଳିକାଙ୍କ ଦେହରେ ନିଆଁ ଲାଗିଥିବା ଦେଖି ତୁରନ୍ତ ଲିଭାଇବା ସହିତ ଡ୍ରେସ୍ ପିନ୍ଧାଇ ପାଣି ପିଇବାକୁ ଦେଇଥିଲେ । ପରେ ପୀଡ଼ିତାଙ୍କ ଠାରୁ ଘରର ଠିକଣା ବୁଝି ଖବର ଦେଇଥିଲେ । ପରିବାର ଓ ଗାଁ ଲୋକେ ପହଞ୍ଚିବା ପରେ ସ୍ଥାନୀୟ ପୁଲିସକୁ ଖବର ଦିଆଯାଇଥିଲା । ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପିପିଲି ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଅବସ୍ଥା ଗୁରୁତର ଥିବାରୁ ପୀଡ଼ିତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଯେଉଁ ୩ ଅଭିଯୁକ୍ତ ଅପହରଣ କରିଥିଲେ, ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ । ଅଭିଯୁକ୍ତମାନଙ୍କର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପିଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି ।

▶▶ ୫



**ନିଆଁ ଲଗାଇ ୩ ଦୁର୍ବୃତ୍ତ ଫେରାର୍**

**ଶରୀରର ୭୦ରୁ ୭୫% ପୋଡ଼ିଯାଇଛି**

**ସ୍ୱତନ୍ତ୍ର ଟିମ୍ ଆରମ୍ଭ କରିଛି ତଦନ୍ତ**

**ଚପଲ, ଦରପୋଡ଼ା ଡ୍ରେସ୍, ବୋତଲ ଆଦି ଜବତ**

**ଆସନ୍ତା ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ**

**ବଳଙ୍ଗା ଥାନାରେ ମା'ଙ୍କ ଏତଲା**

**ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବୟାନ ରେକର୍ଡ**

## ଅପରାଧୀ ଯେଉଁଠି ଥିଲେ ବି ଧରାପଡ଼ିବେ: ମୁଖ୍ୟମନ୍ତ୍ରୀ

### ଦିଲ୍ଲୀକୁ ଏୟାର୍‌ଲିଫ୍ଟ କରାଯାଇପାରେ

**ଭୁବନେଶ୍ୱର, ୧୯।୭/ଏନ୍‌ଏନ୍‌ଏସ୍‌:**

ପୁରୀ ବଳଙ୍ଗା ଘଟଣାରେ ଅପରାଧୀ ଯେଉଁଠାରେ ଥିଲେ ବି ନିଶ୍ଚିତ ଧରା ପଡ଼ିବେ । ପୁଲିସ ଟିମ୍ ଅପରେସନ୍ ମୋଡ୍‌ରେ ଅଛନ୍ତି । ଆଇନ ଅନୁଯାୟୀ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ପ୍ରଦାନ କରାଯିବ । ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଶନିବାର ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ପୁରୀ ଜିଲ୍ଲାର ବଳଙ୍ଗାଠାରେ ଗୋଟିଏ ଅଭାବନୀୟ ଘଟଣା ଘଟିଛି । ଜଣେ ନାବାଳିକାଙ୍କ ଦେହରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି । ଏ ଘଟଣାରେ ପୁଲିସ୍ ଆମୂଳଚୂଳ ତଦନ୍ତ ଜାରି ରଖିଛି । ସମ୍ପୃକ୍ତ ପୀଡ଼ିତା ବର୍ତ୍ତମାନ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଛନ୍ତି । ପୀଡ଼ିତାଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି । ରାଜ୍ୟ ସରକାର ସମ୍ପୃକ୍ତ ପୀଡ଼ିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍‌ସରେ ଚିକିତ୍ସା କରିବା ପାଇଁ ପ୍ରସ୍ତୁତ ଅଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମ୍‌ଓ ଏମ୍‌ସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ଖବର ରଖାଯାଉଛି । ଯଦି ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ପରିସ୍ଥିତି ଅନୁକୂଳ ହୁଏ ଏବଂ ଏଥିପାଇଁ ଭୁବନେଶ୍ୱର ଏମ୍‌ସର ନିର୍ଦ୍ଦେଶକ ଅନୁମୋଦନ ଦିଅନ୍ତି, ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ।

**ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା**

## ଛାତ୍ରୀଙ୍କ ସୁରକ୍ଷା, ନିରାପତ୍ତା ପାଇଁ 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ'






**ଭୁବନେଶ୍ୱର, ୧୯।୭/ଏନ୍‌ଏନ୍‌ଏସ୍‌:**

କଲେଜ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ରାଜ୍ୟ ସରକାର ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବିଗତ ଦିନଗୁଡ଼ିକରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯେଉଁଭଳି ଅପରାଧ ଘଟୁଛି, ସେହିଭଳି ଘଟଣାକୁ ରୋକିବା ସହ ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଯୋଜନା କରାଯାଇଛି । ଏହି କାର୍ଯ୍ୟକ୍ରମର ନାମ ହେଉଛି 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ' । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଏହା କାର୍ଯ୍ୟକାରୀ କରାଯିବ ।

ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ଲୋକଙ୍କ ସରକାର । ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା, ସେମାନଙ୍କ କଲ୍ୟାଣ ତଥା ବିକାଶ ପାଇଁ ଆମ ସରକାର ଗତ ଏକବର୍ଷ ମଧ୍ୟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି । ଏହା ସହିତ ଏକ ସମୃଦ୍ଧ ଓଡ଼ିଶାର ପରିକଳ୍ପନା କରାଯାଇଛି । ୨୦୩୬ ଓ ୨୦୪୭ ସୁଦ୍ଧା ଓଡ଼ିଶା ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି ଏବଂ ଏହାର ରୂପାୟନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରାଯାଇଛି । କିନ୍ତୁ ଏସବୁ ସଫଳତା ହାସଲ କରିବା ପାଇଁ ସବୁ ନାଗରିକଙ୍କ ବ୍ୟକ୍ତିଗତ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ଏକ ମୌଳିକ ଆବଶ୍ୟକତା । ବିଶେଷକରି ମହିଳାମାନଙ୍କ ସୁରକ୍ଷା ଓ ନିରାପତ୍ତା ଏଥିପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମହିଳା ମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଆମ ସରକାର ଏକ 'ନନ୍ ନେଗୋସିବଲ୍ ପଲିସି' ଗ୍ରହଣ କରିଛି । ସମାଜର ବିଭିନ୍ନ ସ୍ଥାନରେ ନାରୀମାନଙ୍କ ପ୍ରତି ଅତ୍ୟାଚାରକୁ ରୋକିବା ପାଇଁ ଆମ ସରକାର ପ୍ରତିବଦ୍ଧ । ମୁଖ୍ୟମନ୍ତ୍ରୀ କହିଛନ୍ତି,

▶▶ ୫

- **୧୬ ବିଶ୍ୱବିଦ୍ୟାଳୟ, ୭୩୦ କଲେଜରେ ହେବ କାର୍ଯ୍ୟକାରୀ**
- **କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ଉପରେ ଗୁରୁତ୍ୱ**

**ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା**

## ୨୩ ଛାତ୍ରଛାତ୍ରୀଙ୍କ ବୟାନ ରେକର୍ଡ

**ବାଲେଶ୍ୱର, ୧୯।୭/ଏନ୍‌ଏନ୍‌ଏସ୍‌:**

ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆସିଥିବା ଟିମ୍ ଶନିବାର କଲେଜକୁ ଆସି ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ କିଛି ଛାତ୍ରଛାତ୍ରୀଙ୍କୁ ଜେରା କରିଥିବା ଜଣାପଡ଼ିଛି । ଏନେଇ କଲେଜର ବିଭିନ୍ନ ବିଭାଗର ୨୩ ଜଣ ଛାତ୍ରଛାତ୍ରୀଙ୍କୁ ଟିମ୍ ପୃଥକ୍ ଭାବେ ପଚରାଉଚରା କରି ସମସ୍ତଙ୍କ ବୟାନ ରେକର୍ଡ଼ କରାଯାଇଛି । ଗଣମାଧ୍ୟମକୁ ସ୍ପଷ୍ଟ ସୂଚନା ଦିଆଯାଇନଥିଲେ ମଧ୍ୟ ଯଥାଶିଘ୍ର ତଦନ୍ତ ରିପୋର୍ଟ ଆସିବାର ସମ୍ଭାବନା ରହିଛି ବୋଲି ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ।

## ୨୩ରୁ ପ୍ରବଳରୁ ଅତି ପ୍ରବଳ ବର୍ଷା

### ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର, ୧୯।୭/ଏନ୍‌ଏନ୍‌ଏସ୍‌:**

ଓଡ଼ିଶାରେ ମୌସୁମୀ ବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ କିଛି ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଛି । ଆସନ୍ତା ୨୪ ତାରିଖ ମଧ୍ୟରେ ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଲଘୁଚାପ ପ୍ରଭାବରେ ରାଜ୍ୟରେ ୨୩ ତାରିଖରୁ ବର୍ଷା ଆହୁରି ବଢ଼ିବ । ୨୬ ତାରିଖ ଯାଏଁ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଲଘୁଚାପ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ବର୍ଷା, ବଜ୍ରପାତ ଓ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ । ଯାହାକୁ ନେଇ ରାଜ୍ୟର ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, କନ୍ଧମାଳ, ଗଜପତି, ରାୟଗଡ଼ା ଓ କୋରାପୁଟକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟ ସବୁ ଜିଲ୍ଲାରେ ହାଲୁକା ବର୍ଷା ସହ ପ୍ରବଳ ବଜ୍ରପାତ ରହିବ । ଆସନ୍ତାକାଲି ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ରହିବ । ଏସବୁ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ଚେତାବନୀ ଜାରି କରିଛି । ସେପଟେ ହାଲୁକା ବର୍ଷା ସହ ବଜ୍ରପାତ ପାଇଁ

▶▶ ୫

**ନିଆଁରେ ଘିଅ ଢାଳିଲେ ଡୋନାଲ୍ଡ ଟ୍ରମ୍ପ**

## ଭାରତ-ପାକ୍ ସଂଘର୍ଷରେ ଖସିଥିଲା ୫ ଯୁଦ୍ଧବିମାନ !



**୩ଟି ପ୍ରଶ୍ନର ଉତ୍ତର ଦିଅନ୍ତୁ ପିଏମ୍, ଦେଶ ସତ ଜାଣିବାକୁ ଚାହୁଁଛି: କଂଗ୍ରେସ**

**ସେନାକୁ ବିରୋଧ କଂଗ୍ରେସର ଅଭ୍ୟାସ ନୁହେଁ, ପରିଚୟ ପାଲଟିଛି: ବିଜେପି**

**ୱାଶିଂଟନ୍, ନୂଆଦିଲ୍ଲୀ, ୧୯।୭/ଏଜେନ୍ସି:**

ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ପୁଣି ଏକ ବଡ଼ ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଟ୍ରମ୍ପ କହିଛନ୍ତି ଯେ, ଗତ ମେ ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସମୟରେ ପ୍ରାୟ ୫ଟି ଯୁଦ୍ଧ ବିମାନ ଖସାଯାଇଥିବା ତାଙ୍କୁ ସୂଚନା ମିଳିଛି । କିନ୍ତୁ ଟ୍ରମ୍ପ ଏହା ସ୍ପଷ୍ଟ କରିନଥିଲେ ଯେ, ଏସବୁ ଯୁଦ୍ଧ ବିମାନ କାହାର... ପାକିସ୍ତାନର ନା ଭାରତର ? ଟ୍ରମ୍ପ ଏହି ପରିପ୍ରେକ୍ଷୀରେ ପୁଣିଥରେ ଦୋହରାଇଛନ୍ତି ଯେ, ସେ କୁଆଡେ ବାଣିଜ୍ୟ ନାମରେ ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ (ଭାରତ ଏବଂ ପାକିସ୍ତାନ) ମଧ୍ୟରେ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରିଥିଲେ । ତେବେ ଯଦିଓ ହ୍ୱାଇଟ୍ ହାଉସ୍‌ରେ ନିଜ ଦଳର କିଛି ବରିଷ୍ଠ ସାଂସଦଙ୍କ ସହ ଡିନର କରୁଥିବା ସମୟରେ ଟ୍ରମ୍ପ ଏପରି କହିଥିବା ଜଣାପଡିଛି, କିନ୍ତୁ ଏପ୍ରକାର ବିବୃତ୍ତିକୁ ନେଇ ଏବେ ଭାରତରେ ରାଜନୈତିକ ବାକ୍‌ବିତଣ୍ଡା ଜୋରଦାର ହୋଇଯାଇଛି । ସିଧାଅର୍ଥରେ କହିଲେ, ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କୁ ପ୍ରଶ୍ନ ଉପରେ ପ୍ରଶ୍ନ କରିଆସୁଥିବା ବେଳେ ଟ୍ରମ୍ପଙ୍କ ଏହି ଦାବି ସାମ୍ନାକୁ ଆସିଛି । ଫଳରେ ଭାରତରେ ପୁଣି ଥରେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି ।

ଅପରେସନ ସିନ୍ଦୂର ସମୟରେ ପାକିସ୍ତାନ ଦାବି କରିଥିଲା ଯେ, ଏହା ଭାରତର ୫ଟି ରାଫେଲ ବିମାନ ଖସାଇଦେଇଛି । ତେବେ ପାକିସ୍ତାନ ଏହାର କୌଣସି ତଥ୍ୟ ପ୍ରମାଣ ଦେଇନଥିଲା । ଅନ୍ୟପକ୍ଷରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମେ ୧୦ରେ ଯୁଦ୍ଧବିରତି ଚୁକ୍ତିନାମା ହେବାର କିଛି ଦିନ ପରେ, ଏୟାର ମାର୍ଶାଲ ଏକେ. ଭାରତୀ କହିଥିଲେ, ଭାରତୀୟ ସେନା ଅନେକ ହାଇଟେକ୍ ପାକିସ୍ତାନୀ ଯୁଦ୍ଧବିମାନକୁ ଖସାଇ ଦେଇଛି, ଯଦିଓ ସେ ସ୍ପଷ୍ଟ ସଂଖ୍ୟା ଉଲ୍ଲେଖ କରିନଥିଲେ । ସେହି ସମୟରେ, ପାକିସ୍ତାନ ଭାରତର ଦାବିକୁ ପ୍ରତ୍ୟାଖ୍ୟାନ କରି କହିଥିଲା ଯେ, ପାକିସ୍ତାନୀ ବାୟୁସେନା (ପିଏଏଫ୍)ର କେବଳ ଗୋଟିଏ ବିମାନଜନିତ ସାମାନ୍ୟ କ୍ଷତି କରିଛି । ପାକିସ୍ତାନ ରାଫେଲ ସମେତ ୬ଟି ଭାରତୀୟ ଯୁଦ୍ଧ ବିମାନକୁ ଖସାଇ ଦେଇଥିବା ଦାବି କରିଥିଲା । ଅପରପକ୍ଷେ ପାକିସ୍ତାନର ଏହି ଦାବିକୁ ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ ଜେନେରାଲ ଅନିଲ ଚୌହାନ ପ୍ରତ୍ୟାଖ୍ୟାନ କରିଥିଲେ । କିନ୍ତୁ ସେ କହିଥିଲେ ଯେ, ସଂଘର୍ଷର ପ୍ରାରମ୍ଭିକ ପର୍ଯ୍ୟାୟରେ ସାମାନ୍ୟ କ୍ଷତି ହୋଇଥିଲା, କିନ୍ତୁ ଭାରତୀୟ ସଶସ୍ତ୍ର ବାହିନୀ ତୁରନ୍ତ ସେମାନଙ୍କର ଭୁଲ ସଂଶୋଧନ କରି ପାକିସ୍ତାନ ଉପରେ ପୁଣି ଆକ୍ରମଣ କରିଥିଲେ, ଯେଉଁଥିରେ ପାକିସ୍ତାନର ଅନେକ କ୍ଷତି ହୋଇଛି । ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ନୁହେଁ କାରଣ ଗୁରୁତ୍ୱପୂର୍ଣ୍ଣ ବୋଲି ସିଡିଏସ୍ ଚୌହାନ୍ କହିଥିଲେ । ଏହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିଲା ।

ଏବେ ଯେତେବେଳେ ଟ୍ରମ୍ପଙ୍କ ବିବୃତ୍ତି ସାମ୍ନାକୁ ଆସିଛି, ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପୁଣିଥରେ କଂଗ୍ରେସ ଟାର୍ଗେଟ୍ କରିବା ଆରମ୍ଭ କରିଛି । ଖସିଥିବା ୫ ଯୁଦ୍ଧ ବିମାନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ସତ କୁହନ୍ତୁ ବୋଲି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି । ଟ୍ରମ୍ପଙ୍କ ଡିନର ସମୟର ଭିଡିଓକୁ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ସେୟାର କରିବା ପୂର୍ବକ ରାହୁଲ କହିଛନ୍ତି ଯେ, ସମଗ୍ର ଦେଶ ଏବଂ ଦେଶବାସୀ ସତ କ'ଣ ଜାଣିବାକୁ ଚାହାନ୍ତି । ସେହିପରି କଂଗ୍ରେସର ବରିଷ୍ଠ ନେତା

▶▶ ୫



## ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର

# ଦେଶବିଦେଶର ୨୮ ଚିତ୍ରଶିଳ୍ପୀଙ୍କ କାନ୍‌ଭାସ୍‌ରେ ବଡ଼ଠାକୁର

**ପୁରୀ, ୧୯।୭/ଏନ୍‌ଏନ୍‌ଏସ୍:** ଶ୍ରୀମନ୍ଦିର ଉତ୍ତରଦ୍ୱାରଠାରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଦେଶ ବିଦେଶରୁ ୨୮ ଜଣ ଚିତ୍ରଶିଳ୍ପୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନିଜ ତୁଳି ସାହାଯ୍ୟରେ ଚିତ୍ରଶିଳ୍ପୀ ମାନେ ମହାପ୍ରଭୁଙ୍କ ଭଳିକି ଭଳି ଚିତ୍ର କାନଭାସ୍‌ରେ ଆଙ୍କି ଥିବା ବେଳେ ଏହାକୁ ଦେଖି ଜଗନ୍ନାଥ ପ୍ରେମୀ ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ତେବେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଠାକୁରଙ୍କ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିବା ସୁଯୋଗ ମିଳିଥିବାରୁ ଚିତ୍ରଶିଳ୍ପୀ ମାନେ ମଧ୍ୟ ନିଜକୁ ଧନ୍ୟ ମନେ କରିଛନ୍ତି। ଭକ୍ତର ଠାକୁର ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ମହାପ୍ରଭୁଙ୍କ ପ୍ରତି ଅତୁଟ ଭକ୍ତି ଓ ବିଶ୍ୱାସ ଥିଲେ ଅସମ୍ଭବ ମଧ୍ୟ ସମ୍ଭବ ହୋଇଯାଏ। ଏହାର ଉଦାହରଣ ହେଉଛନ୍ତି ଏହି ଚିତ୍ରଶିଳ୍ପୀ। ତୁଳି ସାହାଯ୍ୟରେ କାନଭାସ୍ ରେ କିଏ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ସମୟର ଚିତ୍ର ଆଙ୍କୁଛନ୍ତି ତ କିଏ ଶ୍ରୀମନ୍ଦିର ସହିତ ପତିତପାବନ ବାନା ଫର୍ ଫର୍ ହୋଇ ଉଡୁଥିବାର ଚିତ୍ର ଆଙ୍କୁଛନ୍ତି। ସେହିପରି ସ୍ନାନବେଦୀରେ ମହାପ୍ରଭୁ ବିରାଜମାନ କରିଥିବା ବେଳେ ମହାପ୍ରଭୁଙ୍କ ସମ୍ମୁଖରେ ମହାପ୍ରସାଦ ଥିବା ଚିତ୍ର ହୃଦୟକୁ ବେଶ୍ ଆନନ୍ଦିତ କରୁଛି। ଶ୍ରୀମନ୍ଦିର





ଉତ୍ତର ଦ୍ୱାର ଠାରେ ଚାଲିଥିବା ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ଚିତ୍ରକଳା ଶିବିରରେ ଦେଖିବାକୁ ମିଳିଥିଲା ଏଭଳି ସୁନ୍ଦର ଚିତ୍ରର ଦୃଶ୍ୟ। ଦେଶବିଦେଶରୁ ପ୍ରାୟ ୨୮ ଜଣ ଚିତ୍ରଶିଳ୍ପୀ ଠାକୁରଙ୍କ ବିଭିନ୍ନ ପ୍ରକାରର ଚିତ୍ର ତୁଳି ଓ ରଙ୍ଗ ସାହାଯ୍ୟରେ କାନଭାସ୍‌ରେ ଆଙ୍କୁଛନ୍ତି। ସେହିପରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସୁଥିବା ଭକ୍ତମାନେ ଉତ୍ତର ଦ୍ୱାର ନିକଟରେ ଚିତ୍ରଶିଳ୍ପୀଙ୍କ ବିଭିନ୍ନ ପ୍ରକାରର ଚିତ୍ର ଦେଖିବା ପାଇଁ ଅଟକି ଯାଉଥିବା ଦେଖିବାକୁ ମିଳିଥିଲା। ଚିତ୍ରଶିଳ୍ପୀ ମାନେ ତୁଳି ସାହାଯ୍ୟରେ କାନଭାସ୍ ରେ ଆଙ୍କୁଥିବା ମହାପ୍ରଭୁଙ୍କର ବିଭିନ୍ନ ଚିତ୍ରକଳା ଦେଖି ଜଗନ୍ନାଥ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ବେଶ୍ ଭାବ ବିଭୋର ହୋଇ ପଡୁଥିଲେ। ମହାପ୍ରଭୁଙ୍କର ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଚିତ୍ର ଆଙ୍କିବାର ସୁଯୋଗ ପାଇଥିବାରୁ ଚିତ୍ରଶିଳ୍ପୀ ମାନେ ମଧ୍ୟ ନିଜକୁ ଭାଗ୍ୟବାନ ମନେ କରିଥିବା କହିଥିଲେ। ତେବେ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପକ୍ଷରୁ ଉତ୍ତର ଦ୍ୱାର ଠାରେ ଆୟୋଜିତ ଆନ୍ତର୍ଜାତୀୟ ଚିତ୍ରକଳା ଶିବିରରେ ଓଡିଶା, ଆସାମ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ କୋଲକାତାରୁ ଚିତ୍ରଶିଳ୍ପୀ ମାନେ ଭାଗ ନେଇଛନ୍ତି। ଗତକାଲି ଏବଂ ଆଜି ଦୁଇଦିନ ଧରି ଏହି ଚିତ୍ରକଳା ଶିବିର ଆୟୋଜନ କରାଯାଇଛି ବୋଲି ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର କହିଥିଲେ। ଉଦଯାପନୀ ଉତ୍ସବରେ ଚିତ୍ରଶିଳ୍ପୀମାନେ ଆଙ୍କିଥିବା ଠାକୁରଙ୍କ ବିଭିନ୍ନ ଚିତ୍ର ଗୁଡିକ ପରିକ୍ରମା ମାର୍ଗରେ ପ୍ରଦର୍ଶିତ କରାଯାଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଭକ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ବିଭନ୍ନ ଚିତ୍ରକଳା ଦେଖିବାର ସୁଯୋଗ ପାଇବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଥିଲା। ପ୍ରଚଣ୍ଡ ଖରା ଓ ଗୁଳୁଗୁଳିକୁ ଖାତିର ନକରି ଏହି ଚିତ୍ରଶିଳ୍ପୀ ମାନେ ଠାକୁରଙ୍କର ବିଭିନ୍ନ ପ୍ରକାରର ଚିତ୍ର ଆଙ୍କୁଥିବା ବେଳେ ସବୁକିଛି ମହାପ୍ରଭୁଙ୍କ ଆଶୀର୍ବାଦରୁ ସମ୍ଭବ ହୋଇପାରିଛି ବୋଲି ଚିତ୍ରଶିଳ୍ପୀ ମାନେ ପ୍ରକାଶ କରିଥିଲେ। ଆଜି ଉଦ୍‌ଯାପନୀ ଉତ୍ସବରେ ଅତିଥି ରୂପେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁ ଏବଂ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଦିଲୀପ କୁମାର ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତବ୍ୟ ରେ ଚିତ୍ରକଳା ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତିର ପରିପ୍ରକାଶ ହୋଇଥିବାରୁ ଏହାର ପ୍ରଭାବ ସୁଦୂର ପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ। ଜଗନ୍ନାଥଙ୍କ ପ୍ରତିଦିନର ନୀତିକାନ୍ତି ରେ ଚିତ୍ରକର ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନବସର ସମୟରେ ଶ୍ରୀଜୀଉମାନେ ପଟିଦିଅଁ ଭାବେ ପୂଜା ପାଇଥାନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିରେ ଚିତ୍ରକର ଓ ଚିତ୍ରକଳାର ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ। ମହାବିଦ୍ୟାଳୟର ଅଧକ୍ଷ ଡ. ଦୁର୍ଗାମାଧବ କର ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଳ୍ପୀମାନଙ୍କୁ ପ୍ରଶଂଶାପତ୍ର, ଟ୍ରଫି, ଉତ୍ତରୀୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରୁଥିବା ଅନେକ ଭକ୍ତ ଉପସ୍ଥିତ ରହି ଚିତ୍ର ସବୁ ବୁଲି ଦେଖିଥିଲେ। ଏଥିରେ ବରିଷ୍ଠ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ସୁକାନ୍ତ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ମହାପ୍ରଭୁଙ୍କ ପାଖରେ ନୃତ୍ୟ କରି କିଏ ନିଜକୁ ସମର୍ପି ଦେଇଥାଏ ତ କିଏ ଭଜନ ଜଣାଣ ବୋଲି ଠାକୁରଙ୍କ ପାଖରେ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରିଥାଏ। ସେହିପରି ତୁଳି ଦ୍ୱାରା କାନଭାସ୍‌ରେ ଠାକୁରଙ୍କର ବିଭିନ୍ନ ପ୍ରକାରର ଚିତ୍ର ଆଙ୍କି ଏହି ଚିତ୍ରଶିଳ୍ପୀମାନେ ମହାପ୍ରଭୁଙ୍କ ପାଖରେ ନିଜକୁ ସମର୍ପି ଦେଇଥିଲେ।

## ବିଦ୍ୟାପୀଠରେ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାରେ ନିଲମ୍ବିତ ଶିକ୍ଷୟିତ୍ରୀ ଜେଲ୍ ଗଲେ

**ନିଶ୍ଚିନ୍ତକୋଇଲି, ୧୯।୭/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଭଗବତୀ ସରକାରୀ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି ଛାତ୍ରଙ୍କୁ ମାଡ଼ମାରିବା ଘଟଣାରେ ବ୍ଲକ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ଏହାପରେ ଶିକ୍ଷୟିତ୍ରୀଙ୍କୁ ଛାତ୍ରଙ୍କ ଅଭିଯୋଗ ଅନୁଯାୟୀ କିଶୋରନଗର ଥାନା ପୁଲିସ ଗିରଫକରି କୋର୍ଟଚାଲାଣ କରିଥିଲେ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଶିକ୍ଷୟିତ୍ରୀଙ୍କୁ ଏବେ ଚୌଦ୍ୱାର ଜେଲରେ ରହିବାକୁ ପଡ଼ିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ବିଶୃଙ୍ଖଳିତ ଛାତ୍ରଙ୍କୁ ଅଟକାଇବାକୁ ଯାଇ ଶିକ୍ଷୟିତ୍ରୀ ଜଣକ ଚାରିଜଣ ଛାତ୍ରଙ୍କୁ ମାଡ଼ ମାରିଥିଲେ। ହେଲେ ତିନିଜଣ ଛାତ୍ରଙ୍କ ଅଭିଭାବକ ଏଭଳି ଘଟଣାପ୍ରତି କୌଣସି ପ୍ରତିକ୍ରିୟା ପ୍ରକାଶ କରିନଥିଲେ। ତେବେ ଜଣେ ଛାତ୍ରଙ୍କ ଅଭିଭାବକ ଶିକ୍ଷୟିତ୍ରୀଙ୍କ ନାମରେ ସରକାରଙ୍କ ପକ୍ଷରୁ ନୂତନ ଭାବେ ପ୍ରଣୟନ କରାଯାଇଥିବା ଷ୍ଟୁଡେଣ୍ଟ୍ ହେଲପ୍ ଲାଇନ୍‌ରେ ଅଭିଯୋଗ କରିବାରୁ ଏଭଳି ଘଟଣା ଘଟିଥିବା ଜଣାଯାଇଛି। ଘଟଣାର ପ୍ରତିବାଦ କରି ଆଜି ଶନିବାର ମଣିଜଙ୍ଗ ଭଗବତୀ ବିଦ୍ୟାପୀଠର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଭିଭାବକ ସେମାନେ ବିଦ୍ୟାଳୟର ଫାଟକ ସମ୍ମୁଖରେ ଶିକ୍ଷୟିତ୍ରୀଙ୍କୁ ଫେରାଇ ଆଣିବା ପାଇଁ ସ୍ଲୋଗାନ ଦେଇ ଧାରଣାରେ ବସି ଜିଦ୍‌ରେ ଅଟଳ ରହିଥିବା ଜଣାଯାଇଛି। ଏଭଳି ଘଟଣାକୁ ନେଇ ସମଗ୍ର ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ଥିବା ବିଦ୍ୟାଳୟଗୁଡିକର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନରେ ଭୟର ବାତାବରଣ ଦେଖାଦେଇଛି। ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି କାର୍ଯ୍ୟକରି ବେଶ୍ ସୁନାମ ଅର୍ଜନ କରିଛନ୍ତି। ଯଦି ଶିକ୍ଷକ ହିସାବରେ ଛାତ୍ରଛାତ୍ରୀମାନଙ୍କୁ ଆକଟ କରିବାର କ୍ଷମତା ରହିବ ନାହିଁ ତାହା ହେଲେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷକଙ୍କ ଉପରେ ଭୟ ରହିବ ନାହିଁ। ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଏହା ଠିକ୍। ସରକାରଙ୍କ ନୀତି ନିୟମାନୁଯାୟୀ ବିଗତ ଦିନରେ ବହୁ ସରକାରୀ ନିୟମକୁ ମାନି ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟ କରିଥାଆନ୍ତି। ଏବେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ବଦ୍‌ମାସ ଓ ଦୁଷ୍ଟାମୀ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ଆକଟ କରିବାକୁ ଯାଇ ଯଦି କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଆକଟ କରେ ତାହାହେଲେ ସେହି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଇନ ଅନୁସାରେ ଦଣ୍ଡ ଭୋଗିବାକୁ ପଡୁଛି। ତାହାହେଲେ ଆଜିର ଶିକ୍ଷା ବ୍ୟବସ୍ଥାରେ ଶିକ୍ଷା ବ୍ୟବସ୍ଥା କିପରି ଚାଲିବ ତାହା ନେଇ ଶିକ୍ଷାବିତ୍‌ଙ୍କ ମନରେ ନାନା କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି। ଏହାପରେ ମଧ୍ୟ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟିଙ୍କୁ ଏହି ବ୍ଲକର ବହୁ ଦୂରରେ ଥିବା ରାକ୍ସ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି।



## ପାହାଲ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ସାଂସଦଙ୍କୁ ଦାବିପତ୍ର

**ଫୁଲନଖରା, ୧୯।୭/ଏନ୍‌ଏନ୍‌ଏସ୍:** ପାହାଲ ବଜାର ଠାରେ ଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀ ମାନଙ୍କ ମିଷ୍ଟାନ୍ନ ଦୋକାନ ସମ୍ମୁଖରେ ଜାତୀୟ ରାଜପଥ ପ୍ରାଧିକରଣ ସ୍ଥାୟୀ ବ୍ୟାରିକେଟ ନିର୍ମାଣ କରି ପ୍ରବେଶ ଓ ପ୍ରସ୍ଥାନ ପଥ ନ ରଖିବା ପ୍ରସ୍ତାବକୁ ଉତ୍କଳ ଯାଦବ ମହାସଭା ପକ୍ଷରୁ ଦୃଢ଼ ଭାବରେ ବିରୋଧ କରାଯାଇଛି। ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ପରାମର୍ଶ କ୍ରମେ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ଓଡ଼ିଶାର ଗୌରବ ପାହାଲ ପ୍ରସିଦ୍ଧ ମିଠା ତଥା ପୁରୁଷ ପୁରୁଷ ଧରି ବ୍ୟବସାୟ କରୁଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀମାନଙ୍କ ସୁରକ୍ଷା ପ୍ରତି ବିହିତ ଦୃଷ୍ଟିଦେବାକୁ ଅନୁରୋଧ କରିଥିଲେ। ଏହି କ୍ରମରେ ଯାଦବ ମହାସଭା ଓ ସଙ୍ଗ ପକ୍ଷରୁ ସାଂସଦଙ୍କୁ ଦାବିପତ୍ର ଦିଆଯାଇଛି। ସାଂସଦ ମହୋଦୟା ପ୍ରତ୍ୟକ୍ଷ ଭାବେ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଓ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପ୍ରତି ଉଚିତ୍ ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟାଳୟ ସମ୍ପାଦକ ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା, କଟକ ଜିଲ୍ଲା ଦୁଗ୍ଧ ଜାତ ଦ୍ରବ୍ୟ ସଙ୍ଘର ସମ୍ପାଦକ ତୀର୍ଥବାସୀ ବେହେରା, ଯୁଗ୍ମ ସମ୍ପାଦକ ପ୍ରସନ୍ନ ବେହେରା, ପ୍ରୀତିରଞ୍ଜନ କାଠୁଆ, ସାଗର ବେହେରା, ଭୁବନେଶ୍ୱର ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ବିମ୍ବାଧର ବେହେରା, ପାହାଲ ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା, ଉପସଭାପତି ରାଜକିଶୋର ସାହୁ, ସମ୍ପାଦକ ନିରଞ୍ଜନ ବେହେରା, ଦୁଃଶାସନ ପ୍ରଧାନ, ରାଜକିଶୋର ବେହେରା, ଶରତ କୁମାର ବେହେରା, ନବୀନ ସାହୁ, ପାହାଲ ମଦନ ମୋହନ ଦୁଗ୍ଧ ଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର ସଭାପତି ରାଜେନ୍ଦ୍ର ବଲ୍ଲଭ ବେହେରା, ସମ୍ପାଦକ ବିପ୍ଳବ ଯାଦବ ଓ ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ଓଡ଼ଗାଁ ପଞ୍ଚାୟତସମିତିର ନବମ ଅଧିବେଶନ

## ୭ ଦିନ ଭିତରେ ରିପୋର୍ଟ ଦେବାକୁ ବନବିଭାଗକୁ ନିର୍ଦ୍ଦେଶ

**ଓଡ଼ଗାଁ, ୧୯।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ପଞ୍ଚାୟତ ସମିତିର ନବମ ଅଧିବେଶନ ଶନିବାର ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଓଡ଼ଗାଁ ଓ ପଞ୍ଚିରିଡ଼ା ବନାଞ୍ଚଳ ୨୦୨୨-୨୩ ମସିହାରୁ ଆଜି ପର୍ଯ୍ୟନ୍ତ କାମ୍ପା ଓ ମନରେଗା ଯୋଜନାରେ କି କି ପ୍ରକାର କାର୍ଯ୍ୟ କରାଯାଇଛି ତାର ତଥ୍ୟ ୭ ଦିନଭିତରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଏକ କମିଟି ମାଧ୍ୟମରେ ସମସ୍ତ କାର୍ଯ୍ୟର ତନତନ କରି ତଦନ୍ତ କରାଯିବ ବୋଲି କହିଥିଲେ। ଏଥିରେ ବିଧାୟକ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ, ବିଡିଓ, ତହସିଲଦାର ଓ ସରପଞ୍ଚ ରହିବେ ବୋଲି ଜଣାପଡିଛି ଏହାସହିତ ବିଭିନ୍ନ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଥିବା କାର୍ଯ୍ୟଶେଷ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ପଞ୍ଚାୟତ ବିଦ୍ୟୁତ୍ ନଥିଲେ ମଧ୍ୟ ଇଲେକ୍ଟ୍ରି ବିଲ ଆସୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ସମିତି ଅଧିବେଶନରେ ବିଡିଓ ଜିତେନ୍ଦ୍ର କୁମାର ନାୟକ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।




## ସାମ୍ବାଦିକଙ୍କ ଅକାଳ ବିୟୋଗ

**ଓଡ଼ଗାଁ, ୧୯।୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନଏସି ସ୍ଥିତ ବିଜୟ ମଣ୍ଡପ ସାହିରେ ରହୁଥିବା ସାମ୍ବାଦିକ ନବକିଶୋର ପଣ୍ଡା (୫୯) ଙ୍କ ଅକାଳ ବିୟୋଗରେ ଓଡ଼ଗାଁ ସାମ୍ବାଦିକ ସଂଘ ତରଫରୁ ଶୋକବ୍ୟକ୍ତ କରାଯାଇଛି ଏବଂ ତାଙ୍କର ଶୋକସନ୍ତପ୍ତ ପରିବାରକୁ ଈଶ୍ୱର ଅସୀମ ଧୈର୍ଯ୍ୟ,ଶକ୍ତି ଏବଂ ସାହାସ ପ୍ରଦାନ କରିବା ପାଇଁ ପ୍ରାର୍ଥନା କରାଯାଇଛି।



ଶରଣକୁଳ ଥାନା ଅନ୍ତର୍ଗତ ପଞ୍ଚିରିଡା ମାନପୁର ସ୍ୱର୍ଗତ ନବକିଶୋରଙ୍କର ଜନ୍ମସ୍ଥାନ ଥିଲା। ଏଇ କିଛି ମାସହେଲା ସେ ଓଡ଼ଗାଁରେ ରହୁଥିଲେ। ଶନିବାର ଅପରାହ୍ନରେ ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ସଂସ୍କାର କରିବା ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିବା ଜଣାପଡିଛି।

## ୨ ଛାତ୍ରୀ ମୃତ୍ୟୁ ଘଟଣାରେ ଜାତୀୟ ମାନବିକ ଅଧିକାର କମିଶନରେ ମାମଲା ରୁଜୁ

**ବୋଲଗଡ଼, ୧୯।୭/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଫକୀର ମୋହନ ୟୁନିଭରସିଟି ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ସମଗ୍ର ଓଡ଼ିଶା ହୁଲସ୍ଥୁଲ ହେଉଥିବା ବେଳେ ପୁନଃ ଆଜି ୧୯ତାରିଖ ଶନିବାର ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳ ଅନ୍ତର୍ଗତ ବଳଙ୍ଗା ଥାନା ଠାରୁ ୧.୫କିମି ଦୂର ତଥା ଭାର୍ଗବୀ ନଦୀର କେନାଲ ରୋଡ଼ ଉପରେ ଏକ ନାବାଳିକା ଛାତ୍ରୀଙ୍କୁ ୩ଜଣ ଦୁର୍ବୃତ୍ତ ଅପହରଣ କରିନେଇ ପେଟ୍ରୋଲ ପକାଇ ଜାଳିବା ଉଦ୍ୟମ କରିଥିବା ଜଣାପଡ଼ିଛି। ଫଳରେ ନାବାଳିକା ଶରୀରର ୭୦ପ୍ରତିଶତ ଜଳିଯାଇଥିବା ବେଳେ ବର୍ତ୍ତମାନ ସେ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି ଓ ଜୀବନମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ତାଙ୍କର ଉତ୍ତମ ଚିକିତ୍ସା ଓ ଦୋଷୀ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ କଡ଼ା ଆଇନତଃ କାର୍ଯ୍ୟାନୁଷ୍ଠାନ ସହ ଉଚିତ ନ୍ୟାୟ ପାଇଁ ଦୃଢ଼ ପ୍ରତିବାଦ ହେଉଥିବା ବେଳେ ଆଜି ଉତ୍କଳୀୟମ୍ ଫାଉଣ୍ଡେସନ ତରଫରୁ ଜାତୀୟ ମାନବିକ ଅଧିକାର କମିଶନ, ନୂଆଦିଲ୍ଲୀଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଛି। ତତ୍‌ସହିତ ନିଜେ ଉତ୍କଳୀୟମ୍ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଯୁବ ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ ହିଁ ଉକ୍ତ ଘଟଣାର ଜାତୀୟ ମାନବିକ ଅଧିକାର କମିଶନଙ୍କ କୋର୍ଟରେ ଅଭିଯୋଗକାରୀ ଅଟନ୍ତି ଓ ସେ କହିଛନ୍ତି ଉତ୍କଳୀୟମ୍ ଫାଉଣ୍ଡେସନ ହେଉଛି ସର୍ବଦା ଅବହେଳିତଙ୍କ ସ୍ୱର ହୋଇ କାର୍ଯ୍ୟ କରୁଛି। ତେଣୁ ଉକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଆଇନତଃ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ପଚାଶ ଲକ୍ଷ ଟଙ୍କାର କ୍ଷତିପୂରଣ ପାଇଁ ଉତ୍କଳୀୟମ୍ ଫାଉଣ୍ଡେସନ ତରଫରୁ ମାନ୍ୟବର ନ୍ୟାୟାଳୟରେ ପ୍ରାର୍ଥନା ହୋଇଛି।

## ଅଜଣା ଗାଡ଼ି ଧକ୍କାରେ ମାଛ ବ୍ୟବସାୟୀ ଗୁରୁତର



**କୋଣାର୍କ, ୧୯।୭/ଏନ୍‌ଏନ୍‌ଏସ୍:** କୋଣାର୍କ ଥାନା ଅଧିନ ବଗଲେଇ ଛକ ଠାରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଅଜଣା ବାଇକି ଧକ୍କାରେ ଜଣେ ମାଛ ବ୍ୟବସାୟୀ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ସୂଚନା ମୁତାବକ ବାଲିପାଟଣା ଥାନା ଅଞ୍ଚଳର ଅଶୋକ ନାୟକ(୫୦) ସବୁଦିନ ପରି କୋଣାର୍କ ଚନ୍ଦ୍ରଭାଗାରୁ ମାଛ ନେଇ ନିଜ ଗ୍ରାମକୁ ବ୍ୟବସାୟ କରିବା ପାଇଁ ଫେରୁଥିବା ସମୟରେ କୋଣାର୍କ ଥାନା ଅଧୀନ ବଗଲେଇ ଛକଠାରେ ନିମାପଡ଼ା ଆଡୁ ଦ୍ରୁତଗତିରେ ଆସୁଥିବା ଏକ ଅଜଣା ବାଇକ୍ ଅଶୋକଙ୍କ ବାଇକ୍‌କୁ ସମ୍ମୁଖରୁ ଧକ୍କାଦେଇ ସେଠାରୁ ଦ୍ରୁତଗତିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଗୁରୁତର ହୋଇ ପଡିରହିଥିବା ଅଶୋକଙ୍କୁ ସ୍ଥାନୀୟ ଲୋକ ଚମ୍ପାହାର ଅଗ୍ନିଶମ ବାହିନୀ ସହାୟତାରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ କୋଣାର୍କ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

## ଖୋର୍ଦ୍ଧା ଜିଲ୍ଲାରେ ଖରିଫ୍ ଧାନ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର

**ଖୋର୍ଦ୍ଧା, ୧୯।୭/ଏନ୍‌ଏନ୍‌ଏସ୍:** ଚଳିତ ୨୦୨୫ ଖରିଫ ଚାଷ ନିମନ୍ତେ ଚାଷୀ ମାନଙ୍କ ପଞ୍ଜିକରଣ ଚଳିତ ମାସ ୧୯ ତାରିଖ ଠାରୁ ପ୍ରାଥମିକ କୃଷି ସମବାୟ ସମିତି ସ୍ତରରେ ଆରମ୍ଭ କରାଯିବ। ଚାଷୀ ପଞ୍ଜିକରଣ ସଂପୂର୍ଣ୍ଣ ନୂତନ ମାର୍ଗଦର୍ଶିକା ଅନୁଯାୟୀ କରାଯିବ, ଯେଉଁଥିରେ ସମସ୍ତ ଚାଷୀ ସେମାନଙ୍କର ନାମ ନୂତନ ଭାବେ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିପାରିବେ। ପଞ୍ଜିକରଣ ନିମନ୍ତେ ଚାଷୀ ମାନଙ୍କର ଇ-କେୱାଇସି ମାଧ୍ୟମରେ ଆଧାର ଭେରିଫିକେସନ କରାଯିବ ଓ ଧାନ ବିକ୍ରୟ ପ୍ରାପ୍ୟ ବାବଦକୁ ଚାଷୀର ଆଧାର ଲିଙ୍କ ଥିବା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ପଞ୍ଜିକରଣ ଜୁଲାଇ ୧୯ ତାରିଖ ଠାରୁ ଆରମ୍ଭ କରାଯାଇ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପଞ୍ଜିକୃତ ଚାଷୀ ମାନଙ୍କୁ ଏକ ରସିଦ ପ୍ରଦାନ କରାଯିବ ଯେଉଁଥିରେ ଚାଷୀ ଦେଇଥିବା ଜମିର ପରିମାଣ ସମ୍ବନ୍ଧରେ ଉଲ୍ଲେଖ କରାଯିବ। ପଞ୍ଜିକରଣ ନିମନ୍ତେ ପ୍ୟାକ୍ସ ସମ୍ପାଦକ ଓ ଡାଟାଏଣ୍ଟ୍ରି ଅପରେଟରମାନଙ୍କୁ ୧୮.୭.୨୦୨୫ ରିଖ ଦିନ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ଉପ ସହକାରୀ ନିବନ୍ଧକ ସମବାୟ ସମିତି ଅଳକାନନ୍ଦା ଜେନା, ସହକାରୀ ନିବନ୍ଧକ ଭଗବତ ମାରାଣ୍ଡି, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ସହ ଟ୍ରେନର ରଶ୍ମିତ କୁମାର ଉପସ୍ଥିତ ରହି ସମସ୍ତ ଚାଷୀଙ୍କର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଜିକରଣ ସଂପୂର୍ଣ୍ଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଶିବିରରେ ଖୋର୍ଦ୍ଧା ବ୍ଲକ କାଇପଦର ସେବା ସମବାୟ ସମିତି ସମ୍ପାଦକ ୱଜ ସାମନ୍ତରାୟ, ବିଶ୍ୱନାଥ ମହାରଣା, ଖୋର୍ଦ୍ଧା ଓ ପଲାତୋଟାପଡ଼ା, ନିତ୍ୟାନନ୍ଦ ଦାଶ, ଆର୍‌ଏମ୍‌ସି ବାଲୁଗାଁ, ସମ୍ପାଦକ ଅନିଲ କୁମାର ରାଉତ, ଜ୍ୟୋତିର୍ମୟୀ ଲେଙ୍କା, ସୁଶ୍ରୀ ସାଗରିକା ପରିଡ଼ା, ସୁଚିସ୍ମିତା ସାହୁ, କାର୍ତ୍ତିକ ପ୍ରଧାନ, ସୁବାସ ପରିଡ଼ା, ରୋହିତ ପଟ୍ଟନାୟକ, ବିଭୂତି ସେନାପତି, ବୁଧିବାମନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



# ବଲଙ୍ଗା ନିଆଁକୁ ନେଇ ଜୋର୍‌ଧରିଲା ରାଜନୀତି

ଓଡ଼ିଶାରେ ପୁଣି ଲଜ୍ଜା । ବାଲେଶ୍ୱର ପରେ ପୁରୀ ଜିଲ୍ଲା ବଲଙ୍ଗାରେ ଅମାନବୀୟ କାଣ୍ଡ । ଜଣେ ନାବାଳିକାଙ୍କ ସହ ଘଟିଛି ଏକ ଜଘନ୍ୟ ଏବଂ ଅବର୍ଣ୍ଣନୀୟ ଅଘଟଣ ।ଶନିବାର ଜଣେ ନାବାଳିକାଙ୍କ ଶରୀରରେ ନିଆଁ ଲଗାଇ ଦେଇଛନ୍ତି ଦୁର୍ବୃତ୍ତ । ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ବର୍ଣ୍ଣ ୟୁନିଟରେ ଭର୍ତ୍ତି କରାଯାଇଛି । ତେବେ ଏହାକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି । ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଏପରିକି ଆଜି ଏମ୍ସ ବର୍ଣ୍ଣ ୟୁନିଟ ସମ୍ମୁଖରେ ବିଜେଡି ଓ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି



**ଭୁବନେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାକୁ ଏକ ସପ୍ତାହ ନପୂରୁଣୁ ଆଜି ପିପିଲି ନିକଟବର୍ତ୍ତୀ ବଲଙ୍ଗାଠାରେ ଜଣେ ନାବାଳିକାକୁ ତିନିଜଣ ଦୁର୍ବୃତ୍ତ କିରୋସିନି ଢାଳି ଜିଅନ୍ତା ଜାଳି ଦେବାକୁ ଉଦ୍ୟମ ହୋଇଛି । ଏହାକୁ ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଏହି ଘଟଣାରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ଅସୁରକ୍ଷିତ ହୋଇ ପଡ଼ିଥିବା ସ୍ପଷ୍ଟ ହେଉଛି ବୋଲି ବିଜେଡି କହିଛି ।ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଟୁକୁନି ସାହୁ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ଶ୍ରୀମତୀ ଟୁକୁନି ସାହୁ କହିଛନ୍ତି ବଲାଙ୍ଗା ଠାରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରାଯାଇଛି । ଏହା ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ସଦ୍ୟତମ ନମୁନା । ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟରେ ମହିଳା ସୁରକ୍ଷା ଏବେ ବିପଦରେ ପଡ଼ିଛି । ଶ୍ରୀମତୀ ଦାସ କହିଛନ୍ତି ଯେ ବର୍ତ୍ତମାନ ପୀଡ଼ିତା ନାବାଳିକା ଛାତ୍ରୀ ଜଣଙ୍କ ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଦେହ ପ୍ରାୟ ୭୦ରୁ ୭୫% ପୋଡି ଯାଇଛି ବୋଲି ଏମ୍ସ ତରଫରୁ ସୂଚନା ଦିଆଯାଇଛି । ତାଙ୍କୁ ତୁରନ୍ତ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇ ତୁରନ୍ତ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉ । ତାଛଡ଼ା ଏହି ଅପରାଧରେ ସମ୍ପୃକ୍ତ ଅପରାଧୀ ମାନଙ୍କୁ ତୁରନ୍ତ ଗିରଫ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀମତୀ ଦାସ କହିଥିଲେ ।

## ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ମହିଳା କଂଗ୍ରେସ



**ଭୁବନେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ବଲଙ୍ଗା ଅଞ୍ଚଳରେ ନାବାଳିକାଙ୍କ ଦେହରେ ନିଆଁ ଲଗାଇବା ମାମଲାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାସଭବନକୁ ମହିଳା କଂଗ୍ରେସ ଘେରିଛି । ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ କର୍ମୀମାନେ ଶ୍ରୀମତୀ ପରିଡ଼ାଙ୍କ ବାସଭବନ ଉପରକୁ ଟମାଟୋ ମାଡ଼ କରିଛନ୍ତି । ଜବାବରେ କଂଗ୍ରେସର କିଛି ମହିଳା କର୍ମୀଙ୍କୁ ପୁଲିସ ଉଠାଇ ନେଇଛି । ପୀଡ଼ିତା ଛାତ୍ରୀ ଜଣଙ୍କ ୭୨ ଭାଗ ପୋଡିଯାଇଥିବାବେଳେ ଏମ୍ଏସ୍‌ରେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି । ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏକ ମହିଳା ଦଳ ଯାଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ପ୍ରଭାତୀ ପରିଡ଼ାଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଥିଲେ । ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବିଗିଡି ଯାଇଥିବାବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟ ହୋଇପଡ଼ିଛି । ଏଭଳି ସରକାର ଶାସନ ଗାଦିରେ ବସିବାର ସମସ୍ତ ନୈତିକ ଅଧିକାର ହରାଇ ବସିଛନ୍ତି ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି ।

## ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

**ଭୁବନେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ଛାତ୍ରୀଙ୍କୁ ନିଆଁ ଲଗାଇ ଦେବା ଘଟଣାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଅତ୍ୟନ୍ତ ଉଦ୍‌ବେଗ ପ୍ରକାଶ କରିବା ସହ ଏଭଳି ସ୍ପଶକାତର ଘଟଣାର ତଥ୍ୟ ଅନୁଧ୍ୟାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ଏହି କମିଟି ତତ୍କାଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କୁ ଭେଟିବାକୁ ଶ୍ରୀ ଦାସ ଦାୟିତ୍ୱ ଦେଇଥିଲେ ।




ତଦନୁଯାୟୀ ଉକ୍ତ କମିଟି ପୀଡ଼ିତା ଚିକିତ୍ସିତ ହେଉଥିବା ଭୁବନେଶ୍ୱର ଏମ୍ସ୍ ଡାକ୍ତରଖାନାକୁ ଯାଇ ପୀଡ଼ିତାଙ୍କୁ ଭେଟି ଘଟଣା ସଂପର୍କରେ ପଚାରି ବୁଝିଥିଲେ । ସେହିପରି ପରିବାରବର୍ଗଙ୍କ ସହିତ ଆଲୋଚନା କରି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ । ଆଜିର ଏହି ତଥ୍ୟ ଅନୁଧ୍ୟାନ ସମୟରେ କମିଟିର ଅଧ୍ୟକ୍ଷ ଶ୍ରୀକାନ୍ତ ଜେନାଙ୍କ ସମେତ ସଭ୍ୟ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି, ୟାସିର ନୱାଜ, ରଞ୍ଜିତ ପାତ୍ରଙ୍କ ସମେତ ବିଧାୟିକା ସୋଫିଆ ଫିର୍ଦୌଷ, ସୋନାଲି ସାହୁ, ମନିଷା ଦାସ ପଟ୍ଟନାୟକ ଓ ଉଦ୍ଦିତ ପ୍ରଧାନ ପ୍ରମୁଖ ହସ୍ପିଟାଲ ଯାଇଥିଲେ ।

## 'ରାଜ୍ୟରେ ଛାତ୍ରୀ ଓ ମହିଳା ଅସୁରକ୍ଷିତ'




**ଭୁବନେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଯେ ପ୍ରଶାସନ ସ୍ଥାଣୁ ପାଲଟି ଯାଇଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି । ରାଜ୍ୟରେ ଛାତ୍ରୀ ଓ ମହିଳା ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି । ପୁଲିସ ଓ ପ୍ରଶାସନକୁ ଆଉ ଭୟ କରୁନାହାନ୍ତି ଅପରାଧୀ । ରାଜ୍ୟ ସରକାର ସମ୍ବେଦନଶୂନ୍ୟ ହୋଇ ସୁଶାସନର ଡିଣ୍ଡିମ ପିଟି ଚାଲିଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି ।

## 'ଘଟଣାକୁ ସରକାର ଗମ୍ଭୀରତାର ସହ ନେଇଛନ୍ତି'




**ଭୁବନେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ପୁରୀଜିଲ୍ଲା ବଲଙ୍ଗା ଅଞ୍ଚଳରେ ଆଜି ପୂର୍ବାହ୍ଣରେ ଘଟିଥିବା ଘଟଣା ନେଇ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଃଖ ପ୍ରକାଶ କରିଛନ୍ତି । ଏନେଇ ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିବା ସହିତ ଲେଖିଛନ୍ତି, ଏହି ଅଭାବନୀୟ ଘଟଣାରେ ମୁଁ ଦୁଃଖିତ ଓ ମର୍ମାହତ । ଏହି ଘଟଣାକୁ ସରକାର ଗମ୍ଭୀରତାର ସହ ନେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏମ୍ସ ହସ୍ପିଟାଲରେ ନାବାଳିକାଙ୍କ ଚିକିତ୍ସା ଚାଲୁଅଛି । ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରନ୍ତୁ, ଏହା ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ବୋଲି ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

## କ୍ଷୋଭ ପ୍ରକାଶ କଲେ ନବୀନ



**ଭୁବନେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ବଲଙ୍ଗା ଅଞ୍ଚଳରେ ନାବାଳିକା ପୋଡ଼ି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସ୍ପଷ୍ଟ ଦିବାଲୋକରେ ପୀଡ଼ିତାଙ୍କୁ ହତ୍ୟା ଉଦ୍ୟମ ହୋଇଛି । ଏଫ୍ଏମ୍ କଲେଜରେ ଜଣେ ଯୁବତୀ ନ୍ୟାୟ ନ ପାଇ ସମସ୍ତ ଦ୍ୱାରରେ ଦ୍ୱାରସ୍ଥ ହେବା ପରେ ନିଜକୁ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ଭୟାବହ ଘଟଣାର ଏକ ସପ୍ତାହ ମଧ୍ୟରେ ଏହା ଘଟିଛି । ସେ କହିଛନ୍ତି ସପ୍ତାହକ ଭିତରେ ସ୍ପଷ୍ଟ ଦିବାଲୋକରେ ଦୁଇଟି ଘଟଣା ଘଟିଲା । ପ୍ରତ୍ୟେକ ଦିନ ମହିଳା ନିର୍ଯାତନା ଖବର ସାମ୍ନାକୁ ଆସୁଛି । ଏହା କେବଳ ହିଂସା ନୁହେଁ ହୁଗୁଳା ଶାସନ ବ୍ୟବସ୍ଥା ବୋଲି ଦର୍ଶାଇଛନ୍ତି ନବୀନ । ନବୀନ କହିଛନ୍ତି ଶାସନ ଚଳାଇବାରେ ସରକାର ପୁରା ବିଫଳ । ପ୍ରତିଦିନ ଅକଳ୍ପନୀୟ ଘଟଣା ମହିଳାଙ୍କ ବିରୋଧରେ ଘଟୁଛି । ବର୍ତ୍ତମାନର ସରକାରରେ ଅପରାଧୀ ଭୟ କରୁ ନାହାନ୍ତି । ଓଡ଼ିଶା ସରକାର ଗଭୀର ନିଦରୁ ଜାଗି ଅପରାଧୀମାନଙ୍କୁ ଗିରଫ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏଭଳି ଘଟଣା ପୁନରାବୃତ୍ତି ନ ହେବ ସେନେଇ ସରକାର ପ୍ରୟାସ କରିବେ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି ।

## 'କାର୍ଯ୍ୟାନୁଷ୍ଠାନ ନେବେ ସରକାର'



**ଭୁବନେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବଲଙ୍ଗା ଘଟଣାରେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ ନାବାଳିକାଙ୍କ ଉପରେ ଏଭଳି ଅତ୍ୟାଚାର ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଆମ ସରକାର ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ କାର୍ଯ୍ୟାନୁଷ୍ଠାନ ନେବେ । ନ୍ୟାୟ ସୁନିଶ୍ଚିତ କରିବା ଆମର ପ୍ରଥମ ଦାୟିତ୍ୱ । ଅପରାଧୀ ଯେପରି ଦୃଷ୍ଟାନ୍ତମୂଳକ ଦଣ୍ଡ ପାଆନ୍ତୁ ଆମେ ଚେଷ୍ଟା କରିବୁ ବୋଲି ଶ୍ରୀ ସାମଲ କହିଛନ୍ତି ।

## 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' କର୍ମଶାଳା



**ଭୁବନେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ଭୁବନେଶ୍ୱରର ଖାରବେଳ ଭବନରେ ଶନିବାର "ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା" ବିଷୟବସ୍ତୁ ଉପରେ ଏକ ଉଚ୍ଚସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଉଷା ପାଢୀ ଅଧ୍ୟକ୍ଷତା କରିଥିଲେ ଏବଂ ଭିଜନ ଡକ୍ୟୁମେଣ୍ଟର ରଣନୈତିକ ଜ୍ଞାନ ଅଂଶୀଦାର ମ୍ୟାକକିନସେ ଆଣ୍ଡ କମ୍ପାନୀର ବିଶେଷଜ୍ଞମାନେ ସହଯୋଗ କରିଥିଲେ । ଏହି କର୍ମଶାଳାର ଲକ୍ଷ୍ୟ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଲକ୍ଷ୍ୟ ସହିତ ଓଡ଼ିଶାର ବିକାଶମୂଳକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ବିଷୟରେ ଦୁଇ ବିଭାଗ ତରଫରୁ ଆଲୋଚନା ହୋଇଥିଲା । ଏହି ଅଧିବେଶନରେ ରାଜ୍ୟର ଦୀର୍ଘକାଳୀନ ଆକାଂକ୍ଷାକୁ ରୂପରେଖା ଦିଆଯାଇଥିଲା, ଯେଉଁଥିରେ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଜିଏସଡିପି ହାସଲ କରିବା, ଭାରତର ଜିଡିପିରେ ୫% ଯୋଗଦାନ ଦେବା ଏବଂ ୧ କୋଟିରୁ ଅଧିକ ଅଣ-କୃଷି ନିଯୁକ୍ତି ସୃଷ୍ଟି କରିବା ଅନ୍ତର୍ଭୁକ୍ତ । 'ଭିଜନ ୨୦୩୬ ଏବଂ ୨୦୪୭' ଛଅଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଧାରିତ - ପ୍ରଥମେ ଲୋକ, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କ ପାଇଁ ସମୃଦ୍ଧି, ଐତିହ୍ୟ, ପ୍ରଯୁକ୍ତି-ନେତୃତ୍ୱାଧୀନ ଅଭିବୃଦ୍ଧି, ଏବଂ ଲୋକ-କେନ୍ଦ୍ରିକ ଶାସନ । ଏକ ପ୍ରମୁଖ ଆକର୍ଷଣ ଥିଲା '୩୬ ପାଇଁ ୩୬' ପ୍ରମୁଖ କାର୍ଯ୍ୟକ୍ରମର ଉପସ୍ଥାପନା, ଯାହା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ଦକ୍ଷତା, କୃଷି ଏବଂ ଜଳବାୟୁ ଭଳି କ୍ଷେତ୍ରଗୁଡ଼ିକରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା ।

କର୍ମଶାଳା ସମୟରେ ଅଂଶଗ୍ରହଣକାରୀମାନେ ନମୁନା କାର୍ଯ୍ୟକାରୀ ମଡେଲଗୁଡ଼ିକର ସମୀକ୍ଷା କରିଥିଲେ, ଯେଉଁଥିରେ ସମ୍ବଲପୁର ମହାନଗର ନିଗମ ପାଇଁ ଏକ ବିସ୍ତୃତ ଯୋଜନା ଅନ୍ତର୍ଭୁକ୍ତ ଥିଲା, ଯାହା ଦର୍ଶାଇଥିଲା ଯେ କିପରି ବିଭିନ୍ନ ଦୃଷ୍ଟିକୋଣ ଭୂମିଗତ କାର୍ଯ୍ୟରେ ପରିଣତ ହେବ ।

ଶ୍ରୀମତୀ ପାଢୀ ସମୟୋଚିତ ବିତରଣ ଏବଂ ମାପଯୋଗ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ଦୃଢ଼ ସଂସ୍ଥାଗତ କ୍ଷମତା, ତଥ୍ୟ-ଚାଳିତ ଶାସନ ଏବଂ ବିଭାଗ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ ରିଅଲ୍-ଟାଇମ୍ ଡ୍ୟାସବୋର୍ଡ, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଏକ ସମ୍ପୂର୍ଣ୍ଣ-ସରକାରୀ ଆଭିମୁଖ୍ୟ ଭଳି ଯନ୍ତ୍ରପାତିର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା ।

## ସୌମ୍ୟାଶ୍ରୀଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ



**ବାଲେଶ୍ୱର, ୧୯।୭/ଏନ୍ଏନ୍ଏସ୍:** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଦ୍ୱିତୀୟ ବର୍ଷର ଦିବଙ୍ଗତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରିବାରକୁ ଶନିବାର ସହାୟତାରାଶି ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ସହାୟତା ରାଶି ୨୦ ଲକ୍ଷ ଟଙ୍କାର ଚେକ୍ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶନିବାର ପଳାସିଆ ଗାଁକୁ ଯାଇ ସୌମ୍ୟାଶ୍ରୀଙ୍କ ବାପାଙ୍କୁ ଦେଇଛନ୍ତି । ଏହି ସହାୟତା ରାଶି ପ୍ରଦାନ ବେଳେ ବଡ଼ସାହି ବିଧାୟକ ସନାତନ ବିଜୁଳି, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ସମେତ ବାଲେଶ୍ୱର ଉପ ଜିଲ୍ଲାପାଳ ଏବଂ ତହସିଲଦାର ଭୋଗରାଇ ତଥା ସ୍ଥାନୀୟ ନେତୃବର୍ଗ ଗ୍ରାମବାସୀ ଉପସ୍ଥିତ ଥିଲେ । ଏଥିସହ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍ କ୍ରସରୁ ୨୫୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ।

# ଓଡ଼ିଶାରେ ଶ୍ୱେତ ବିପ୍ଳବର କର୍ଣ୍ଣଧାର ହେଉଛି ଓମ୍‌ଫେଡ୍:ମୁଖ୍ୟମନ୍ତ୍ରୀ

### ନ୍ୟାସ୍‌ନାଲ୍ ଡେରୀ ଡେଭ୍‌ଲପ୍‌ମେଣ୍ଟ ବୋର୍ଡ଼-ଓମ୍‌ଫେଡ୍ ଏମ୍‌ଓୟୁ

### କାମଧେନୁ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,କଟକ, ୧୯।୭/ଏନ୍ଏନ୍ଏସ୍:** ଓଡ଼ିଶାରେ ଶ୍ୱେତ ବିପ୍ଳବର କର୍ଣ୍ଣଧାର ହେଉଛି ଓମ୍‌ଫେଡ୍ । ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ଓମ୍‌ଫେଡ୍ ଡ୍ରାଇଭିଙ୍ଗ ଫୋର୍ସ ସାଜିଛି । ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ନେଇ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦିଆଯାଇ ରାଜ୍ୟର ଗୋ ଅର୍ଥନୀତିକୁ ସମୃଦ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ଠାରେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ଼ (ଏନ୍‌ଡିଡିବି) ଏବଂ ଓମ୍‌ଫେଡ ମଧ୍ୟରେ ଅନୁଷ୍ଠିତ ଚୁକ୍ତିନାମା ଅବସରରେ କହିଛନ୍ତି ।

ଓମ୍‌ଫେଡ୍ ସହିତ ଏହି ଚୁକ୍ତିନାମା ଜରିଆରେ ନେସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ ଓଡିଶାର ଦୁଗ୍ଧ ଚାଷୀମାନଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର, ସହିୱାଲ୍ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଈ ଯୋଗାଇଦେବ । ଏଥିସହିତ ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଏକ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟର ବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘ ମାନଙ୍କୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନୋଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନର ଉଦ୍‌ଘାଟନ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ ସମସ୍ତ ସୁବିଧା ଦ୍ୱାରା ରାଜ୍ୟର ଚାଷୀମାନଙ୍କ ଠାରୁ ଯଥେଷ୍ଟ ଅଧିକ ପରିମାଣର ଦୁଗ୍ଧ ସଂଗ୍ରହ କରାଯାଇପାରିବ । ଏବେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୭୨ ଲକ୍ଷ ଲିଟର ରହିଛି । କିନ୍ତୁ ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଏବଂ ୨୦୪୭ ସୁଦ୍ଧା ଏହାକୁ ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଆମର ଲକ୍ଷ୍ୟ । ଦୀର୍ଘ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧଚାଷୀ ମାନଙ୍କ ଆର୍ଥିକ ବିକାଶରେ ଓମ୍‌ଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଆସୁଛି । ଏବେ ଓମ୍‌ଫେଡ୍ ଉତ୍ପାଦ ଗୁଡିକର ବିବିଧକରଣ କରିବା ସହିତ ଗୁଣ୍ଡ ଦୁଗ୍ଧ, ପନିର, ବଟର, ଛେନା ପୋଡ, ଆଇସ୍‌କ୍ରିମ୍, ସୁବାସିତ ଦୁଗ୍ଧ, ମିଠା ଦହି, ପେଡା, ରାବିଡି ଆଦି ଅନେକ ଉତ୍ପାଦ ପ୍ରସ୍ତୁତ କରୁଛି । ଯୁବବର୍ଗ ମଧ୍ୟ ଏହା ମାଧ୍ୟମରେ ଭଲ ରୋଜଗାର କରିପାରୁଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ ଟନ ଘିଅ ଯୋଗାଇ ଦେବାକୁ ଓମ୍‌ଫେଡ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନୁଷ୍ଠାନିକ ଭାବେ କାମଧେନୁ ଯୋଜନାକୁ ଉଦଘାଟନ କରି କହିଲେ ରାଜ୍ୟରେ ଗୋପାଳନର ବିକାଶ ଏବଂ ଦୁଗ୍ଧ ଉତ୍ପାଦନରେ ଓମଫେଡ଼ ଅଗ୍ରଣୀ ସ୍ଥାନ ଅଧିକାର କରିଛି । ଦୀର୍ଘ ୪୫ବର୍ଷ ହେବ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଓମଫେଡ଼ ସଫଳତା ହାସଲ କରିଛି । ୨୦୨୪-୨୫ ବର୍ଷରେ ରାଜ୍ୟରେ ୩ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୭୧କୋଟି ଟଙ୍କା ସହାୟତା ଯୋଗାଇ ଦିଆଯାଇଛି । ସରକାରଙ୍କ କାମଧେନୁ ଯୋଜନା ଏକ ବୃହତ ଯୋଜନା । ଏହି ଯୋଜନାରେ ଦୁଗ୍ଧ ଚାଷୀମାନେ ବେଶ ଉପକୃତ ହୋଇପାରିବେ । ଏହି ଯୋଜନା ଗୋପାଳନ, ମଇଁଷି ପାଳନ, ଗାଈ ବାଛୁରୀ, ଘାସ ଚାଷ ଓ ଗୋପାଳନକୁ ଆର୍ଥିକ ପ୍ରୋତ୍ସାହନ କରି ଉତ୍ପାଦନ ସହାୟତା ଯୋଗାଇବା ୭୦% ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯିବ ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ ସହଯୋଗରେ ଓମ୍‌ଫେଡ୍ ପକ୍ଷରୁ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରିବାର ଯୋଜନା ରଖାଯାଇଛି । ଗୋବରରୁ ଗ୍ୟାସ ଉତ୍ପାଦନ କରି ନିଜେ ବ୍ୟବହାର କରିବା ସହ ବଳକା ଗ୍ୟାସ ମଧ୍ୟ ବିକ୍ରି କରିପାରିବେ । ଗୋବରରୁ ବାୟୋଗ୍ୟାସ ବାହାରିବା ପରେ ଗୋବର ମଣ୍ଡକୁ ଚାଷ ଜମିରେ ବ୍ୟବହାର କରି ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି କରାଯାଇ ପାରିବ । ଏହା ଦ୍ୱାରା ରାଜ୍ୟର ଗୋ-ପାଳକମାନେ ଗୋବରରୁ ମଧ୍ୟ ଆୟ କରିପାରିବେ । ଏହାଦ୍ୱାରା ରାଜ୍ୟର ଗୋ - ଅର୍ଥନୀତି ସମୃଦ୍ଧ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ଏବଂ ଲୋକାଭିମୁଖୀ ଯୋଜନା ଫଳରେ ଦେଶରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ ୪୭୧ ଗ୍ରାମ ରହିଛି । ଯାହା ବିଶ୍ୱର ହାରାହାରି ଉପଲବ୍ଧତା ଠାରୁ ଢେର ଅଧିକ । ରାଜ୍ୟ ସରକାର ମଧ୍ୟ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀ ମାନଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଏହାଦ୍ୱାରା ରାଜ୍ୟର ପ୍ରାୟ ୧୫ ଲକ୍ଷ ଗୋପାଳକ ଉପକୃତ ହୋଇପାରିବେ । ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ସହାୟତା ପାଇସାରିଲେଣି । ଗାଈଗୋରୁଙ୍କ ସୁରକ୍ଷା ସହ ପରିଚାଳନା ଏବଂ ଚିକିତ୍ସା ପାଇଁ ମଧ୍ୟ ଆମ ସରକାର ଗୋମାତା ଯୋଜନା ଲାଗୁ କରିଛନ୍ତି । ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ପଞ୍ଜୀକୃତ ଗୋଶାଳାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାଣିକଲ୍ୟାଣ ଯୋଜନାରେ ସହାୟତା ଦେବାକୁ ଲକ୍ଷ୍ୟ ରଖିଛନ୍ତି । ଏସମସ୍ତ ପଦକ୍ଷେପ ରାଜ୍ୟର ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବ ବୋଲି ସେ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡ୍ ଡେରୀ ପ୍ଲାଣ୍ଟର କର୍ମଚାରୀ ମାନଙ୍କ ପାଇଁ ୬୨ଟି କ୍ୱାର୍ଟରର ମଧ୍ୟ ଉଦ୍‌ଘାଟନ କରିବା ସହିତ ସେଠାରେ ନୂତନ ଦୁଗ୍ଧ ଟ୍ୟାଙ୍କର ଏବଂ ମିଲ୍କ ପାଉଡର ପ୍ୟାକିଙ୍ଗ ମେସିନ ଗୁଡିକର ଉଦଘାଟନ କରଥିଲେ । ଏଥିସହିତ ଓମ୍‌ଫେଡ୍ କେନ୍ଦ୍ର ବୈଠକ ଗୃହ ଠାରେ ବିଭାଗୀୟ ଅଧିକାରୀ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ, ସମସ୍ତ ଦୁଗ୍ଧ ଚାଷୀ ମାନଙ୍କ ସହ କଥା ହୋଇ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଟକ ସାଂସଦ ଭର୍ତ୍ତୃହରି ମହତାବ, ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେରୀ ସର୍ଭିସେସ୍ ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ, ବିଜୟ ଅମୃତ କୁଲାଙ୍ଗେ, ଓମ୍‌ଫେଡ୍ ର ପରିଚାଳନା ସମିତି ସଦସ୍ୟଗଣ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧ୍ୟକ୍ଷଗଣ ପ୍ରମୁଖ ଉପସ୍ଥିତ ଥିଲେ ।

## ଚକ୍ଷୁ ପରୀକ୍ଷା ଶିବିର



**ପୁରୁଷୋତ୍ତମପୁର,୧୯।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମା' କନକା ଅଟୋ ମୋବାଇଲ ସଂଘ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ହିଞ୍ଜିଳିକାଟୁ ଶଙ୍କର ଚକ୍ଷୁ ଚିକିତ୍ସାଳୟର ପ୍ରାଥମିକ ଚକ୍ଷୁ ପରୀକ୍ଷା କେନ୍ଦ୍ର ଦ୍ୱାରା ସ୍ଥାନୀୟ ଅଟୋ ଚାଳକ ସଂଘର ସଂଯୋଜନାରେ ଶିବିର ଆୟୋଜିତ ହୋଇଯାଇଛି । ଡ୍ରାଇଭରମାନଙ୍କ ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କୁ ଚକ୍ଷୁର ସୁରକ୍ଷା ସମ୍ପର୍କିତ ଆବଶ୍ୟକୀୟ ପରାମର୍ଶ ଦିଆଯିବା ସହ କେତେକ ପରଳ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଥିଲେ । ପ୍ରତିଦିନ ପରିଷ୍କାର ପାଣିରେ ଆଖିକୁ ଭଲଭାବେ ଧୋଇବା, ଉପଯୁକ୍ତ ଚଷମା ନିୟମିତ ବ୍ୟବହାର, ଧୂମପାନ ନ କରିବା ଏବଂ ଘରୋଇ ଉପଚାର ଯଥା କ୍ଷୀର, ମହୁ, ଗୋଲାପ ଜଳ ଇତ୍ୟାଦିକୁ ଆଖିରେ ବ୍ୟବହାର ନ କରିବା, ଯଦି କାହାର ଆଖି ଜନିତ ସମସ୍ୟା ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବାକୁ ଉପଦେଶ ଦିଆଯାଇଥିଲା । ଶିବିର ପରିଚାଳନାରେ ଅଟୋ ଚାଳକ ସଂଘର ସଭାପତି ସଞ୍ଜୟ କୁମାର ଗୌଡ଼, କାର୍ଯ୍ୟକାରୀ ସଭାପତି ବାଲେଶ୍ୱର ରାଓ, ସମ୍ପାଦକ ଉଦ୍ଧବ ବେହେରା, ସହସମ୍ପାଦକ ଜଗନ୍ନାଥ ପାତ୍ର, କୋଷାଧକ୍ଷ ଅରୁଣ କୁମାର ବେହେରା, ଉପଦେଷ୍ଟା ଭାସ୍କର ବେହେରା, ଅମୂଲ୍ୟ ଦାଶଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର୍ ଚିତ୍ରସେନ ଗୌଡ଼, ଷ୍ଟାଫ ସାଗର ମହାନ୍ତି, ଦୀପକ କୁମାର ଦାଶ, ଗଣେଶ୍ୱର ସାହୁ ଓ ଜଗନ୍ନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସେବା ଯୋଗାଇଥିଲେ ।

### ଭାଇ ମୃତ୍ୟୁର ପ୍ରତିଶୋଧ ନେବାକୁ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ

# ଅଭିଯୁକ୍ତ ଗିରଫ: କାତି, ରକ୍ତଭିଜା ସାର୍ଟ ଜବତ

**ବ୍ରହ୍ମପୁର, କୁକୁଡ଼ାଖଣ୍ଡି,୧୯।୭/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ଲାଠି ବେନ୍ଧାଳିଆ ରୋଡ୍ ତଳ ସାହି ଶଙ୍ଖ ନିକଟରେ ଗତକାଲି ଜଣେ ବରିଷ୍ଠ ନାଗରିକଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ଲାଠିପାଢ଼ି ସାହି ଅଞ୍ଚଳର ସୀମାଞ୍ଚଳ ବିଷୋୟୀ(୩୯) ବୋଲି ଜଣାପଡ଼ିଛି । ଗତ ଦୁଇ ମାସ ପୂର୍ବେ କୀଟନାଶକ ଔଷଧ ପିଇ ଭାଇ ମୃତ୍ୟୁର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତ ଏଭଳି କାଣ୍ଡ ଭିଆଇଥିବା ନେଇ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଅଭିଯୁକ୍ତ ନିକଟରୁ ଗୋଟିଏ କାତି ଏବଂ ରକ୍ତଭିଜା ସାର୍ଟ ଜବତ ହୋଇଛି । ଏ ନେଇ ଥାନାରେ କେସ୍ ନଂ-୩୨୧/୨୫ରେ ମାମଲା ରୁଜୁ କରି ଗିରଫ ବ୍ୟକ୍ତିକୁ କୋର୍ଟଚାଲାଣ କରାଯାଇଛି ।

ପ୍ରକାଶ ଯେ ଗତକାଲି ରାତି ପ୍ରାୟ ସାଢ଼େ ୮ଟାରେ ଲାଠି ତଳ ଶଙ୍ଖ ନିକଟରୁ ଲାଠି ଗ୍ରାମର ବରିଷ୍ଠ ନାଗରିକ ତଥା ବ୍ୟବସାୟୀ ଗଙ୍ଗାଧର ପଣ୍ଡା ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିଲେ । ସବୁଦିନ ଭଳି ଗଙ୍ଗାଧର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତ ଲାଠି ପାଢ଼ୀ ସାହି ଅଞ୍ଚଳର ସୀମାଞ୍ଚଳ ବିଷୋୟୀ ତାଙ୍କୁ କାତିରେ ଆକ୍ରମଣ କରିଥିଲେ । ଗଙ୍ଗାଧରଙ୍କ ମୁଣ୍ଡ ଓ ମୁହଁର ବିଭିନ୍ନ ଅଂଶକୁ ଆକ୍ରମଣ କରିବା ଫଳରେ ସେ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ । ଗଙ୍ଗାଧରଙ୍କ ମୃତ୍ୟୁ ହୋଇଯାଇଥିବା ଭାବି ଅଭିଯୁକ୍ତ ସୀମାଞ୍ଚଳ ଘଟଣାସ୍ଥଳରୁ ଚାଲିଯାଇଥିଲା । ଗଙ୍ଗାଧରଙ୍କ ପୁତ୍ର ଅଂଶୁମାନ ସୂଚନା ପାଇଁ ବାପାଙ୍କୁ ଉଦ୍ଧାର କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ । ସେଠାରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା । ଏନେଇ ସେ ସଦର



ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆକ୍ରମଣ ଘଟଣାରେ ସମ୍ପୃକ୍ତ ସୀମାଞ୍ଚଳ ବିଷୋୟୀକୁ ଆଜି ପୁଲିସ୍ ଗିରଫ କରିବାରେ ସଫଳ ହୋଇଛି । ଜେରା ବେଳେ ସେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି କାଣ୍ଡ ଘଟାଇଥିବା ପୁଲିସ୍ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି । ସୀମାଞ୍ଚଳଙ୍କ ଭାଇ ମେହେଙ୍କାଳ ବିଷୋୟୀ ଗତ ଦୁଇ ମାସ ପୂର୍ବେ କୀଟନାଶକ ଔଷଧ ପିଇ ଆତ୍ମହତ୍ୟା କରିଥିଲେ । ମେହେଙ୍କାଳ ପରିବାରିକ ଅଶାନ୍ତିକୁ କେନ୍ଦ୍ରକରି ଗୁରୁତର ଗଙ୍ଗାଧର ପଣ୍ଡା କରିଥିବା ଦୋକାନରୁ ହିଁ କୀଟନାଷକ ଔଷଧ କିଣି ଖାଇବା ପରେ ପ୍ରାଣ ହରାଇଥିଲେ । ଅକାଳରେ ଭାଇର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନଥିଲା ସୀମାଞ୍ଚଳ । ଏହି ଘଟଣାକୁ ନେଇ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ । କୀଟନାଶକ ଔଷଧ ବ୍ୟବସାୟୀ ଗଙ୍ଗାଧର ପଣ୍ଡାଙ୍କୁ ହତ୍ୟା ପାଇଁ ସୁଯୋଗ ଖୋଜୁଥିଲା ଅଭିଯୁକ୍ତ । ଗତକାଲି ଶୁକ୍ରବାର ରାତି ପ୍ରାୟ ସାଢେ ୮ଟାରେ ଗଙ୍ଗାଧର ନିଜ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଲାଠି ତଳ ଶଙ୍ଖ ନିକଟରେ ଛକି ରହିଥିବା ସୀମାଞ୍ଚଳ କାତିରେ ହାଣି ହତ୍ୟା ଉଦ୍ୟମ କରିଥିବା ନେଇ ପୁଲିସ୍ ଜେରା ବେଳେ ସ୍ୱୀକାର କରିଥିବା ଜଣାପଡ଼ିଛି । ଅଭିଯୁକ୍ତକୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଜ୍ଞାନବିଜ୍ଞାନ ମେଳାରେ ୧୩୯ ପ୍ରକଳ୍ପ ପ୍ରଦର୍ଶିତ

**ବୁଗୁଡ଼ା,୧୯।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍ୱପରିସରରେ ୨୮ତମ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି କୋଷାଧକ୍ଷ ତ୍ରିଲୋଚନ ସାହୁ ଯୋଗଦେଇ କୁନି ବିଜ୍ଞାନୀଙ୍କୁ ମାର୍ଗଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ । ବିଜ୍ଞାନ ମେଳାରେ ମୋଟ ୧୩୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥି ମଧ୍ୟରୁ ସର୍ବକନିଷ୍ଠ ବର୍ଗର ୩୫ଟି, କନିଷ୍ଠ ବର୍ଗର ୫୯ଟି , ଶିଶୁ ବର୍ଗର ୨୯ଟି, ବାଲ ବର୍ଗର ୧୩ଟି, କିଶୋର ବର୍ଗର ୩ଟି ପ୍ରକଳ୍ପ ରହିଥିଲା । ଏଥି ସହ ମୂର୍ତ୍ତିକଳା, ପ୍ରଶ୍ନମଞ୍ଚ, ନିବନ୍ଧ ଓ ପତ୍ରବାଚନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମୋଟ ୬୬ ଜଣ ପ୍ରତିଭାଗୀ ରହିଥିଲେ । ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଟ୍ଟନାୟକ, ବିରଞ୍ଚିପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ହୋତା, ପିପୁଲ୍ଲ ହାଇସ୍କୁଲ ବିଜ୍ଞାନ ଶିକ୍ଷକ



ପ୍ରଶାନ୍ତ କୁମାର ଗୌଡ଼, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ଜୟନ୍ତ କୁମାର ପଟ୍ଟନାୟକ, ବ୍ରଜବନ୍ଧୁ ପ୍ରଧାନ, ସନ୍ତୋଷ କୁମାର ପାତ୍ର, ଶ୍ୟାମ ସୁନ୍ଦର ବେହେରା, ରଙ୍କନିଧି ମହାନ୍ତି, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ଅଞ୍ଜଳି କଅଁର, ଶିକ୍ଷୟତ୍ରୀ ସବିତା କର ଓ ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦେଇ ବିଭିନ୍ନ ବର୍ଗର କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ସମାରୋହ ଉତ୍ସବରେ ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଇଓ ସ୍ୱରୂପ ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପସଭାପତି ଅନନ୍ତ କର, ସମ୍ପାଦକ ବିଶ୍ୱ ମୋହନ ମିଶ୍ର, ସଦସ୍ୟା ମଧୁସ୍ମିତା ତ୍ରିପାଠୀ ଓ ସୁଲୋଚନା ଡାକୁଆ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ସହ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଶିଶୁ ମନ୍ଦିରର ବିଜ୍ଞାନ ପ୍ରମୁଖ ଗୁରୁଜୀ ଜଗନ୍ନାଥ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁମା ମଧୁସ୍ମିତା ଦାଶଙ୍କ ସମେତ ସେବାବ୍ରତୀମାନେ ସକ୍ରିୟ ସହଯୋଗ କରିଥିଲେ । ଗୁରୁମା ହରପ୍ରିୟା ମିଶ୍ର ସଂଯୋଜନା, ପ୍ରଧାନାଚାର୍ଯ୍ୟ ଆଟଲ୍ ଲିଙ୍ଗରାଜ ଅତିଥି ପରିଚୟ, ଆଚାର୍ଯ୍ୟ ପ୍ରତିନିଧି ଗୁରୁମା ସୁମତି ମିଶ୍ର ଧନ୍ୟବାଦ୍ ଦେଇଥିଲେ ।

## ଚାଷୀ ପଞ୍ଜିକରଣ ଆରମ୍ଭ

### ଏଣିକି ଇ-କେୱାଇସି ବାଧ୍ୟତାମୂଳକ



**ଆସିକା,୧୯।୭/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୨୫-୨୬ ଖରିଫ ଋତୁରେ ଧାନ ବିକ୍ରୟ କରିବା ଲାଗି ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି । ଆସିକା ବ୍ଲକ ବଡ଼ଖୋଲି, ବରଗାଁ, ଧନିଜା, ହରିଡ଼ାପଦର, ମଙ୍ଗଳପୁର, ବାଲିସିରା, ଗହଙ୍ଗୁ, କାଳଷଣ୍ଢପୁର, ଘଟକୁରି, ଆସିକା, ମୁନିଗାଡି, ନିମିନା, ଜଗଦଲପୁର, ନୂଆଗାଁ, ପାଣ୍ଡିଆପଥର, ଦେବଭୂମୀ, ଗୁଣ୍ଡପଡ଼ା, ବେଣାପାଟ ସେବା ସମବାୟ ସମିତି ସମେତ ୧୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି । ଅନ୍‌ଲାଇନ୍ ଚାଷୀ ପଞ୍ଜିକରଣ ପକ୍ରିୟା ଆସନ୍ତା ଅଗଷ୍ଟ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ନଭେମ୍ବର ମାସ ପ୍ରଥମ ସପ୍ତାହରୁ ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି । ଆସନ୍ତା ସେପ୍ଟେମ୍ବର ମାସ ୯ ତାରିଖ ସୁଦ୍ଧା ଚାଷୀଙ୍କ ତଥ୍ୟ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ଓ ସେପ୍ଟେମ୍ବର ମାସ ୩୦ ତାରିଖ ସୁଦ୍ଧା ଯୋଗ୍ୟ ଚାଷୀଙ୍କ ତାଲିକା ପ୍ରକାଶ ପାଇବ । ଧାର୍ଯ୍ୟ ସମୟସୀମା ମଧ୍ୟରେ ଏକ ନିର୍ଭୁଲ ଓ ଯୋଗ୍ୟ ଚାଷୀ ନାମ ପଞ୍ଜିକରଣ ତାଲିକା ଯେପରି ପ୍ରସ୍ତୁତ ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ସମବାୟ ସମିତି ସମୂହ ଆସିକା ସର୍କଲର ସହକାରୀ ନିବନ୍ଧକ ବିଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଆସିକା ବ୍ଲକ ଓ ଏନ୍‌ଏସି ଅଞ୍ଚଳର ୧୮ଟି ସେବା ସମବାୟ ସମିତି ସମେତ ୧୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଗୋଷ୍ଠୀ ପକ୍ଷରୁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଛି । ପଞ୍ଜିକରଣ ପ୍ରକ୍ରିୟାରେ ଚାଷୀଙ୍କ ଆଧାର ନମ୍ବର ସହ ବ୍ୟାଙ୍କ ଜମାଖାତାକୁ ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି । ଏହାରି ଫଳରେ ଇ-କେୱାଇସି ଅପଡେଟ୍ ହୋଇପାରିବ । ଚାଷୀମାନେ ନିଜ ଅଞ୍ଚଳର ସୋସାଇଟି କାର୍ଯ୍ୟାଳୟରେ ଉପସ୍ଥିତ ରହି ନାମ ପଞ୍ଜିକରଣ କରି ରସିଦ ସଂଗ୍ରହ କରିବେ । ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଏହି ନୂଆ ବ୍ୟବସ୍ଥା ଦ୍ୱାରା ଚାଷୀମାନେ ସେଠାରେ ହିଁ ନିଜର ସମସ୍ତ ଚାଷଜମିର ବିବରଣୀ ପି-ପ୍ୟାକ୍ସ ୱେବସାଇଟରେ ଅପ୍‌ଲୋଡ୍ ହେଲା ନା ନାହିଁ ଜାଣିପାରିବେ । ସେହିଭଳି ସରକାର ଚଳିତ ବର୍ଷ ଭାଗଚାଷୀଙ୍କ କ୍ଷେତ୍ରରେ ନୂଆ ନିୟମ ଧାର୍ଯ୍ୟ କରିଛନ୍ତି । ଯାହାଦ୍ୱାରା ଭାଗଚାଷୀ ଉପକୃତ ହେବାରେ ବିଶେଷ ସହାୟକ ହେବ । କେବଳ ସେତିକି ନୁହେଁ ଯେଉଁ ପରିବାରରେ ୩ ଭାଇ ଅଛନ୍ତି ସେଠି ଅପାତତଃ ସମାନୁପାତିକ ଭାବେ ଜମିର ବିବରଣୀ ପୃଥକ୍ ଭାବେ ୱେବସାଇଟ୍‌ରେ ଦାଖଲ କରାଯିବ ।

## ସହିଦ୍ ଯବାନ ସୁଶାନ୍ତ ଗୌଡ଼ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ବ୍ରହ୍ମପୁର,୧୯।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ପୁଲିସ ବୀର ସହୀଦ ସୁଶାନ୍ତ ଗୌଡ଼ଙ୍କ ୪୨ତମ ଜୟନ୍ତୀ ଅବସରରେ ବଡ଼ବଜାର ଥାନା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି । କାର୍ଯ୍ୟକ୍ରମରେ ବଡ଼ବଜାର ଥାନା ଭାରପ୍ରାପ୍ତ ଅଧିକାରୀ ଭବାନୀ ଶଙ୍କର ସରାଫ, ସହିଦ୍ ସୁଶାନ୍ତ ଗୌଡ଼ଙ୍କ ପିତା ନିରଞ୍ଜନ ଗୌଡ଼,



ଆସିକା ରୋଡ୍ ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ଉମାଶଙ୍କର ପାଣିଗ୍ରାହୀ, ଚିତ୍ତ ରଞ୍ଜନ ସାହୁ, ଟୁନା ପାତ୍ର, ମଦନ ସାହୁ, ପିଣ୍ଟୁ ସାହୁ, ବିଜୟ ଗୋପାଳ, ଅର୍ଜୁନ ପଣ୍ଡା, ସୁଶାନ୍ତ ସାହୁ, ରାକେଶ ସାବତ, ରାଜା ପାଣିଗ୍ରାହୀ, ପ୍ରଶାନ୍ତ ପାଢ଼ୀ, ସମାଜସେବୀ ଗଗନ ପାତ୍ର, ବାବୁଲା ଗୌଡ଼, କାଳୁ ଗୌଡ଼ଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସହିଦ୍ ସୁଶାନ୍ତ ଗୌଡଙ୍କ ବଡ଼ବଜାର ଥାନା ପୂର୍ବତନ ସହ ଅଧିକାରୀ ଧବା ସ୍ୱାଇଁ, ବଡ଼ବଜାର ଥାନା କର୍ମଚାରୀ, ସହିଦ୍ ସୁଶାନ୍ତ ଗୌଡ଼ ସ୍ମରଣିକା ସଂଘ ସଭାପତି ସଞ୍ଜୟ କୁମାର ଦାସ, ବିଜେପି ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ସ୍ମୃତିଚାରଣ କରାଯାଇଥିଲା । ନିଷ୍ଠାପର ସେବା ଯୋଗାଇ ବଳିଦାନ ଦେଇଥିବା ସହୀଦ ବୀର ସୁଶାନ୍ତ ଗୌଡ ଆମ ସମସ୍ତଙ୍କ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବେ ବୋଲି ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ ।

## ଖରିଫ୍ ଜଳସେଚନ ପରିଚାଳନା ସାଧାରଣ ଅଧିବେଶନ

**ବୁଗୁଡା,୧୯।୭/ଏନ୍‌ଏନ୍‌ଏସ୍:** ବାଘୁଆ ଜଳସେଚନ ପ୍ରକଳ୍ପର ଖରିଫ ଜଳସେଚନ ପରିଚାଳନା ନିମନ୍ତେ ଏକ ସାଧାରଣ ଅଧିବେଶନ ଶନିବାର ଦିନ ବୁଗୁଡ଼ା ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ । ବୈଠକରେ ଆଗାମୀ ଖରିଫ ଋତୁରେ ପର୍ଯ୍ୟାୟକ୍ରମେ ଜଳର ସୁଷମ ବଣ୍ଟନ ନେଇ ବିସ୍ତୃତ ଆଲୋଚନା କରିଥିଲେ । ବର୍ତ୍ତମାନ ଜଳଭଣ୍ଡାରରେ ଶତକଡ଼ା ୧୫.୮୭ ମିଟର ଅର୍ଥାତ୍ ୪୯୨.୦୯ ହେକ୍ଟର ମିଟର ଜଳ ଗଚ୍ଛିତ ଥିବା ଯୋଗୁଁ ଚିନ୍ତା ପ୍ରକଟ କରିଥିଲେ । ସମସ୍ତ ଚାଷୀଙ୍କୁ ଜଳସେଚନ ପରିଚାଳନା ସକାଶେ ସହଯୋଗ କରିବା ପାଇଁ ସେ କାମନା କରିଥିଲେ । ସଭାରେ ସର୍ବସମ୍ମତିକ୍ରମେ ବାଘୁଆ ଜଳଭଣ୍ଡାରରେ ଗଚ୍ଛିତ ଜଳର ଅବସ୍ଥିତିକୁ ଲକ୍ଷ୍ୟ ରଖି ଆସନ୍ତା ୩୦ ତାରିଖଠାରୁ ଉଭୟ ବାମ ଓ ଡାହାଣ କେନାଲ ଦ୍ୱାରା ଜଳସେଚନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅଧିବେଶନରେ ପୋଲସରା ଓ ବୁଗୁଡ଼ାର କୃଷି ବିଭାଗ ଅଧିକାରୀ ଉପସ୍ଥିତ ରହି ଧାନତଳିର ଯତ୍ନ ସହିତ ରୋଗ ଓ ପୋକ ପରିଚାଳନା ବିଷୟରେ ଆଲୋକପାତ କରିଥିଲେ । ସହକାରୀ ଯନ୍ତ୍ରୀ କେଶବ ଖଟାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅନ୍ୟତମ ସହକାରୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଅଧିବେଶନରେ ଚିନିଶିଳ୍ପ ଅଧିକାରୀ, କୃଷି ଅଧିକାରୀଙ୍କ ସମେତ ବିଭିନ୍ନ ପାଣି ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ ।

## ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସମ୍ପର୍କିତ ତାଲିମ୍ ଶିବିର

**ଫୁଲବାଣୀ,୧୯।୭/ଏନ୍‌ଏନ୍‌ଏସ୍:** ଧରଣୀ ଆବା ଜନଜାତୀୟ ଗ୍ରାମୀଣ ଉତ୍କର୍ଷ ଯୋଜନା ପକ୍ଷରୁ ଆଜି ଫୁଲବାଣୀ ଆଇଟିଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଉପରେ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଏହି ଯୋଜନା ଅନ୍ତର୍ଭୁକ୍ତ ବାଲିଗୁଡ଼ା ଆଇଟିଡିଏ ପକ୍ଷରୁ ୧୮୧ଟି ଗ୍ରାମ ଏବଂ ବାଲିଗୁଡ଼ା ଆଇଟିଡିଏ ପକ୍ଷରୁ ୨୧୪ଟି ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜୀବିକଜୀବିକା ଏବଂ ସାମାଜିକ ଆର୍ଥିକ ବିକାଶ ଯେଭଳି ଭାବେ ହୋଇପାରିବ ତାହା ଉପରେ ଆଲୋଚନା ସହିତ ତାଲିମ୍ ପ୍ରଦାନ କରାଯାଇଥିଲା । ବିଶେଷ କରି କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଆଇନ ବଦଳରେ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ସମ୍ପୃକ୍ତ ଜଙ୍ଗଲଗୁଡ଼ିକରୁ ଆଦାୟ ହେଉଥିବା ଜଙ୍ଗଲ ଯାତ ଦ୍ରବ୍ୟର ସଂଗ୍ରହ, ପରିଚାଳନା ଓ ଆର୍ଥିକ ବୃଦ୍ଧି ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା । କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଯୋଗଦେଇ ବିଭିନ୍ନ ପ୍ରକାର ପରାମର୍ଶ ଦେଇଥିଲେ । ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବନଖଣ୍ଡ ଅଧିକାରୀ, ବାଲିଗୁଡ଼ା ଉପଜିଲ୍ଲାପାଳ ଡ଼. ରୀନା ପ୍ରଧାନ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରି ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ , ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ବିଭାଗର କାର୍ଯ୍ୟକ୍ରମ ସଂଯୋଜକ ବାଳକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ତାଲିମ୍ ପ୍ରଦାନ କରିଥିଲେ । ଶିବିରରେ ଜିଲ୍ଲାର ସମସ୍ତ ୧୨ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲ୍‌ଦାର, ସମସ୍ତ ବନାଞ୍ଚଳ ଅଧିକାରୀ, ସମସ୍ତ ଏସିଏଫ୍, ସମସ୍ତ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜଙ୍ଗଲ ଜମି ଅଧିକାରୀ ବିଭାଗର ସମସ୍ତ କର୍ମଚାରୀଙ୍କ ଭଳି ବିଭିନ୍ନ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଛାତ୍ରୀ ସଚେତନତା ଶିବିର

**ଆସିକା,୧୯।୭/ଏନ୍‌ଏନ୍‌ଏସ୍:** କର୍ମକ୍ଷେତ୍ରରେ ମହିଳା ଓ ମହାବିଦ୍ୟାଳୟସ୍ତରରେ ଛାତ୍ରୀମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନକୁ ପ୍ରତିହତ କରିବା ପାଇଁ କାର୍ଯ୍ୟକାରୀ ହୋଇଥିବା ନୀତିନିୟମ ସମ୍ପର୍କରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଚେତନ କରାଯାଉଛି । ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଏଭଳି ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ. ସରୋଜ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିର ଇଣ୍ଟରନାଲ୍ କମ୍ପ୍ଲିଆନ୍ସ କମିଟି (ଆଇସିସି) ପକ୍ଷରୁ ହୋଇଥିଲା । ସଚେତନତା ଶିବିରରେ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଲୀନା ଲିଲିୟାନ୍, ଅଧ୍ୟାପକ ଡ. ଓମ୍ ନାରାୟଣ ରାଓ, ଅଧ୍ୟାପକ ଗଣେଶ୍ୱର ମାଝୀ, ଡ. ଜୟପ୍ରଦା ମହାପାତ୍ର, ଡ. ଯଶଶ୍ରୀ ମଲ୍ଲିକ, ଡ. ଉର୍ମିଳା ମୁଦୁଲି, ଡ. ସୁପ୍ରିୟା ଦାଶ, ଡ. ଲକ୍ଷ୍ମଣ କୁମାର ସୋରେନ୍, ଗୋପୀନାଥ କର ପ୍ରମୁଖ ଯୋଗଦେଇ ଶିବିର ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ



ଆଲୋକପାତ କରିଥିଲେ । ଛାତ୍ରୀମାନଙ୍କୁ ମାନସିକ ଓ ଆବେଗିକ ଚାପ ନିୟନ୍ତ୍ରଣ, ନିବାରଣ ଓ ନିରାକରଣ ପାଇଁ କାର୍ଯ୍ୟକାରୀ କରାଯାଇଥିବା ନୀତିନିୟମ ଉପରେ ଆଲୋକପାତ କରିଥିଲେ । ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ପରିବେଶ ସୃଷ୍ଟି ସହ ଛାତ୍ରୀମାନଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ଗଠିତ୍ ଆଭ୍ୟନ୍ତିରଣ ଅଭିଯୋଗ କମିଟିର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରାଯାଇଥିଲା ।

## ଆଇନ୍‌ଶୃଙ୍ଖଳା, ମହିଳା ସୁରକ୍ଷାକୁ ନେଇ ଆନ୍ଦୋଳନ କରିବ ବିଜେଡି

**ବ୍ରହ୍ମପୁର,୧୯।୭/ଏନ୍‌ଏନ୍‌ଏସ୍:** ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ଦୁଷ୍କର୍ମ ଏବଂ ହତ୍ୟା ଜନିତ ଘଟଣା ସହିତ ବାଲେଶ୍ୱର ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣାକୁ ନେଇ ବିଜେଡ଼ି ଆନ୍ଦୋଳନ ଡାକରା ଦେଇଛି । ଆସନ୍ତା ୨୧ ତାରିଖରେ ସ୍ଥାନୀୟ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ତରଫରୁ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏଥିରେ ଦକ୍ଷିଣ ଓଡ଼ିଶାର ସମସ୍ତ ନିର୍ବାଚନ ମଣ୍ଡଳୀର ବିଜେଡି ନେତୃତ୍ୱ ସାମିଲ ହେବେ । ରାଜ୍ୟରେ ଆଇନ୍‌ର ଶାସନ ନାହିଁ । ଏହା ବିରୋଧରେ ବିଜେଡ଼ିର ଲଢ଼େଇ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ବରିଷ୍ଠ ବିଜେଡ଼ି ନେତା ତଥା ଉପସଭାପତି ସଞ୍ଜୟ କୁମାର ଦାସବର୍ମା ।



୨୧ରେ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ ନିଷ୍ପତ୍ତି

ଶନିବାର ଅପରାହ୍ନରେ ବ୍ରହ୍ମପୁର ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା ଏହି ସୂଚନା ଦେଇଛନ୍ତି । ରାଜ୍ୟରେ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ରଥଯାତ୍ରାକୁ ସ୍ମରଣୀୟ କରାଯିବ ବୋଲି କୁହାଯାଇଥିବା ବେଳେ ପରିଚାଳନାଗତ ତ୍ରୁଟି ଯୋଗୁଁ ୩ ଜଣ ଭକ୍ତଙ୍କ ଜୀବନ ଚାଲିଗଲା । ଅଘଟଣ ସମୟରେ କୌଣସି ଅଧିକାରୀ ସେଠାରେ ଉପସ୍ଥିତ ନଥିଲେ । ସେହିଭଳି ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ସାରା ବିଶ୍ୱରେ ଓଡ଼ିଶାକୁ ନିନ୍ଦିତ କରିଛି । ସମ୍ପ୍ରତି ବାଲେଶ୍ୱରର ଏଫଏମ କଲେଜର ଛାତ୍ରୀ ନ୍ୟାୟ ନ ପାଇବା ପରେ ଆତ୍ମାହୁତି ଦେଇଛନ୍ତି । ତାଙ୍କ ଆତ୍ମାହୁତି ରାଜ୍ୟର ଶାସନ ବ୍ୟବସ୍ଥାକୁ କାଠଗଡ଼ାକୁ ଟାଣି ଦେଇଛି । ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସେ ଗୁହାରି ଜଣାଇଥିଲେ ମଧ୍ୟ କେହି ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ । ଅପରପକ୍ଷେ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଦୁଷ୍କର୍ମଜନିତ ଘଟଣା ବଢ଼ି ଚାଲିଛି । ପ୍ରାୟ ବର୍ଷେ ହେଲା ରାଜ୍ୟରେ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷାଙ୍କ ପଦବୀ ଖାଲି ପଡ଼ିଛି । ଫଳରେ ଶିଶୁ ସୁରକ୍ଷା ସମ୍ପର୍କିତ ଘଟଣାଗୁଡ଼ିକର ଶୁଣାଣି ହୋଇପାରୁ ନାହିଁ । ବାଲେଶ୍ୱରର ଛାତ୍ରୀ ଆତ୍ମାହୁତି ଘଟଣାଠାରୁ ଆରମ୍ଭ କରି ରାଜ୍ୟର ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ଆସନ୍ତା ୨୧ ତାରିଖରେ ଆର୍‌ଡିସି କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଏଠାରେ ସୂଚନା ଦିଆଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ଆସିକା ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନନ୍ଦିନୀ ଦେବୀ, ଲତିକା ପ୍ରଧାନ, ସୁବାସ ବେହେରା, ସୂର୍ଯ୍ୟମଣୀ ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡି, ସୁବାସ ମହାରଣା, ବିପ୍ଳବ ପାତ୍ରଙ୍କ ସମେତ ଜିଲାର ବହୁ ବରିଷ୍ଠ ବିଜେଡି ନେତା, କର୍ପୋରେଟର ଉପସ୍ଥିତ ଥିଲେ ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏଆଇଡିଏସ୍‌ଓର ବିକ୍ଷୋଭ

### ପୁରୀ ବଳଙ୍ଗା ଥାନା ଅଞ୍ଚଳର ଛାତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣା



**ବ୍ରହ୍ମପୁର,୧୯।୭/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ବଳଙ୍ଗା ଥାନା ବାଇଆବର ଅଞ୍ଚଳର ଜନୈକା ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଟେକି ନେଇ ନିଆଁ ଲଗାଇ ହତ୍ୟା ଉଦ୍ୟମ ଘଟଣା ପ୍ରତିବାଦରେ ଏଆଡିଏସଓ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ ସହ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଥିଲା । ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦାୟକ ମୃତ୍ୟୁ ଘଟଣାକୁ ସପ୍ତାହେ ନ ପୂରୁଣୁ ପୁଣି ଜଣେ ଛାତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣା ଚିନ୍ତାର କାରଣ ପାଲଟିଛି । ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ବେଳେ ସରକାର ମହିଳାଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ହୋଇଥିବା ନେଇ ଛାତ୍ର ନେତାମାନେ ଅଭିଯୋଗ କରିଥିଲେ । ଛାତ୍ରୀମାନଙ୍କ ନିରାପତ୍ତା ବର୍ତ୍ତମାନ ରାଜ୍ୟରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ତୁରନ୍ତ ବାଇଆବର ଅଞ୍ଚଳର ଜନୈକା ଛାତ୍ରୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅପରାଧୀମାନଙ୍କୁ ତୁରନ୍ତ ଗିରଫ ସହ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବ କରିଥିଲେ ଛାତ୍ର ନେତା । ଏଆଡିଏସଓ ଜିଲ୍ଲା ସମ୍ପାଦକ ନିମାଇଁ ଚରଣ ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବହୁ ଛାତ୍ର ସାମିଲ ହୋଇଥିଲେ ।

# କେବେ ସରିବ ମରେଇକଣ-ଦହିଖାଇ ରାସ୍ତା କାର୍ଯ୍ୟ



**କଣ୍ଟିଲୋ,୧୯।୭/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ମରେଇକଣ ଠାରୁ ଦହିଖାଇ ରାସ୍ତା ଓ ବ୍ରିଜ୍ ନିର୍ମାଣ ୧୮ ମାସ ମଧ୍ୟରେ ଶେଷ କରିବା ପାଇଁ ଠିକା ସଂସ୍ଥା, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ନୟାଗଡ଼ଙ୍କ ମାଧ୍ୟମରେ ଚୁକ୍ତିବଦ୍ଧ କରିଥିଲେ ହେଁ, ଆଜକୁ ଦୀର୍ଘ ତିନି ବର୍ଷରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ମଧ୍ୟ ଉକ୍ତ ବ୍ରିଜ ଓ ଉଭୟ ପାର୍ଶ୍ୱ ରାସ୍ତା ସମ୍ପୂର୍ଣ ହୋଇପାରିଲା ନାହିଁ। ସୂଚନାରୁ ଜଣାପଡିଛି ଯେ, କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତାଘାଟ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରୁଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଥିବା ମଧୁ ଚନ୍ଦ୍ରିକା ଓ ଭିତିରିଆ ନିଜସ୍ୱ ସ୍ୱାର୍ଥ ଯୋଗୁ କାର୍ଯ୍ୟ ଅତି ନିମ୍ନମାନର ଓ ବିଳମ୍ବ ହେବା ସହିତ ନିଜର ମନମାନି ପାଇଁ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି, ମରେଇକଣ ଠାରୁ ଦହିଖାଇ ରାସ୍ତାର ପାଣୁସାହୁ ପାଟଣା ବଡ଼ପୋଖରୀ ଠାରୁ ବରକୋଳି ସର୍ଟ ରାସ୍ତା। ନିକଟରେ ହୋଇଥିବା ଲଗାଣ ବର୍ଷାରେ ଫେୟର ୱେଦର୍ ରାସ୍ତା ଭାଙ୍ଗି ମାଟି ବୋହିଯିବା ପରେ ଉକ୍ତ ରାସ୍ତା ଦୁଇଭାଗ ହୋଇଯାଇଥିଲା। ଯାହାଫଳରେ ସର୍ବସାଧାରଣ ଜନତାଙ୍କ ସେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ଯୋଜନାରେ ବ୍ୟାଘାତ ଘଟୁଛି। ଠିକା ସଂସ୍ଥାର ମନମାନୀ କାର୍ଯ୍ୟ ଯୋଗୁ ଏହି ରାସ୍ତାରେ ରୋଲାର ଗଡ଼େଇ ନଥିବାରୁ ଚିପ୍ସ, ପଥର, ମାଟି ଓ ମେଟଲ ଇତ୍ୟାଦି ଚାରି ଆଡ଼େ ଛିନ୍‌ଛତ୍ର ହୋଇପଡ଼ିଥିବାରୁ ସାଧାରଣ ଜନତା, ଛାତ୍ର ଛାତ୍ରୀ, ବାଟୋଇ ଓ ସର୍ବୋପରି ବର୍ତ୍ତମାନ କାଉଡ଼ିଆ ଭକ୍ତ ମାନେ କାନ୍ଧରେ ଜଳପୂର୍ଣ୍ଣ କଳସରେ ମହାନଦୀରୁ ପାଣି ଉଠାଇ ନିଜ ନିଜର ମାନସିକ ଥିବା ଶୈବପୀଠମାନଙ୍କୁ କଣ୍ଟିଲୋରୁ ଏହି ସର୍ଟ ରାସ୍ତା ଦେଇ ଖାଲି ପାଦରେ ଯାଉଥିବା ହେତୁ ପାଦରେ ଗୋଡି ଗଳି ରକ୍ତାକ୍ତ ହେବାସହ ପାଦ ଫୋଟକା ହେଉଥିବା ଅଭିଯୋଗ କରିଛନ୍ତି। କାହା ସ୍ୱାର୍ଥ ପାଇଁ ଓ କାହିଁକି ଏହି କାର୍ଯ୍ୟ ବିଳମ୍ବ ହେଉଛି ବୋଲି ସାଧାରଣ ଜନତା ପ୍ରଶ୍ନ ଓ ଅଭିଯୋଗ କରୁଛନ୍ତି। ତେଣୁ ଯଥାଶୀଘ୍ର କାଉଡ଼ିଆ ଓ ସର୍ବସାଧାରଣଙ୍କ ଗମନାଗମନ ପାଇଁ ପାଟଣା ଗାଁ ମୁଣ୍ଡଠାରୁ ବ୍ରାହ୍ମଣୀ ଦେବୀ ପର୍ଯ୍ୟନ୍ତ ରାସ୍ତା ପକ୍କା କରିବାପାଇଁ ବିଧାୟକଙ୍କ ମାଧ୍ୟମରେ ଜିଲ୍ଲା ପ୍ରଶାସନ, ରାଜ୍ୟ ଓ କେନ୍ଦ୍ର ସରକାର ଏଥିରେ ହସ୍ତ ଖେପ କରି ସଂପୃକ୍ତ ଠିକା ସଂସ୍ଥା ବିରୁଦ୍ଧରେ ବିହୀତ ପଦକ୍ଷେପ ନେଇ ସର୍ବ ସାଧାରଣ ଜନତାଙ୍କୁ ସେବା ଯୋଗାଇ ଦେବା ପାଇଁ ଏ ଅଞ୍ଚଳର ହଜାର ହଜାର ଅଧିବାସୀ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଦାବି କରିଛନ୍ତି।

## ‘ବିଶ୍ୱାସରେ ସଙ୍କଟ ଓ ସାମ୍ପ୍ରତିକ ସମାଜ’ ଶୀର୍ଷକ ଆଲୋଚନାଚକ୍ର



**ବେଗୁନିଆ,୧୯।୭/ଏନ୍‌ଏନ୍‌ଏସ୍:** ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ସୋମନାଥ ଦେବଙ୍କ ମନ୍ଦିର ପରିସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି. ଶନିବାର ପୂର୍ବାହ୍ନରେ ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ‘ସଙ୍କଟରେ ବିଶ୍ୱାସ ଓ଼ ସାମ୍ପ୍ରତିକ ସମାଜ’ ଶୀର୍ଷକ ଆଲୋଚନାଚକ୍ର ଓ ପରେ କବିତା ପାଠ ଶିକ୍ଷାବିତ ହରିବନ୍ଧୁ ପଣ୍ଡା ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମନ୍ଦିର ପୂଜକ କାଳନ୍ଦୀ ରାଣା ପ୍ରଭୁ ସୋମନାଥ ଦେବ ଓ ମା’ ଦୁର୍ଗାଙ୍କ ପୂଜାର୍ଚ୍ଚନା କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଗାୟକ ବସନ୍ତ କୁମାର ଦାସ ମଙ୍ଗଳା ଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ପ୍ରସଙ୍ଗ ଆଧାରିତ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏଥିରେ ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ପ୍ରାଧାପକ ଡ. ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟ ଅତିଥି, ବାଗ୍ମୀ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତା, ଶିକ୍ଷାବିତ ତଥା ସଂସ୍କୃତି ବିଶେଷଜ୍ଞ ପ୍ରଫୁଲ୍ଲ ମହାନ୍ତି, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଓ଼ କବୟିତ୍ରୀ ଡ. ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପରେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବୟିତ୍ରୀ ମାନସୀ ଦାସ, ଗୀତାଞ୍ଜଳି ମହାପାତ୍ର, ବାସନ୍ତୀ ମହାପାତ୍ର, କବି ଦିବ୍ୟଲୋଚନ ଭାରିମଲ, ଧନଞ୍ଜୟ ମହାପାତ୍ର, ବସନ୍ତ କୁମାର ସାହୁ, ବିନୋଦ ବିହାରୀ ରାଉତରାୟ, ସତ୍ୟବାଦୀ ସାହୁ, ଚନ୍ଦ୍ରଶେଖର ମହାନ୍ତି, ଗୁରୁକୁମାର ପାଣିଗ୍ରାହୀ, ସମାଜସେବୀ ବ୍ରଜବନ୍ଧୁ ପଣ୍ଡା, ନୀଳମଣି ପ୍ରଧାନ, କୃଷକ ନେତା ମଦନ ମୋହନ ସାହୁ, ଅଧାପକ ରଙ୍କନିଧି ବଳିୟାରସିଂହ, ଶିକ୍ଷାବିତ ଉପେନ୍ଦ୍ର ଦାଶ, ଇଂ ରାମମାନସ ପଣ୍ଡା, କବିକେତନ ଗୌରଚରଣ ସମନ୍ତସିଂହାର, କୈଳାସ ନାଥ ପଟ୍ଟନାୟକଙ୍କ ସମେତ ଶତାଧିକ କବି ଓ କବୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ କବି ଦିବ୍ୟସିଂହ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଡଃ. ଜଗଦୀଶ ମହାନ୍ତିଙ୍କୁ ‘କୃଷ୍ଣାୟନ ସମ୍ମାନ’



**ଫୁଲନଖରା,୧୯।୭/ଏନ୍‌ଏନ୍‌ଏସ୍:** ସଦର ଥାନା ମହୀଧରପଡ଼ାସ୍ଥିତ ‘କୃଷ୍ଣଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ’ ଆନୁକୂଲ୍ୟରେ ଏହାର ବାର୍ଷିକ ଉତ୍ସବ ତଥା ସମ୍ମାନ ପ୍ରଦାନ ସମାରୋହ ଆସନ୍ତା ଅଗଷ୍ଟ ୧୦ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଅନୁଷାନ ସଭାପତି ପ୍ରଦ୍ୟୁମ୍ନକୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମହୀଧରପଡ଼ା ମେଡ଼ିକାଲଛକସ୍ଥିତ ୟୁନାଇଟେଡ଼ ୟୁଥ କ୍ଲବ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସଦ ସମ୍ପାଦକ ତଥା ସାହିତ୍ୟିକ ଲିଙ୍ଗରାଜ ମହାନ୍ତି, ଆବାହକ କ୍ଷୀରୋଦଚନ୍ଦ୍ର ମହାନ୍ତି, ଯୁବ ଲେଖକ ସଂଜୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ବାର୍ଷିକ ଉତ୍ସବରେ ‘ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଡଃ.ଜ୍ଞାନଦେବ ମହାରଣା, ଗାନ୍ଧି ପ୍ରବକ୍ତା ତଥା ସ୍ତମ୍ଭକାର ପ୍ରହଲାଦକୁମାର ସିଂ ଓ ସାମ୍ବାଦିକ ତଥା ରାଜ୍ୟ କଂଗ୍ରେସ ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ ଅତିଥିରୂପେ ଯୋଗଦେବେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ ଡଃ.ଜଗଦୀଶ ମହାନ୍ତିଙ୍କୁ ଚଳିତବର୍ଷ ‘କୃଷ୍ଣାୟନ-୨୦୨୫’ ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା। କ୍ଷଣପ୍ରଭା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଉପସ୍ଥାପକ ଡଃ. ଶ୍ରୀନିବାସ ଘଟୁଆରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଶ୍ରୀ ବଳଦେବଜିଉ ହନୁମାନ ମନ୍ଦିର ଜମିକୁ ନେଇ ବଢୁଛି ଅଡୁଆ



**କୁଆଁପାଳ,୧୯।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକର ଉମର ପଞ୍ଚାୟତ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜିଉ ହନୁମାନ ମନ୍ଦିରର ଜମି କେଲେଙ୍କାରୀକୁ ନେଇ ଏବେ ସାଧାରଣରେ ଅଭିଯୋଗ ବଢ଼ିବାରେ ଲାଗିଛି। ଦେବୋତ୍ତର ବିଭାଗ, ମନ୍ଦିର ପୂଜକ ଓ ଟ୍ରଷ୍ଟବୋର୍ଡ ମଧ୍ୟରେ ଦୀର୍ଘଦିନ ଧରି ଟଣାଓଟରା ଲାଗିରହିଥିଲା ବେଳେ ମନ୍ଦିରର ଜମି କେଲେଙ୍କାରୀକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ଏବେ ପଦାକୁ ଆସିଛି। ସୂଚନା ତଥ୍ୟ ଦ୍ୱାରା ହସ୍ତଗତ ହୋଇଥିବା ରିପୋର୍ଟ ଅନୁସାରେ ମନ୍ଦିରର ସମୁଦାୟ ସମ୍ପତ୍ତି ୨୧ଏକର ୫୫୪ଡି. ଜାଗାରୁ ୭ଏକର ୩୬ଡି. ଜମିକୁ ମନ୍ଦିରର ପୂଜକମାନେ ବିଭିନ୍ନ ସମୟରେ ନିଜର ସ୍ୱାର୍ଥ ପାଇଁ ବିକ୍ରି କରିଥିଲା ବେଳେ କିଛି ପୂଜକ ନିଜେ ବିକ୍ରିକରି ନିଜ ନାମରେ ଜମି କରାଇ ନେଇଥିବା ମନ୍ଦିର ଖାତା ନଂ ୮୪୫ରେ ଉଲ୍ଲେଖ ରହିଛି। ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି ଯେ ଚକବନ୍ଦି ପରେ ଠାକୁରଙ୍କ ନାମରେ ରେକର୍ଡ ଭୁକ୍ତ ହୋଇଥିବା ମନ୍ଦିରର ଖାତା ନଂ ୮୪୪ରୁ ଏ.୧.୫୫୮ଡି. ଜାଗା ଓ ଖାତା ନଂ ୮୪୫ରୁ ୩୩୬ଡି. ଜମିକୁ ମନ୍ଦିର ପୂଜକମାନେ ତହସିଲ କାର୍ଯ୍ୟାଳୟ ମାହାଙ୍ଗା ସହାୟତାରେ ଚଞ୍ଚକତାର ସହିତ ସମୁଦାୟ ଏ.୧.୮୯୪ଡି. ଜମିକୁ ଠାକୁରଙ୍କ ଖାତାରୁ ନିଜ ନାମରେ କରାଇ ନେଇଥିବା ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖ କରାଯାଇ ପାରେ ଜେ ମାନ୍ୟବର ଉଚ୍ଚ ନ୍ୟାୟାଳୟ କଟକରେ ପୂଜକମାନଙ୍କ ବଂଶାନୁକ୍ରମିକ ପୂଜା ଅଧିକାରକୁ ଏମ୍‌ଏ ନମ୍ବର ୩୦/୧୯୭୧ଦ୍ୱାରା ଖାରଜ କଲାପରେ ଅତିରିକ୍ତ ଦେବୋତ୍ତର କମିଶନର କଟକ କେଉଁ ଆଇନ ବଳରେ ପୂଜକମାନଙ୍କୁ ବଂଶାନୁକ୍ରମିକ ପୂଜା ଅଧିକାର ଦେଲେ ସେ ନେଇ ଟ୍ରଷ୍ଟି ବିଜୟ କୁମାର ସାମଲ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ଟ୍ରଷ୍ଟି ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ ଧାରା ୨୫ବଳରେ ପୂଜକ ରବିନ୍ଦ୍ର ପଣ୍ଡା ଓ ପୂଜକ ବଟକୃଷ୍ଣ ପଣ୍ଡା ନାମରେ ପୃଥକ ପୃଥକ ଭାବେ ଦେବୋତ୍ତର କମିଶନର ଭୁବନେଶ୍ୱର ଅଦାଲତରେ ଓ.ଏ ନଂ ୨୬୮/୨୦୨୦ରେ ମାମଲା ରୁଜୁ କରାଯାଇଥିଲା। ଅଦାଲତ ଏହାର ଶୁଣାଣିକରି ପୂଜକ ଆଣିବା ପାଇଁ ପରିଚାଳନା କମିଟିଙ୍କୁ ନିର୍ଦ୍ଦେଶନାମା ଜାରିକରିଥିଲା ବେଳେ ପୂଜକମାନେ ନିଜ ନାମରେ କରିନେଇଥିବା ଜମିକୁ ଖୁବ୍‌ଶୀଘ୍ର ଠାକୁରଙ୍କ ଖାତାକୁ ଫେରିବ ବୋଲି ଟ୍ରଷ୍ଟି ବିଜୟ କୁମାର ସାମଲ ଆଶାବ୍ୟକ୍ତ କରିଛନ୍ତି। ତାଙ୍କର ଏହିଭଳି କାର୍ଯ୍ୟକୁ ସାଧାରଣରେ ସ୍ୱାଗତ କରାଯାଇଛି। ତୁରନ୍ତ ଦେବୋତ୍ତର ବିଭାଗ ଶ୍ରୀ ଶ୍ରୀ ବଳଦେବଜିଉ ହନୁମାନ ମନ୍ଦିରରେ ହୋଇଥିବା ଜମି ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିରାପତ୍ତା ସଚେତନତା ପ୍ରଶିକ୍ଷଣ



**ଚାରିଛକ,୧୯।୭/ଏନ୍‌ଏନ୍‌ଏସ୍:** ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିମାପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତା ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନିମାପଡା ଅଗ୍ନିଶମ ବିଭାଗର କେନ୍ଦ୍ରୀୟ ଅଧିକାରୀ ସରୋଜକାନ୍ତ ସାହୁଙ୍କ ଅଧକ୍ଷତାରେ ବିଭାଗୀୟ କର୍ମଚାରୀ ଶୁଭେନ୍ଦୁ ଲେଙ୍କା, ସରୋଜ କୁମାର ସେନାପତି, ଚିତ୍ରସେନ୍ ଦାସ, ସୌରଭ ରଂଜନ ଓଝା, ଶଶିକାନ୍ତ ମୁଦୁଲିଙ୍କ ମିଳିତ ସହଯୋଗରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମନସ୍ୱିନୀ ଲେଙ୍କାଙ୍କ ସଭାପତିତ୍ୱରେ ଏକ ଅଗ୍ନି ନିରାପତ୍ତା ସଚେତନା କାର୍ଯ୍ୟକ୍ରମ କରାଯାଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ଶ୍ରୀ ସାହୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅଗ୍ନିକାଣ୍ଡ ଓ ଅଗ୍ନିର ପ୍ରକାର ଭେଦରୁ କିପରି ସୁରକ୍ଷିତ ରହିବା ଓ ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିବା ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ମର୍କଡ୍ରିଲ କରି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଜ୍ଞାନ କୌଶଳ ଶିଖାଇଥିଲେ। ଯଥା ପାଣିରେ ପହଁରିବା, ଲାଗିଥିବା ନିଆଁକୁ କିପରି ଆୟତ କରିବା, ଗ୍ୟାସ ସିଲିଣ୍ଡର ଲାଗିଥିବା ନିଆଁକୁ କିପରି ଆୟତ୍ତ କରିବା, ଗ୍ୟାସକୁ କିପରି ବ୍ୟବହାର କରିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିପରି ଉଦ୍ଧାର କରିବା, ବିଦ୍ୟୁତ ଠାରୁ କିପରି ଦୂରେଇ ରହିବା ଆଦି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ବିଭୁ ପ୍ରସନ୍ନ ଦାଶ, ମାନସ ରଂଜନ ନାୟକ, ଶିବବ୍ରତ ମଲ୍ଲ, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ରାନି ବସ୍ତିଆ, ଆଦ୍ୟାଶା ପ୍ରିୟଦର୍ଶିନୀ ଆଦି ସହଯୋଗ କରିଥିଲେ।

## ବ୍ୟାଙ୍କ୍‌ରେ ବରିଷ୍ଠଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି



**କଣ୍ଟିଲୋ,୧୯।୭/ଏନ୍‌ଏନ୍‌ଏସ୍:** ଜଗନ୍ନାଥ ସଂସ୍କୃତି ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ, ୨୦ହଜାରରୁ ଉର୍ଦ୍ଧ୍ୱ ଲୋକ ସଂଖ୍ୟା ବିଶିଷ୍ଟ ଏକକ ଗ୍ରାମ ପଞ୍ଚାୟତ, ବ୍ୟବସାୟିକ ପେଣ୍ଠ ସ୍ଥଳ, ପ୍ରମୁଖ ପର୍ଯ୍ୟଟନସ୍ଥଳ ତଥା ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ମାନଙ୍କ ସମାଗମ ହେଉଥିବା ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋରେ ଥିବା ୟୁକୋ ବ୍ୟାଙ୍କ୍‌ରେ ବିଭିନ୍ନ ସମସ୍ୟା ଦେଖାଦେଇଛି।

ପ୍ରତ୍ୟେହ ୮ଗୋଟି ପଞ୍ଚାୟତର ଅଧିବାସୀଙ୍କ ସମେତ ଛାତ୍ରଛାତ୍ରୀ, ଯୁବକ, ବରିଷ୍ଠ ନାଗରିକ, ଶ୍ରମିକ, ଚାକିରିଆ, ପେନସନ ହୋଲ୍ଡର, ମାସିକିଆ ଭତ୍ତା ଗ୍ରହଣ କରୁଥିବା ବ୍ୟକ୍ତି ସମୂହଙ୍କ ଗହଳି, ଭିଡ଼ ଓ ଲମ୍ବାଧାଡ଼ିରେ ଦୀର୍ଘ ସମୟ ଧରି ଛିଡା ହୋଇ ଅପେକ୍ଷା କରିବା ବରିଷ୍ଠ ନାଗରିକ ତଥା ଏ ଅଞ୍ଚଳର ସାମ୍ବାଦିକ ମାନଙ୍କ ପକ୍ଷେ ସମ୍ପୂର୍ଣ୍ଣ ଭାବେ ଅସମ୍ଭବ ହେଉଛି। ତେଣୁ ବରିଷ୍ଠ ନାଗରିକଙ୍କ ବୟସ ଏବଂ ସାମ୍ବାଦିକମାନଙ୍କ ସମୟକୁ ଦୃଷ୍ଟିରେ ରଖି ଲମ୍ବାଧାଡ଼ିରେ ଦୀର୍ଘ ସମୟ ଛିଡ଼ା ନ କରାଇ ସ୍ୱତନ୍ତ୍ର ଭାବେ ଧାଡ଼ି କରି ସୁବିଧା ଯୋଗାଇଦେବାକୁ ଏ ଅଞ୍ଚଳର ବରିଷ୍ଠ ନାଗରିକ ଓ ସାମ୍ବାଦିକମାନେ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ତଥା ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ନିକଟରେ ଦାବି କରିଛନ୍ତି।

## ଭଗବତୀ ବିଦ୍ୟାପୀଠର ପୁରାତନ ଛାତ୍ର, ଯୁବବୈଜ୍ଞାନିକଙ୍କ କୃତିତ୍ୱ



**କୁଆଁପାଳ,୧୯।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକର ଭଗବତୀ ବିଦ୍ୟାପୀଠ ଶୁକ୍ଲେଶ୍ୱରର ପୁରାତନ ଛାତ୍ର ଯୁବବୈଜ୍ଞାନିକ ଡ. ଆରୋବ୍ରତ ଦାସ ଆଇ.ଆଇ.ଟି ଖଡଗପୁର ଇଞ୍ଜିନିୟରିଂରେ ଶିକ୍ଷାଶେଷ ପରେ ପରିବେଶ ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରି ପିଏଚ୍‌ଡି ଲାଭ କରିଛନ୍ତି। ତାଙ୍କ ପିଏଚ୍‌ଡି ସନ୍ଦର୍ଭଟି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଓ ଆଇ.ଆଇ.ଏସ୍.ସି ବାଙ୍ଗାଲୋରର ପ୍ରଫେସରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଦାସ ଇଟାଲିର ଫ୍ଲୋରେନ୍ସ ବିଶ୍ୱବିଦ୍ୟାଳୟ ଓ ଟୋକିଓ ବିଶ୍ୱ ବିଦ୍ୟାଳୟରେ ଯୋଗଦେବା ପାଇଁ ଚୟନ ହୋଇଥିଲେ ମଧ୍ୟ ଏବେ ସେ ଆଇ.ଆଇ.ଟି ରୁର୍କୀରେ ଗବେଷଣା କରୁଛନ୍ତି। ସେ ଧର୍ମଗଡପୁର ନିବାସୀ ରବିନାରାୟଣ ଦାସଙ୍କ ପୁଅ ଓ ବିଶିଷ୍ଟ ଶିକ୍ଷାବିତ୍ ସୁଶ୍ରୀ ରାଜଲକ୍ଷ୍ମୀ ଦାସ ଓ ମାନବାଧିକାର କର୍ମୀ ଅଡ୍‌ଭୋକେଟ୍ ସତ୍ୟନାରାୟଣ ଦାସଙ୍କ ପୁତୁରା ଅଟନ୍ତି। ସମାଜସେବା ସଂଗଠନ ‘ସାହା’ର ସେ ଜଣେ ଆଜୀବନ ସଦସ୍ୟ। ତାଙ୍କର ଏହି ସଫଳତାରେ ଭଗବତୀ ବିଦ୍ୟାପୀଠର ପୁରାତନ ଛାତ୍ର ସମାଜସେବୀ ତଥା ଶିକ୍ଷାବିତ୍ ପ୍ରଫେସର ଦେବୀପ୍ରସାଦ ଦାସ, ପୂର୍ବତନ ଅତିରିକ୍ତ ମୁଖ୍ୟଶାସନସଚିବ ଡ. ଉପେନ୍ଦ୍ରନାଥ ବେହେରା, ପୁରାତନ ଛାତ୍ରସଂଘର ସଭାପତି ଇଂ. ସହଦେବ ଖଟୁଆ ପୂର୍ବତନ ମୁଖ୍ୟ ଯନ୍ତ୍ରୀ ପ୍ରଦିପ୍ତ ଶତପଥୀ, ପୂର୍ବତନ କେନ୍ଦ୍ରାଞ୍ଚ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଡ. ମହେନ୍ଦ୍ର ମହାନ୍ତି, ଭାରତଭୂଷଣ ପଟ୍ଟନାୟକ, ସାମ୍ବାଦିକ ରବିନାରାୟଣ ଦାସ, ଉମାକାନ୍ତ ଜେନା, ପୁରାତନ ଛାତ୍ରସଂଘର ସଂପାଦକ ଅରୁଣ ବାରିକ, ବିଶିଷ୍ଟ ସାମ୍ବାଦିକ ଅମ୍ବିକା କାନୁନ୍‌ଗୋ, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ପିପି ଜ୍ୟୋତିପ୍ରକାଶ ମହାପାତ୍ର, ଦେବଦତ୍ତ କାନୁନ୍‌ଗୋ ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ତାଙ୍କର ଏହି ଗବେଷଣା ବିଶ୍ୱପରିବେଶ ପାଇଁ ନିଶ୍ଚୟ ଫଳପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ନାରୀ ନିର୍ଯାତନା ସଚେତନତା

**ନୟାଗଡ଼,୧୯।୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ମାଳିସାହି ଗତିଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଠାରେ ନାରୀ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା ଅଧାପିକା ସୁଜାତା ନିଶଙ୍କରାୟ ଓ ବିଜୟଲକ୍ଷ୍ମୀ ସାହୁ ଯୋଗଦେଇ ଥିଲାବେଳେ ପ୍ରିଜାଇଡିଙ୍ଗ୍ ଅଫିସର ଅଧାପିକା ଅରୁଣିମା ମିଶ୍ର ,ଅଧାପକ ଡଃ ସୁଶାନ୍ତ କୁମାର ମାଝୀ ଯୋଗଦେଇ ସମାଜରେ ଘଟୁଥିବା ସାମ୍ପ୍ରତିକ ସ୍ଥିତି ଉପରେ ଅବଲୋକନ କରିବା ସହିତ ନାରୀମାନେ କିପରି ଜରୁରୀ ସେବା ପାଇଁ ୧୮୧ ଟୋଲଫ୍ରି ନମ୍ବରର ସୁଯୋଗ ନେଇପାରିବେ ସେଥିପ୍ରତି ସଚେତନତା କରିଥିଲେ। ଏଥିରେ ୩ଜଣ ଛାତ୍ରୀଙ୍କୁ ଏହାର ଦାୟିତ୍ୱ ଦିଆଯିବା ସହ ଅସୁବିଧା ସମୟରେ ଏମାନଙ୍କ ଠାରୁ ପରାମର୍ଶ ନେବା ପାଇଁ ଅବଗତ କରା ଯାଇଥିଲା। ଅଣଶିକ୍ଷକ କର୍ମଚାରୀ ପ୍ରଶାନ୍ତ କୁମାର ବେହେରା ଓ ବିଜୟ କୁମାର ବିଶ୍ୱାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ପୁରୀରେ ଜିଲ୍ଲାସ୍ତରୀୟ ‘ଏକ୍ ପେଡ୍ ମା’ କେ ନାମ୍’




**ପୁରୀ,୧୯।୭/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସ୍କୁଲ୍ ପରିସର ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ‘ଏକ୍ ପେଡ୍ ମା’ କେ ନାମ୍’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ, ସେମାନଙ୍କ ମା’, ଅଭିଭାବକ ଅଭିଭାବିକା, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଜିଲ୍ଲା ଶିକ୍ଷା ବିଭାଗୀୟ ଅଧିକାରୀ ମାନଙ୍କ ଗହଣରେ ବିଦ୍ୟାଳୟ ପରିସରରେ ଏକାଧିକ ଔଷଧୀୟ ଓ ଅନ୍ୟାନ୍ୟ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟସ୍ଥ ୧୦ ଟି ଶ୍ରେଣୀର ଦଶ ଜଣ ମନିଟର୍ ସେମାନଙ୍କ ନାମରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ରାଣା ପ୍ରତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବାରି ବଗିଚା କିମ୍ବା ନିଜ ନିଜ ହତା ଭିତରେ ଥିବା ଯେ କୌଣସି ଖାଲି ସ୍ଥାନରେ ନିଜ ନିଜ ମା’ମାନଙ୍କ ନାମରେ ଗୋଟିଏ ଗୋଟିଏ ବୃକ୍ଷ ଲଗାଇ ଯତ୍ନର ସହିତ ସେ ଗୁଡିକୁ ବଢ଼ାଇବା ପାଇଁ ପରାମର୍ଶ ଓ ଉତ୍ସାହ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଚଳିତ ମାସ ତା ୧୬ରୁ ତା ୨୧ ରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବା ସହ ସମଗ୍ର ଜିଲ୍ଲାରେ ପ୍ରାୟ ୧,୬୮,୩୧୫ ବୃକ୍ଷରୋପଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏତଦ୍‌ବ୍ୟତୀତ ଏଥିରେ ଉପସ୍ଥିତ ଥିବା ବିଜ୍ଞ ବ୍ୟକ୍ତିତ୍ୱ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ-ଅଭିଭାବିକା ଓ ଶିକ୍ଷା ବିଭାଗୀୟ ଅଧିକାରୀମାନଙ୍କଠାରୁ ଏକ ଫଳକରେ ‘ବୃକ୍ଷ ରୋପଣ’ ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ସଂଗ୍ରହ କରାଯାଇ ତାହା ପ୍ରଦର୍ଶନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ପୁରୀ ସଦର ବିଇଓ ପ୍ରମୋଦ କୁମାର କର, ଜିଲ୍ଲା ସ୍କୁଲ୍ ଆଲୁମିନି କମିଟିର ସଭାପତି ରାଜକିଶୋର ପାତ୍ର, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ରାୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ବାନାର୍ଜୀ ଶିକ୍ଷକ ବିଦ୍ୟାଧର ମିଶ୍ର ଓ ଅରୁଣ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ସାହଚର୍ଯ୍ୟରେ ବୃକ୍ଷରୋପଣ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସ୍ୱୟଂ ବୃକ୍ଷ ରୋପଣ କରିବା ସହ ତାଙ୍କର ପୃଷ୍ଠପୋଷକତା, ପ୍ରୋତ୍ସାହନ ଓ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସାମଗ୍ରିକ ଭାବେ ପରିଚାଳିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଅଂଶଗ୍ରହଣକାରୀ ପ୍ରତ୍ୟେକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡିସିସି ଓ ଡିଇଓ, ପୁରୀଙ୍କ କାର୍ଯ୍ୟାଳୟର ଏସ୍‌ସିଏସ୍‌ଟି ସଂଯୋଜକ ବରଦା ପ୍ରସନ୍ନ ରାଉତ ଓ କର୍ମଚାରୀ ନରେନ୍ଦ୍ର ବାବୁ ଓ ଶିକ୍ଷକ ଅନାମ ଜ୍ୟୋତି ମୁଦୁଲି, ସୁଦର୍ଶନ ସାମଲ, ସମ୍ବିତ୍ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ସାଇକେଲ ଚାଳନାକୁ କେନ୍ଦ୍ର କରି ଗଣ୍ଡଗୋଳ

**ସାଲେପୁର,୧୯।୭/ଏନ୍‌ଏନ୍‌ଏସ୍:** ଘରୋଇ ରାସ୍ତାରେ ସାଇକେଲ ଚାଳନାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସାଲେପୁର ଥାନା ଅଲ୍ଲିପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପତ୍ନୀ ଶିଲ୍ପା ମହାନ୍ତି କରିଥିବା ଅଭିଯୋଗରୁ ପ୍ରକାଶ ଯେ ତାଙ୍କ ତେର ବର୍ଷର ପୁଅ ସାଇସ୍ୱୟଂ ରାସ୍ତାରେ ସାଇକେଲ ନେଇ ଯାଉଥିବା ବେଳେ ତାଙ୍କ ଜା ସ୍ୱର୍ଣ୍ଣପ୍ରଭା ପୁଅକୁ ଅଟକାଇ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଯାହା ଫଳରେ ତାଙ୍କ ପୁଅର ଗୋଡ଼ ଫୁଲି ଯାଇଥିବା ସେ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗ ଗ୍ରହଣ କରି ମାମଲା ରୁଜୁ କରି ତଦନ୍ତ କରୁଥିବା ସାଲେପୁର ଥାନା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି।

ନିତିଦିନ NITIDIN
ରବିବାର, ୨୦ ଜୁଲାଇ ,୨୦୨୫

**ନିତି ଭାରତୀ**

କ୍ରୋଧ ପାଇଁ ନୁହେଁ, କ୍ରୋଧଦ୍ୱାରା ମନୁଷ୍ୟ ଦଣ୍ଡିତ ହୋଇଥାଏ। - ଗୌତମ ବୁଦ୍ଧ



## ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା...

ମନୋଜ କୁମାର ମହାପାତ୍ର

# ମିଛର ସହସ୍ର କେନା

ଆଜିକାଲି ସମ୍ବାଦପତ୍ର ପଢ଼ ବା ଟେଲିଭିଜନ ଦେଖ ବା ମାଲମାଲ ଭିଡିଓ, ୟୁଟ୍ୟୁବ୍ ଦେଖ- ଗୋଟିଏ ପ୍ରକାର ଘଟଣାକୁ କିଏ କେତେ ପ୍ରକାର ରୂପ, ଭାଷା, ଅର୍ଥରେ ସଜାଇ ଉପସ୍ଥାପନ କରିବାରେ ଲାଗିଛନ୍ତି। ମୁଣ୍ଡ ଝାଇଁ ଝାଇଁ ହୋଇ ଯାଉଛି, କିଏ ସତ କହୁଛି, କିଏ ମିଛ କହୁଛି, ଜାଣିବାର ଓ ବୁଝିବାର ଦକ୍ଷତାକୁ ପଙ୍ଗୁ କରି ଦେଉଛି। ଏଭଳି ପରିସ୍ଥିତିରେ ଋଗ୍‌ବେଦର ମହାମନ୍ତ୍ର 'ଆନୋ ଭଦ୍ରା କ୍ରତବୋ ୟନ୍ତୁ ବିଶ୍ୱତଃ ...', ଅର୍ଥାତ୍ ଚତୁର୍ଦ୍ଦିଗରୁ ଆମ ପାଖକୁ ମହତ୍ ଭାବନା ଆସୁ। କେମିତି ଏହା ସମ୍ଭବ ? ପୁଣି ଶ୍ରୀ ରାମକୃଷ୍ଣ କୁହନ୍ତି- ଈଶ୍ୱରଙ୍କର କରୁଣାର ପବନ ନିରନ୍ତର ବହୁଛି, ଡଙ୍ଗାର ପାଲ ଟାଣିଦିଅ, ଭଗବତ୍ କରୁଣା ପାଇଯିବ। କେମିତି ଟାଣିବି ? ଚାରିଆଡ଼େ ତ ଆଖିକୁ ଦିଶୁଥିବା ଗୋଟିଏ ପ୍ରକାର ଦୂଷିତ ପବନ ବହୁଛି ! ଏଭଳି ପରିସ୍ଥିତିରେ ପାଲ ଟାଣିବା କ'ଣ ସମ୍ଭବ ? ପୁଣି ବିଂଶ ଶତାବ୍ଦୀର ସୁପରିଚିତ ପ୍ରଫେସର ଓ ଲେଖକ ଜୋସେଫ୍ କ୍ୟାମ୍ପବେଲ କହିଲେ- ଗୋଟିଏ ପାଦ ଈଶ୍ୱରଙ୍କ ଆଡ଼କୁ ପକାଅ, ସେ ଦଶ ପାଦ ପକାଇ ତୁମ ପାଖକୁ ଆସିବେ। ଏମିତି ବେଦ, ବେଦାନ୍ତ, ପୁରାଣ ଓ ମହାପୁରୁଷଙ୍କର ଅନେକ କଥା ଲେଖି ବସିଲେ ସରିବନି। ମିଛରେ ପହଁରୁଥିବା ମଣିଷ କ'ଣ ସେହି ସତ୍ୟକୁ ଧରି ପାରିବେ ?

ମନୁଷ୍ୟ ଦିନକୁ ଦିନ ବେଶି ବୁଦ୍ଧିମାନ ହେଉଛି। ବିଜ୍ଞାନର ଆବିଷ୍କାର, ପ୍ରଯୁକ୍ତିବିଦ୍ୟାର ଉଲିକି ଭଳି ନୂତନ ପ୍ରବର୍ତ୍ତନ, ଜ୍ଞାନ ଓ ତଥ୍ୟର ବିନିମୟ ଓ ପ୍ରସାରଣ ଏବଂ ଗଣମାଧ୍ୟମର ଅବାଧ ହୁଙ୍କାର ଭଳି ଅନେକ ଆଧୁନିକ ସଭ୍ୟତାର ଫ୍ୟାକ୍ଟରଗୁଡ଼ିକ ମଣିଷର ଜ୍ଞାନକୁ କ୍ରମଶଃ ବିସ୍ତାର କରି ଚାଲିଛି। ଆଧୁନିକ ଜ୍ଞାନ ଦ୍ୱାରା ମନୁଷ୍ୟର ବୁଦ୍ଧି ପ୍ରଜ୍ୱଳିତ। ଏବେ ଧର୍ମର ପ୍ରାବଲ୍ୟ ମନୁଷ୍ୟକୁ ସ୍ଥିର ଓ ଶାନ୍ତ ବା ଅନ୍ତର୍ମୁଖୀ କରିବା ପରିବର୍ତ୍ତେ ବେଶୀ ଧାର୍ମିକ ଉଗ୍ରତା ଭିତରକୁ ଟାଣି ନେଇଛି। ଜୀବନ ନିର୍ବାହର ଦୃଷ୍ଟିଭଙ୍ଗୀ ବି ବଦଳି ଯାଉଛି। ଅବଶ୍ୟ ପୂର୍ବାପେକ୍ଷା ଆଜିର ମଣିଷ ବେଶି ସଚେତନ ବୋଲି ସମସ୍ତେ କୁହନ୍ତି। ହୋଇପାରେ, ଗୋଟିଏ ଦିଗରୁ ଏହା ସତ୍ୟ, କିନ୍ତୁ ଏହି ବୁଦ୍ଧି ଯେ କେତେକାଂଶରେ ଭ୍ରଷ୍ଟ ବୁଦ୍ଧି, ତାହା ଗ୍ରହଣ କରିବା ପାଇଁ କେହି ରାଜି ନୁହନ୍ତି। ବର୍ତ୍ତମାନ ଆମ ଦେଶରେ ଚାଲିଛି ଯଥାର୍ଥ ମନୁଷ୍ୟତ୍ୱର ଚୂଡ଼ାନ୍ତ ଅବମାନନା। ମଣିଷ ନିଜକୁ ଓହ୍ଲାଇ ଆଣିଛି ପଶୁ ସ୍ତରକୁ; କେଉଁଠି କେଉଁଠି ମଧ୍ୟ ପଶୁଠୁ ଆହୁରି ହୀନ ସ୍ତରକୁ। ନିଜର ସାମାନ୍ୟ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ମନୁଷ୍ୟ ଆଜି ଯେ କୌଣସି ଘୃଣ୍ୟ କାର୍ଯ୍ୟ କରିବା ପାଇଁ ପଛଘୁଞ୍ଚା ଦେଉନାହିଁ। ବହୁ ମଣିଷ ଓ ସମ୍ପତ୍ତିର କ୍ଷତି କରିବାକୁ ସେ ବିନ୍ଦୁମାତ୍ର ଦ୍ୱିଧାଗ୍ରସ୍ତ ନୁହେଁ। ନିକଟରେ ବାଲେଶ୍ୱର ଫକୀରମୋହନ କଲେଜର ଏକ ଶିକ୍ଷିତା ଝିଅର ଆତ୍ମାହୁତି ଭଳି ଭୁରି ଭୁରି ଉଦାହରଣ ଚତୁର୍ଦ୍ଦିଗରେ ଆମେ ବର୍ତ୍ତମାନ ଦେଖିବାକୁ ପାଉଛେ। ଚାରିଆଡ଼େ କଥା କଟାକଟି। ଦୁର୍ନୀତି ଛାଇ ଗଲାଣି। ନୀତିହୀନତା ହିଁ ଆଜି ନୀତିର ଆସନାରୁଢ଼। ଏଭଳି ପ୍ରଶ୍ନ କେବଳ ପ୍ରଶ୍ନ ହୋଇ ରହିଯାଏ ଆମ ପାଖରେ। ସାଧାରଣ ମନୁଷ୍ୟ ଏହାର ଫଳ ଭୋଗ କରୁଛନ୍ତି। ବେଦ, ବେଦାନ୍ତ, ଉପନିଷଦରେ ବର୍ଣ୍ଣିତ ଈଶ୍ୱର ଉପରେ ପୁରାଣର ଈଶ୍ୱରମାନେ ରାଜୁତି କରୁଛନ୍ତି। ମିଛ ଆସ୍ତିକତା ଉପରେ ସବାର ହୋଇ ଅନ୍ୟକୁ ନାସ୍ତିକ ଆଖ୍ୟା ଦେବାରେ ଅନେକେ ଏବେ ସିଦ୍ଧହସ୍ତ।

ଏ ଆସ୍ତିକତା ଓ ନାସ୍ତିକତା ବାସ୍ତବରେ କ'ଣ ? ସଂକ୍ଷେପରେ କୁହାଯାଇପାରେ ଯେ ନାସ୍ତିକ ଓ ଆସ୍ତିକ ଦୁଇଟି ଦର୍ଶନ ରହିଛି। ନାସ୍ତିକ ଈଶ୍ୱର ବା ଦେବଦେବୀଙ୍କ ଅସ୍ତିତ୍ୱରେ ବିଶ୍ୱାସ କରନ୍ତିନି। କୁହାଯାଇପାରେ ଯେ ଏମାନଙ୍କର ବିଶ୍ୱାସରେ ରହିଛି ଈଶ୍ୱର ବା ଦିବ୍ୟସତ୍ତାର ଶୂନ୍ୟତା। ନାସ୍ତିକତା ଏକ ଧର୍ମ ନୁହେଁ, ବରଂ ଏକ ବିଶ୍ୱାସ-ପଦ୍ଧତି। ଆସ୍ତିକ ଈଶ୍ୱର ଓ ଦେବଦେବୀଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରେ। ବିଶେଷକରି ସ୍ରଷ୍ଟାଙ୍କ ଅସ୍ତିତ୍ୱ ଅଛି, ଯିଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ନିୟନ୍ତ୍ରଣ କରନ୍ତି ବୋଲି ଏମାନଙ୍କର ଦୃଢ଼ ବିଶ୍ୱାସ। ଆସ୍ତିକ ଓ ନାସ୍ତିକର ବିଶଦ ଆଲୋଚନା ଏଠାରେ ପ୍ରୟୋଜନ ନାହିଁ। କିନ୍ତୁ ଆସ୍ତିକତା ଯେତେବେଳେ ଉଗ୍ରରୂପ ଧାରଣ କରେ, ସେତେବେଳେ ସକଳ ପ୍ରକାର ସୀମାର ବାଡ଼ବତା ଭାଙ୍ଗି ଏପରି ଚରିଯାଏ ଯେ ନିଜର ପ୍ରକୃତ ସ୍ୱରୂପ ଧୂଳିସାତ୍ ହୁଏ, ଲାଗେ ସତେକି ଏହା ବି ଏକ ପ୍ରକାର ନାସ୍ତିକତା ! ଅର୍ଥାତ୍, ଆସ୍ତିକତା ଓ ନାସ୍ତିକତା ଏକ ପ୍ରକାର ବୋଧ ହୁଏ। ଉଦାହରଣ ସ୍ୱରୂପ, ଷୋଡ଼ଶ ଶତାବ୍ଦୀରେ ୟୁରୋପ ଓ ଅନ୍ୟ ପାଶ୍ଚାତ୍ୟ ଦେଶରେ ଚର୍ଚ୍ଚର ନିରଙ୍କୁଶ କ୍ଷମତାର ଅପବ୍ୟବହାର ଯୋଗୁଁ ଯେଉଁ ରେନାସାଁ (ପୁନର୍ଜାଗରଣ)ର ଉଦ୍ଭବ ଘଟିଲା, ତାହା ଥିଲା ମିଛ ଆସ୍ତିକତା ବିରୋଧରେ ସତ ଆସ୍ତିକତାର ବିଜୟ। ଠିକ୍ ସେହିପରି ବୈଦିକ ସଭ୍ୟତାର ଅବକ୍ଷୟ ଯୋଗୁଁ ବୌଦ୍ଧଧର୍ମ ଭଳି ଅନେକ ଧର୍ମ ଈଶ୍ୱରଙ୍କୁ ତ୍ୟାଗ କରିବାର ସ୍ୱର ଉତ୍ତୋଳନ କଲେ। କିନ୍ତୁ ବୈଦିକ ଧର୍ମର କଠିନ ଉପାସନାଭିତ୍ତିକ କର୍ମକାଣ୍ଡ ଭିତରୁ ଏକ ନୂତନ ଆଶା ସଂଚାର ହେଲା। ଅର୍ଥାତ୍, ବେଦ ଭିତରେ ନିହିତ ରହସ୍ୟାତ୍ମକ ଆଧ୍ୟାତ୍ମିକତା ଚରମ ଶିଖରରେ ଉପନୀତ ହୋଇ ବେଦାନ୍ତ ବା ଉପନିଷଦକୁ ଜନ୍ମ ଦେଲା, ଷଡ଼ ଦର୍ଶନ ନୂତନ ରୂପରେ ସଜେଇ ହୋଇ ପ୍ରକଟିତ ହେଲା। ବେଦାନ୍ତ ଅନେକ ସିଦ୍ଧାନ୍ତରେ ବିଭାଜିତ ସତ, କିନ୍ତୁ ଅଦ୍ୱୈତ ବେଦାନ୍ତ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ବା ରାଜା ବୋଲି ଆଦି ଶଙ୍କରାଚାର୍ଯ୍ୟ ଉଦ୍‌ଘୋଷଣା କଲେ।

ବର୍ତ୍ତମାନ ପ୍ରଶ୍ନ ଉଠେ, ଅଦ୍ୱୈତ ବେଦାନ୍ତ କ'ଣ ଆସ୍ତିକତା ନା ନାସ୍ତିକତା ପର୍ଯ୍ୟାୟର ବିଶ୍ୱାସୀ ? ଏହି ଦୁଇଟି ମତ ଓ ଦର୍ଶନରୁ ଅଦ୍ୱୈତ ବେଦାନ୍ତ ଊର୍ଦ୍ଧ୍ୱରେ। ଅଦ୍ୱୈତ ବେଦାନ୍ତ ଦୁଇଟିଯାକକୁ ଗର୍ଭସାତ୍ କରି ଘୋଷଣା କରି କହିଲେ- ବ୍ରହ୍ମ ହିଁ ଏକ ଓ ଅଦ୍ୱୈତ, ଦ୍ୱିତୀୟ ନାସ୍ତି। ଏହା ଏକମାତ୍ର ସତ୍ୟ, କିନ୍ତୁ ଜଗତ ମିଥ୍ୟା, ଜୀବ ଓ ବ୍ରହ୍ମ ଅଲଗା ନୁହେଁ। ଜୀବ କେବଳ ଅଜ୍ଞାନର କାରଣ ଯୋଗୁଁ ବ୍ରହ୍ମଙ୍କୁ ଜାଣି ପାରୁନି, ଯଦିଓ ବ୍ରହ୍ମ ତାହାର ଭିତରେ ବିରାଜମାନ କରୁଛନ୍ତି ଆତ୍ମା ରୂପରେ। ସେ ହିଁ ଶୁଦ୍ଧ ଚୈତନ୍ୟ ଭାବରେ ସକଳ ଜୀବ ଓ ଅଜୀବ ଭିତରେ ସାକ୍ଷୀ ଚୈତନ୍ୟ ରୂପରେ ବିଦ୍ୟମାନ। ସେହି ବ୍ରହ୍ମରୁ ଜାତ ହିରଣ୍ୟଗର୍ଭ ସୃଷ୍ଟି, ପାଳନ ଓ ସଂହାରର କର୍ମ କରୁଥିବାରୁ ତାଙ୍କୁ ଅଦ୍ୱୈତ ବେଦାନ୍ତ ଈଶ୍ୱର ଭାବେ ନାମିତ କରିଛନ୍ତି। ଏମନ୍ତ ସୃଷ୍ଟି, ପାଳନ, ସଂହାର ଧାରଣା ମଧ୍ୟ ମିଥ୍ୟା, କାହିଁକି ନା ସମଗ୍ର ସୃଷ୍ଟି ହିଁ ବ୍ରହ୍ମଙ୍କର ଛାୟା ବା ପ୍ରତିଫଳନ ମାତ୍ର। ତେଣୁ ଉଭୟ ପ୍ରଚଳିତ ଆସ୍ତିକ-ନାସ୍ତିକ ମତବାଦରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଜୀବ ମାତ୍ରେ ହିଁ ବ୍ରହ୍ମ, କିନ୍ତୁ ଅଜ୍ଞତା ଯୋଗୁଁ ଆମେ ଏହାର ଟେର୍ ପାଆନ୍ତିନି। କିନ୍ତୁ ସେ ଆମର ଅତି ନିକଟତର, କିନ୍ତୁ ତାଙ୍କୁ ଉପଲବ୍ଧି ନକଲେ ସେ ବହୁ ଦୂରରେ ବୋଲି ଉପନିଷଦ କୁହନ୍ତି।

ଆସନ୍ତୁ, ଅଦ୍ୱୈତକୁ ବୁଝିବା ପାଇଁ ଗୋଟିଏ ଉଦାହରଣ ଉପରେ ଦୃଷ୍ଟି ପକାଇବା। ଜଣେ କୋଟିପତି ଧନୀର ପୁତ୍ରର କାହାଣୀ। ଗଳ୍ପଟି ଏମିତି- ଏକଦା ଜଣେ ଅସୀମ ଧନ ସମ୍ପତ୍ତିଶାଳୀ ବ୍ୟକ୍ତି ଥିଲେ। ତାଙ୍କର ଏକମାତ୍ର ଶିଶୁପୁତ୍ର ଥିଲା। ହଠାତ୍ ପୁତ୍ରକୁ ଛାଡ଼ି ଧନୀ ବ୍ୟକ୍ତି ଆରପାରିକୁ ଚାଲିଗଲେ, ଯାହା ଫଳରେ ପୁତ୍ର ସମସ୍ତ ଧନ ସମ୍ପତ୍ତିର ମାଲିକ ହୋଇଗଲା। ମାତ୍ର ଏକ ବର୍ଷର ବାଳକର ଏପରି ଅପର୍ଯ୍ୟାପ୍ତ ଧନ ସମ୍ପତ୍ତି ଯୋଗୁଁ ତା'ର ଆଉ କୌଣସି ଧନର ଆବଶ୍ୟକତା ରହିଲାନି। ଏହା ହିଁ ଶିଶୁ ବାଳକର ବାସ୍ତବ ସ୍ଥିତି। କିନ୍ତୁ ବିଶାଳ ସମ୍ପତ୍ତିର ମାଲିକ ହେଲେ କ'ଣ ହେବ, ସେ ସବୁକୁ ସେ ଉପଭୋଗ କରି ପାରିବନି। କାରଣ, ପ୍ରଥମତଃ ରାଜ୍ୟର ଉତ୍ତରାଧିକାର ଆଇନ ଅନୁସାରେ ସେ ନାବାଳକ ଥିବାରୁ ବିଶାଳ ଧନର ସାମାନ୍ୟତମ ଅଂଶ ଉପଭୋଗ କରି ପାରିବନି। ତାକୁ ସାବାଳକ ବୟସରେ ପଦାର୍ପଣ କରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସେଥିପାଇଁ ସେ ଜଣେ ଅଭିଭାବକ (ଗାର୍ଡିଆନ୍) ଅଧୀନରେ ରହିଲା, ଯିଏ ସାବାଳକ ବୟସ ପ୍ରାପ୍ତ ପର୍ଯ୍ୟନ୍ତ ରହିବେ। ତେଣୁ ନାବାଳକ ଯଦି ଇତ୍ୟବସରେ କିଛି ବିଶେଷ ଜିନିଷ ଚାହେଁ, ତେବେ ଅଭିଭାବକକୁ ସନ୍ତୁଷ୍ଟ କରି ତାହା ହାସଲ କରିବାକୁ ହେବ। ଦ୍ୱିତୀୟତଃ, ତା'ର ପିତା କେତେକ ସର୍ତ୍ତ ରଖିଛନ୍ତି। ପିତା ଉଇଲରେ ଲେଖିଛନ୍ତି ଯେ ପୁତ୍ର ସମସ୍ତ ଧନ ସମ୍ପତ୍ତିର ମାଲିକ ହେବ, ଯଦି ସେ ଧୂମପାନ କରୁ ନଥିବ, ମଦ୍ୟପାନ କରୁ ନଥିବ, ଜୁଆ ଖେଳୁ ନଥିବ ଏବଂ ଏଭଳି କାର୍ଯ୍ୟ କରି ନଥିବ, ଯାହା ତାଙ୍କ ପରିବାରର ସମ୍ମାନ ହାନି କରିବ।

ଆମେ ଏବେ ଦେଖିବା ଯେ ବାସ୍ତବରେ ସେ ଜଣେ କୋଟିପତି- ଏଥିରେ ସନ୍ଦେହ ନାହିଁ ବା ଏହାକୁ କେହି ଅସ୍ୱୀକାର କରି ପାରିବେନି ବା ତା'ର ଧନୀପଣକୁ କେହି ବଦଳାଇ ପାରିବେନି, ତଥାପି ଯଦି ବାଳକ ପିତାଙ୍କର ସମସ୍ତ ସର୍ତ୍ତକୁ ପୂରଣ ନକରେ, ତେବେ ସେ ନିଜର ଅଧିକାର ସାବ୍ୟସ୍ତ କରି ପାରିବନି। ତେଣୁ ସେ ଯଦି ସମସ୍ତ ଧନ ସମ୍ପତ୍ତିକୁ ପାଇବାକୁ ଚାହେଁ, ତେବେ ତାକୁ ଧୈର୍ଯ୍ୟ ସହକାରେ ବଢ଼ିବାକୁ ପଡ଼ିବ ଏବଂ ପିତାଙ୍କର ଉଇଲରେ ଯେଉଁସବୁ ସର୍ତ୍ତ ଲେଖା ହୋଇଛି, ସେ ସବୁକୁ ସେ ପୂରଣ କରିବ, ତେବେ ଯାଇଁ ସମସ୍ତ ଧନ ସମ୍ପତ୍ତିର ମାଲିକ ହେବା ସହିତ ଶକ୍ତିଶାଳୀ ହୋଇ ମୁକ୍ତ ଜୀବନ ବଞ୍ଚି ପାରିବ। ଯଦି ତାହାର ଷ୍ଟାଟସ୍ ଅନୁସାରେ ପିତାଙ୍କର ଧନ ପାଇବାକୁ ଚେଷ୍ଟାକରେ, ସେ ବିଫଳ ହେବ ହିଁ ହେବ। ଉଦାହରଣ ସ୍ୱରୂପ, ସେ ଯଦି ପାଞ୍ଚ ଲକ୍ଷ ଟଙ୍କାର କାର୍ କିଣିବାକୁ ଯାଇ ଉଇଲକୁ କାର୍ ବିକ୍ରେତାକୁ ଦେଖାଏ, ତେବେ ବିକ୍ରେତା ହସି ହସି ତାକୁ ବିଦା କରିଦେବ। କିନ୍ତୁ ଅଭିଭାବକ ତା' ପାଇଁ ଗୋଟିଏ କାର୍ କିଣି ତାକୁ ଦେଇ ପାରନ୍ତି। କିନ୍ତୁ ସେ ବାଳକ ପିତାଙ୍କର ଉତ୍ତରାଧିକାରୀ ହୋଇ ବି କିଣି ପାରିବନି। ଠିକ୍ ସେହିଭଳି ଯଦିଓ ଆମେ ସମସ୍ତେ ସତ୍-ଚିତ୍-ଆନନ୍ଦର ମହାସାଗରରେ ଅବସ୍ଥାନ କରନ୍ତି, ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଆମକୁ କେତେକ ସର୍ତ୍ତ ପୂରଣ କରିବାକୁ ପଡ଼ିବ। ସେହି ସର୍ତ୍ତଗୁଡ଼ିକ କ'ଣ ? ପୁଣ୍ୟ ସଞ୍ଚୟ କରିବାକୁ ହେବ, ସତ୍ୟ ପଥରେ ଯାତ୍ରା କରିବାକୁ ହେବ, ଷଡ଼ ରିପୁର ମୂଳ ଉତ୍ପାଟନ କରିବାକୁ ହେବ, ପାପ ଓ ମନ୍ଦ କର୍ମ ତ୍ୟାଗ କରିବାକୁ ହେବ ଇତ୍ୟାଦି ଇତ୍ୟାଦି। ସେଥିପାଇଁ ଏକାଗ୍ରତା, ଧ୍ୟାନ, ଜପ, ତପ ଭଳି ଅନେକ ଆଧ୍ୟାତ୍ମିକ ସାଧନା କରିବାକୁ ହେବ। ତେବେ ଯାଇଁ ଆମେ ସଚ୍ଚିଦାନନ୍ଦ ପରଂବ୍ରହ୍ମଙ୍କର ଉପଲବ୍ଧି କରି ପାରିବା ବା ଉତ୍ତରାଧିକାରୀ ସୂତ୍ରରେ ଛାତି ବାଡ଼େଇ କହି ପାରିବା ଯେ ମୁଁ ହିଁ ବ୍ରହ୍ମ।

ଯେ ପର୍ଯ୍ୟନ୍ତ ଏମନ୍ତ ବେଦାନ୍ତ ସିଦ୍ଧାନ୍ତକୁ ମଣିଷ ହୃଦୟଙ୍ଗମ ନ କରି ମନ୍ଦିରରେ ପୂଜାର୍ଚ୍ଚନା, ନଡ଼ିଆ ବାଡ଼େଇବା, ଭୋଗ ଲଗାଇବା ଭଳି ବାହ୍ୟ ପାରମ୍ପରିକ ଧାର୍ମିକ ରୀତି ନିୟମରେ ନିଜକୁ ବାନ୍ଧି ରଖିବ କଳ୍ପିତ ଅଭିଭାବକମାନଙ୍କ ନିକଟରେ, ତେବେ ସମାଜରେ ଘଟୁଥିବା ସାଂଘାତିକ ଦୃଶ୍ୟର ଅବସାନ ହୋଇ ପାରିବନି। ଗୋଟିଏ ମିଛ ଘଟଣା ସହସ୍ର କେନା ମେଲାଇ ଆମର ବୁଦ୍ଧିକୁ ଭ୍ରଷ୍ଟ କରିବ ହିଁ କରିବ, ଯାହା ବର୍ତ୍ତମାନ ଘଟୁଛି।

# 'ମେଡେ'ରୁ ମୋତେ ବଞ୍ଚାଅ ପର୍ଯ୍ୟନ୍ତ



ବିମଳ ଷଡ଼ଙ୍ଗୀ

ଜୀବନ ଯାତ୍ରାରେ ଜୀବିକା ପାଇଁ ଧାଇଁ ଚାଲିବା ସମୟରେ ମଣିଷକୁ ପ୍ରାକୃତିକ, ଯାନ୍ତ୍ରିକ ଓ ମନୁଷ୍ୟକୃତ ଆଦି ଭିନ୍ନ ଭିନ୍ନ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼େ। କେତେବେଳେ ସେ ବିପଦକୁ ସାମ୍ନା କରେ ତ କେତେବେଳେ ଅକାଳରେ ତା'ର ଜୀବନ ହରାଏ। ପ୍ରତ୍ୟେକ ସମ୍ଭାବ୍ୟ ବିପଦରୁ ରକ୍ଷା ପାଇବା ପାଇଁ ବିଜ୍ଞାନ ଅନେକଗୁଡ଼ିଏ ରାସ୍ତା ଦେଖାଇଛି ଓ ଦେଖାଉଛି। ତା'ପରେ ମଧ୍ୟ ଆମେ ବହୁତଗୁଡ଼ିଏ ବିପଦର ସମ୍ମୁଖୀନ ହେଉଛନ୍ତି। ଯାନବାହନ, ରାସ୍ତାଘାଟର ଅବ୍ୟବସ୍ଥା, ଖାଦ୍ୟାଭାବ, ଦାରିଦ୍ର୍ୟ, କୁପୋଷଣ, ଅଗ୍ନିକାଣ୍ଡ, ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ, କଳକାରଖାନା, ଦଳାଚକଟା, ସ୍ୱାସ୍ଥ୍ୟଗତ ସମସ୍ୟା ସହିତ ଆତଙ୍କବାଦୀଙ୍କ ଆକ୍ରମଣ ଓ ଯୁଦ୍ଧ ଇତ୍ୟାଦି ଦୁର୍ଘଟଣାରୁ ଜୀବନ ରକ୍ଷା ପାଇଁ କେଉଁ ପଦକ୍ଷେପ ଅତ୍ୟନ୍ତ ଜରୁରୀ ଏବଂ ପରବର୍ତ୍ତୀ ସମୟରେ ସେପରି ଦୁର୍ଘଟଣାକୁ କିପରି ଏଡ଼ାଇ ହେବ, ସେଥିପାଇଁ ଆମର ପ୍ରସ୍ତୁତି ଓ ଉତ୍ତରଦାୟିତ୍ୱ ସର୍ବୋଚ୍ଚ ଉଚ୍ଚ ସ୍ଥାନରେ ରଖିବାର ସମୟ ଆସି ଯାଇଛି।

ଏକଥା ସର୍ବଜନବିଦିତ ଯେ ଜାପାନ ଗୋଟିଏ ଭୂମିକମ୍ପପ୍ରବଣ କ୍ଷେତ୍ର। ସେଠାରେ କିନ୍ତୁ ଭୂମିକମ୍ପଜନିତ ମୃତ୍ୟୁ ହାର ଖୁବ୍ ନଗଣ୍ୟ, ଯାହାର କାରଣ ସେମାନଙ୍କର ଭବିଷ୍ୟତର ପ୍ରସ୍ତୁତି ଏବଂ ଦେଶ ପାଇଁ ଉତ୍ତରଦାୟିତ୍ୱ, ଯାହା ଆମ ବୃହତ୍ ମାନବ ସମ୍ବଳସମ୍ପନ୍ନ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଶିକ୍ଷଣୀୟ। ୨୦୨୫ ମସିହା ଜୁନ୍ ୧୨ ତାରିଖ ଗୁରୁବାର ଦିନ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବିମାନର ଦୁର୍ଘଟଣା ଭାରତର ସବୁଠାରୁ ଭୟଙ୍କର ଦୁଃଖଦ ବିମାନ ଦୁର୍ଘଟଣା, ଯେଉଁଥିରେ ଅତି କମ୍‌ରେ ୨୭୪ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି ଗଣମାଧ୍ୟମରୁ ଜଣାଯାଏ। ଦୁର୍ଘଟଣାର କାରଣ ଯାଞ୍ଚ କରିବା ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ବ୍ୟାପକ ନିର୍ଦ୍ଦେଶାବଳୀ ଓ ପରାମର୍ଶ ଦେବା ପାଇଁ କେନ୍ଦ୍ର ଗୃହ ସଚିବଙ୍କ ନିର୍ଦ୍ଦେଶ ଓ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ମାତ୍ର ତା'ର ଉତ୍ତରଦାୟୀ କେହି କେବେ କ୍ୱଚିତ୍ ସାମ୍ନାକୁ ଆସିବେ ଏବଂ ପୁଣି ଥରେ ଦୁର୍ଘଟଣା ନିରୋଧୀ ଉପାୟର ଉଦ୍ଭାବନ ପର୍ଯ୍ୟନ୍ତ ବା ଆଉ ଗୋଟିଏ ଦୁର୍ଘଟଣା ପର୍ଯ୍ୟନ୍ତ ଆମକୁ ଖାଲି ହାତରେ ବସିବାକୁ ପଡ଼ିବ। ଫରାସୀ ବାକ୍ୟାଂଶ 'ମାଇଡର'ରୁ ଉତ୍ପନ୍ନ ଶବ୍ଦ 'ମେଡେ', ଯାହାର ଅର୍ଥ 'ମୋତେ ସାହାଯ୍ୟ କର'। ତା'ର ତିନି ଥର ପୁନରାବୃତ୍ତି ହେଉଛି ଜୀବନ ପ୍ରତି ବିପଦପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତିରେ ସାହାଯ୍ୟ ପାଇଁ ଏକ ବାର୍ତ୍ତା, ଯାହାକୁ ପାଇଲଟ୍ ଏବଂ ଜଳ ଜାହାଜର କ୍ୟାପ୍ଟେନ୍‌ମାନେ ଅତି ଜରୁରୀକାଳୀନ ପରିସ୍ଥିତିରେ ରେଡିଓ ଯୋଗାଯୋଗ ମାଧ୍ୟମରେ ସୂଚନା ପ୍ରଦାନ କରନ୍ତି। ବ୍ଲାକ୍‌ବକ୍ସରୁ ମିଳିଥିବା ତଥ୍ୟ ଅନୁସାରେ, ଆମର ବିମାନ ପାଇଲଟ୍ 'ମେଡେ'କୁ ତିନି ଥର ଉଚ୍ଚାରଣ କରିଥିଲେ, ମାତ୍ର ଆମେ ସେମାନଙ୍କୁ ବଞ୍ଚାଇ ପାରି ନଥିଲେ।

ଆମେ ଜାଣିଛନ୍ତି ଯେ ଅତ୍ୟଧିକ କ୍ଷତି ଏବଂ ଘଟଣାର ସମ୍ବେଦନଶୀଳତା ସତ୍ତ୍ୱେ ଭାରତରେ ବିମାନ ଯାତ୍ରା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ ସୁରକ୍ଷିତ ହୋଇଛି। ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ସଂଗଠନ ଅନୁଯାୟୀ, ଭାରତ ୨୦୨୩ ମସିହାରେ ନିର୍ଦ୍ଧାରିତ ବାଣିଜ୍ୟିକ ଉଡ଼ାଣ ପାଇଁ ପ୍ରତି ନିୟୁତ ଯାତ୍ରୀଙ୍କ ନିମନ୍ତେ ଶୂନ୍ୟ ଦୁର୍ଘଟଣା ରେକର୍ଡ କରିଛି, ଯାହା ୨୦୨୨ ମସିହାରେ ପ୍ରତି ନିୟୁତ ଯାତ୍ରୀଙ୍କ ପାଇଁ ୦.୮୭ ଦୁର୍ଘଟଣା ତୁଳନାରେ ଏକ ଉଲ୍ଲେଖନୀୟ ଉନ୍ନତି। ୧୯୪୭ ମସିହାରୁ ଭାରତରେ ବାଣିଜ୍ୟିକ ୫୨ଟି ବିମାନ ଦୁର୍ଘଟଣାରେ ୨,୧୭୩ ଜଣଙ୍କ ଜୀବନ ଯାଇଛି, ଯାହା ୧୯୫୧ରୁ ୨୦୧୦ ମଧ୍ୟରେ ୮୦ ପ୍ରତିଶତ ପାଇଲଟମାନଙ୍କ ତ୍ରୁଟି ପାଇଁ ହୋଇଥିଲା। ମାତ୍ର ତାହା ଆଜି ଖୁବ୍ କମ୍। ଚଳିତ ଦୁର୍ଘଟଣାରେ ପାଇଲଟଙ୍କ ତ୍ରୁଟି ବିନା ଯେଉଁ ମହାମୂଲ୍ୟ ଜୀବନଗୁଡ଼ିକ ଅକାଳରେ ଚାଲିଗଲା, ତା ପାଇଁ କିଏ ଦାୟୀ ? ଇନ୍ସ୍ୟୁରାନ୍ସ କମ୍ପାନୀର ଟଙ୍କା ତାହା ପୂରଣ କରି ପାରିବ କି ? ପିଲାମାନଙ୍କର ପିତାମାତା, ପିତାମାତାଙ୍କ ସନ୍ତାନଙ୍କୁ କିଏ ଫେରାଇବ ? ଏ ପ୍ରଶ୍ନର ଉତ୍ତର କେହି ଦେବାକୁ ଆଗଭର ହେବେନାହିଁ।

ଆକାଶ ପଥର ବ୍ୟବସ୍ଥା ବ୍ୟତୀତ ସ୍ଥଳ ପଥରେ ମଧ୍ୟ ଟ୍ରାଫିକ୍ ନିୟମ ପାଳନରେ ଅବହେଳା ଓ ଅନେକ ସଡ଼କର ମୃତ୍ୟୁପ୍ରବଣ ଅବସ୍ଥା ଆମକୁ ସଡ଼କ ଦୁର୍ଘଟଣାର ଅଦୃଶ୍ୟ ସ୍ଥିତି ଆଡ଼କୁ ଟାଣି ନେଇଥାଏ। ୨୦୨୩ ମସିହାରେ ପ୍ରତିଦିନ ହାରାହାରି ୪୭୪ ଜଣଙ୍କ ମୃତ୍ୟୁ ସହିତ ପ୍ରାୟ ୧,୭୨,୦୦୦ ଜଣ ଲୋକଙ୍କ ଜୀବନ କେବଳ ସଡ଼କ ଦୁର୍ଘଟଣାରେ ଯାଇଥିଲା। ଏନସିଆରବିର ତଥ୍ୟ ଅନୁସାରେ, ୨୦୨୧ ମସିହାରେ ଭାରତରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧,୫୫,୬୨୨ ଜଣ ଥିଲା, ଯେଉଁଥିରେ କେବଳ ଦୁଇଚକିଆ ଯାନ ଦୁର୍ଘଟଣାରେ ୬୯,୨୪୦ ଜଣଙ୍କ ମୃତ୍ୟୁ ଘଟିଥିଲା। ସଡ଼କ ସୁରକ୍ଷାରେ ଉନ୍ନତି ସତ୍ତ୍ୱେ ୨୦୧୯ ମସିହାରେ ୨୯୫ ନିୟୁତ ବ୍ୟକ୍ତି ଯାନବାହନର ସିଟବେଲ୍ଟ ଏବଂ ହେଲମେଟ୍ ବ୍ୟବହାର ଭଳି ନିୟମର ପାଳନରେ ଉଲ୍ଲଙ୍ଘନ ଏବଂ ଭଲ ରାସ୍ତାର ଅଭାବ ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଭାରତର ବିଶାଳ ରେଳ ନେଟୱାର୍କ ମଧ୍ୟ ମୃତ୍ୟୁହାରର ଅନ୍ୟ ଏକ ଭୟଙ୍କର ଅଂଶ। ୨୦୧୮ରୁ ୨୦୨୨ ମସିହା ମଧ୍ୟରେ ରେଳ ଦୁର୍ଘଟଣା ଫଳରେ ୧,୦୭,୦୭୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଏନ୍‌ସିଆରବିର ତଥ୍ୟ ଅନୁସାରେ, ୨୦୨୧ରେ ୧୭,୯୯୩ଟି ରେଳ ଦୁର୍ଘଟଣାର ରେକର୍ଡ ରହିଛି, ଯାହା ୨୦୨୦ ତୁଳନାରେ ୩୮ ପ୍ରତିଶତ ବୃଦ୍ଧି ପାଇଥିଲା, ଯେଉଁଥିରେ ମହାରାଷ୍ଟ୍ର ଓ ମୁମ୍ବାଇରେ ସର୍ବାଧିକ ସଂଖ୍ୟା ରହିଥିଲା। ୨୦୨୩ ମସିହାର ତଥ୍ୟ ଅନୁସାରେ, ଉପନଗରୀୟ ରେଳ ନେଟୱାର୍କରେ ୨,୫୯୦ ଜଣଙ୍କ ମୃତ୍ୟୁ ରିପୋର୍ଟ ରହିଥିବା ବେଳେ କେବଳ ମୁମ୍ବାଇରେ ପ୍ରତିଦିନ ହାରାହାରି ସାତ ଜଣ ସ୍ଥାନୀୟ ରେଳର ଯାତ୍ରୀଙ୍କ ମୃତ୍ୟୁ ଘଟିଥାଏ। ସବୁଠାରୁ ବଡ଼ ସମସ୍ୟା ହେଉଛି, ବ୍ୟବସ୍ଥାଗତ ବିଫଳତା ଏବଂ ସୁରକ୍ଷା ମାନଦଣ୍ଡ ପ୍ରତି ଅବହେଳା ଯୋଗୁଁ ସ୍ଥଳ ଭାଗରେ ମଧ୍ୟ ପ୍ରତି ବର୍ଷ ସଡ଼କ ଏବଂ ରେଳ ଦୁର୍ଘଟଣାରେ ହଜାର ହଜାର ଲୋକଙ୍କ ଜୀବନ ଯାଇଥାଏ। ଭାରତରେ ପ୍ରତି ବର୍ଷ ପ୍ରାୟ ୧୭୦,୦୦୦ ଜଣ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରନ୍ତି, ଯାହା ବିଶ୍ୱର ସର୍ବାଧିକ ମୃତ୍ୟୁ ସଂଖ୍ୟା ମଧ୍ୟରୁ ଅନ୍ୟତମ। ଏହି ସମୟ ମଧ୍ୟରେ କେବଳ ରେଳ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବାର୍ଷିକ ୧୫,୦୦୦ରୁ ୨୦,୦୦୦ ହୋଇଥାଏ।

ଏନ୍‌ସିଆରବିର ତଥ୍ୟ ଅନୁଯାୟୀ, ୨୦୨୦ ମସିହାରେ କେବଳ ନକଲି ମଦ ପିଇ ୯୪୭ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୨୦୦୨-୨୦୨୦ ମଧ୍ୟରେ ଅବୈଧ ମଦ ଯୋଗୁଁ ୨୨,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା, ଯାହା ବାର୍ଷିକ ହାରାହାରି ୧୦୫୦ ଜଣ। ଜାତୀୟ ସ୍ତରରେ ଅବୈଧ ମଦ ପିଇବା ଦ୍ୱାରା ପ୍ରତି ବର୍ଷ ପ୍ରାୟ ୫୦୦ରୁ ୧୦୦୦ ଜଣ ମୃତ୍ୟୁମୁଖରେ ପଡ଼ି ଥାଆନ୍ତି। ୨୦୨୩ ମସିହା ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ, ୧୨୫ ଦେଶ ମଧ୍ୟରୁ ଭାରତକୁ ୧୧୧ ସ୍ଥାନରେ 'ଗମ୍ଭୀର' ବର୍ଗରେ ରଖାଯାଇଛି। ୨୦୨୨ ମସିହାରେ କୁପୋଷଣ ଯୋଗୁଁ ଭାରତରେ ମୁଖ୍ୟତଃ ଦାରିଦ୍ର୍ୟ କାରଣରୁ ୪ ଲକ୍ଷରୁ ଅଧିକ ଜଣ ଶିଶୁଙ୍କ ମୃତ୍ୟୁ ରିପୋର୍ଟ ହୋଇଥିଲା। ୟୁନିସେଫ୍ ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରତି ଏକ ମିନିଟରେ ୧ ଜଣ ଶିଶୁ କୁପୋଷଣ କାରଣ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାଏ। ଲାନ୍‌ସେଟ୍ ଏବଂ ଡବ୍ଲ୍ୟୁଏଚ୍‌ଓର ପୂର୍ବ ଆକଳନ ରିପୋର୍ଟ ଅନୁଯାୟୀ, ୨୦୨୩ ମସିହାରେ ପ୍ରାୟ ୧-୧.୨ ନିୟୁତ (୧୦-୧୨ ଲକ୍ଷ) ମୃତ୍ୟୁ କେବଳ ସ୍ୱାସ୍ଥ୍ୟସେବାରେ ଅବହେଳା ଯୋଗୁଁ ହୋଇଥିଲା। ଭାରତ ପ୍ରତି ବର୍ଷ କେବଳ ଦାରିଦ୍ର୍ୟ ଯୋଗୁଁ ପ୍ରତିରୋଧଯୋଗ୍ୟ ସଂକ୍ରାମକ ରୋଗ ଯଥା- ଯକ୍ଷ୍ମା, ଡାଇରିଆ, ମ୍ୟାଲେରିଆ ଯୋଗୁଁ ୧.୫ ନିୟୁତ ଲୋକଙ୍କୁ ହରାଉଛି ଏବଂ ଏହି ମୃତ୍ୟୁ ମଧ୍ୟରୁ କେବଳ ଦାରିଦ୍ର୍ୟ ହେତୁ ଅପପୁଷ୍ଟି, ବାସହୀନ ଏବଂ





ଜନଗହଳିପୂର୍ଣ୍ଣ ବସ୍ତିରେ ବାସ କରିବା କାରଣରୁ ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ବାର୍ଷିକ ୪ ଲକ୍ଷରୁ ଅଧିକ ଭାରତୀୟଙ୍କର ମୃତ୍ୟୁ ହୋଇଥାଏ। ଏନ୍‌ଜିଓ ଏବଂ ସରକାରୀ ରେକର୍ଡ ଅନୁଯାୟୀ, ଭାରତରେ ବାର୍ଷିକ ୮୦,୦୦୦-୧,୨୦,୦୦୦ ଜଣଙ୍କ ମୃତ୍ୟୁ ଥଣ୍ଡା, ଗରମ, ରୋଗ, କ୍ଷୁଧା ଯୋଗୁଁ ଘଟେ। ୨୦୨୨-୨୦୨୪ ମସିହାରେ ଗ୍ରୀଷ୍ମ ଲହରୀ ଯୋଗୁଁ ୩,୫୦୦ ଜଣରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା, ଯାହା ମଧ୍ୟରୁ ଅନେକ ବାସହୀନ ଏବଂ ଗରିବ ଶ୍ରେଣୀର ଲୋକ ଥିଲେ। ଏନ୍‌ସିଆରବି ୨୦୨୨ ମସିହାର ରିପୋର୍ଟ ଅନୁସାରେ, ଦାରିଦ୍ର୍ୟ ଏବଂ ଋଣ ଯୋଗୁଁ କୃଷକ ଆତ୍ମହତ୍ୟା ବାର୍ଷିକ ୧୦,୦୦୦ରୁ ୧୨,୦୦୦ ଜଣ ଏବଂ ମୋଟ ଆନୁମାନିକ ବାର୍ଷିକ ମୃତ୍ୟୁ ପାଖାପାଖି ୧.୫ରୁ ୨ ନିୟୁତ ହୋଇଥିଲା। ଦାରିଦ୍ର୍ୟ କାରଣ ଯୋଗୁଁ ୨୦୨୦-୨୦୨୪ ମସିହା ମଧ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ପାଖାପାଖି ୭.୫ରୁ ୧୦ ନିୟୁତ ହୋଇଥିଲା।

ଭାରତରେ ବାର୍ଷିକ ଅଗ୍ନିକାଣ୍ଡଜନିତ ମୃତ୍ୟୁ ସଂଖ୍ୟା ୨୦୨୦-୨୦୨୨ ମସିହା ମଧ୍ୟରେ ପ୍ରାୟ ୬,୦୦୦-୯,୦୦୦ ଲୋକଙ୍କ ମଧ୍ୟରେ ଥିଲା। ସେଥିରେ କାରଖାନା, ହସ୍ପିଟାଲ, ହୋଟେଲ, ଘରୋଇ ବିପଦ ଯଥା ବୈଦ୍ୟୁତିକ, ଗ୍ୟାସ ଇତ୍ୟାଦି ଅନ୍ତର୍ଭୁକ୍ତ। ସେହିପରି ଧାର୍ମିକ ସମାବେଶ ଏବଂ ତୀର୍ଥସ୍ଥାନମାନ ଅଛି, ଯେଉଁଠାରେ ଦଳାଚକଟାରେ ଅନେକ ଲୋକ ମୃତ୍ୟୁମୁଖରେ ପଡ଼ନ୍ତି। ଧର୍ମକୁ ବିଶ୍ୱାସ କରୁଥିବା ବ୍ୟକ୍ତି ନିଜର ପ୍ରାଧାନ୍ୟ ବଢ଼ାଇବା ପାଇଁ ଭିଡ଼ ସୃଷ୍ଟି କରନ୍ତି। ସେମାନଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରିବାର ଉପାୟ ଆଜି ମଧ୍ୟ ଅସମାହିତ, ଯାହା ଫଳରେ ଏଭଳି ଦୁଃଖଦ ଘଟଣା ବାରମ୍ବାର ଘଟି ଚାଲିଛି, ଯେପରିକି ପୁରୀରେ ଚଳିତ ୨୦୨୫ ମସିହାର ରଥଯାତ୍ରାରେ ତିନି ଜଣ ପ୍ରାଣତ୍ୟାଗ କରିଛନ୍ତି ଓ ପୁରୀକୁ ଆସୁଥିବା ରାସ୍ତାରେ ଆଉ କିଛି ଜଣଙ୍କ ମୃତ୍ୟୁ ଘଟିଥିଲା। ଜାନୁଆରୀ ମାସରେ ପ୍ରୟାଗରାଜରେ ମହାକୁମ୍ଭ ମେଳା ଦଳାଚକଟାରେ ୩୦ ଜଣରୁ ଅଧିକଙ୍କ ମୃତ୍ୟୁ ହୋଇଥିଲା। ଏପରି ଘଟଣାର ବାସ୍ତବତାକୁ ମୂଲ୍ୟାଙ୍କନ କରିବା ଉପାୟରେ ମୌଳିକ ତ୍ରୁଟି ରହି ଆସିଛି, ଯାହାକୁ ଏଡ଼ାଇ ଦିଆଯାଇ ପାରନ୍ତା। ସେହିପରି ୨୦୧୯ରୁ ୨୦୨୩ ମସିହା ମଧ୍ୟରେ ଭାରତରେ ଆତଙ୍କବାଦ ଯୋଗୁଁ ପ୍ରାୟ ୬୦୮୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଘଡ଼ଘଡ଼ି, ସାପ କାମୁଡ଼ା, ବନ୍ୟଜନ୍ତୁ ଆକ୍ରମଣ ଇତ୍ୟାଦି ଅନେକଗୁଡ଼ିଏ ମୃତ୍ୟୁର ରାସ୍ତା ମଣିଷ ସମ୍ମୁଖରେ ଯନ୍ତା ଭଳି ରହି ଆସିଛି। ତେବେ ସବୁ ସମସ୍ୟାର ସମାଧାନ ମଧ୍ୟ ଅଛି, ଯାହା ଆଜି ପର୍ଯ୍ୟନ୍ତ ଆମେ ପାଇବାକୁ ଅସମର୍ଥ ବା ପ୍ରୟାସର ଅଭାବ ଯୋଗୁଁ ମୃତ୍ୟୁ ତା'ର ଲୀଳା ଘଟାଇ ଚାଲିଛି।

ଆମେ ସଭ୍ୟ, ଶିକ୍ଷିତ, ବିଜ୍ଞାନୀ, ଚତୁର, ପରୋପକାରୀ ଇତ୍ୟାଦି ଇତ୍ୟାଦି ଅଳଙ୍କାରରେ ଅଳଙ୍କୃତ। କେବଳ ମାନବିକତାର ଅଭାବ ଯୋଗୁଁ 'ଆପେ ବଞ୍ଚିଲେ ବାପର ନାଁ' ନ୍ୟାୟରେ ଲୋକ ଦେଖାଣିଆ- 'ହାୟ ଚାଲିଗଲେ !' କହି ଶୋଇ ପଡୁଛନ୍ତି। ଆମକୁ ମାନିବାକୁ ପଡ଼ିବ ଯେ ଯାନବାହନ ଦୁର୍ଘଟଣା, ରାସ୍ତାଘାଟର ଅବ୍ୟବସ୍ଥା, ଖାଦ୍ୟାଭାବ, ଦାରିଦ୍ର୍ୟ, କୁପୋଷଣ, ଅଗ୍ନିକାଣ୍ଡ, ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ, କଳ କାରଖାନାର ଦୁର୍ଘଟଣା, ଦଳାଚକଟା, ସ୍ୱାସ୍ଥ୍ୟଗତ ସମସ୍ୟା ସହିତ ଆତଙ୍କବାଦୀଙ୍କ ଆକ୍ରମଣ ଓ ଯୁଦ୍ଧ ଇତ୍ୟାଦି ଗୋଟିଏ ଗୋଟିଏ ମାନବ ସଭ୍ୟତାର ଧ୍ୱଂସର ମାର୍ଗ ଏବଂ ଏଗୁଡ଼ିକରୁ ରକ୍ଷା ପାଇବାକୁ ହେଲେ ଆମର ଗଭୀର ପ୍ରୟାସ, ନୈତିକତା ସହିତ ଗଭୀର ରାଜନୈତିକ ଓ ମାନବିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଘଟଣା ବା ଦୁର୍ଘଟଣା ପରେ କିଛିଦିନ ଗଣମାଧ୍ୟମରେ ଚର୍ଚ୍ଚାରେ ନରହି ମାନବିକ, ରାଜନୈତିକ ଓ ସାମାଜିକ କର୍ତ୍ତବ୍ୟକୁ ଅଗ୍ରାଧିକାର ଦେଇ ବୈଜ୍ଞାନିକ ପଦ୍ଧତିର କଠୋର ପ୍ରୟୋଗ ଦ୍ୱାରା 'ମେଡେ'ରୁ ମୋତେ ବଞ୍ଚାଅ ପର୍ଯ୍ୟନ୍ତ କରୁଣ ଆହ୍ୱାନକୁ' ସମ୍ମୁଖୀନ କରି ପାରିବା, ନଚେତ୍ ଆଖି ଆଗରେ ନିଜର ଆତ୍ମୀୟଙ୍କୁ ହରାଇ ଆତ୍ମଗ୍ଲାନିରେ ମାନବ ସଭ୍ୟତାର ଧ୍ୱଂସ ସ୍ତୁପର ମୂକସାକ୍ଷୀ ହୋଇ ରହିଯିବା।

**ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ**
**ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨**

# ଚନ୍ଦ୍ରପୃଷ୍ଠରେ ମାନବ



ଶ୍ରୀବତ୍ସ ନାୟକ

ପିଲାଦିନେ ବାପାଙ୍କ କାନ୍ଧରେ ବସି ଅଗଣାରେ ବୁଲି ବୁଲି ଦୂର ଆକାଶର ଚନ୍ଦ୍ର (ଜହ୍ନମାମୁ)କୁ ଦେଖୁଥିବା ମଣିଷ ଯେ ଦିନେ ଚନ୍ଦ୍ର ପୃଷ୍ଠରେ ପାଦ ଥାପିବ, ଏହା କେବେ କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା ହିଁ କରି ନଥିଲେ। ମଣିଷ ଭଳି ଏକ ଚଳଚଞ୍ଚଳ ପ୍ରାଣୀ ଗୋଟିଏ ସ୍ଥାନରେ ବହୁତ ସମୟ ଧରି ନିରବରେ ଓ ନିଶ୍ଚଳ ଭାବରେ ବସି ରହିପାରେ ନାହିଁ। ସେ ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ 'ବିଜ୍ଞାନ' ନାମକ ଗବେଷଣାର ଆୟୁଧ ସହିତ ଆଗକୁ ଆଗକୁ ମାଡ଼ି ଚାଲେ। ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବ କରି ୧୯୬୮ ମସିହା ଜୁଲାଇ ମାସ ୨୦ ତାରିଖରେ ମଣିଷ ପ୍ରଥମେ ଚନ୍ଦ୍ର ପୃଷ୍ଠରେ ପାଦ ଥାପି ଇତିହାସ ରଚିବା ସହିତ ମାନବ ସଭ୍ୟତାର ସଫଳତାର ବହିରେ ଆଉ ଏକ ନୂତନ ଫର୍ଦ୍ଦ ଯୋଡ଼ିଥିଲା। ଜଣେ ମଣିଷ ଚନ୍ଦ୍ରରେ ପଦାର୍ପଣ କରିବା- ମାନବ ବିଜ୍ଞାନ ଓ ଯାନ୍ତ୍ରିକତାର ଏକ ବିଶିଷ୍ଟ କୃତୀ। ଏହା ମଣିଷ ପାଇଁ ଗୋଟିଏ ଛୋଟ ପଦକ୍ଷେପ ହୋଇପାରେ ସତ, କିନ୍ତୁ ମାନବତା ପାଇଁ ଏହା ଥିଲା ଏକ ବଡ଼ ଦୌଡ଼। ଚନ୍ଦ୍ରମା ଉପରେ ପାଦ ରଖିଥିବା ଏହି ଐତିହାସିକ ଘଟଣାକୁ ମନେ ପକେଇବା ସହ ନିଜ ଜୀବନକୁ ବାଜି ଲଗାଇ ଚନ୍ଦ୍ର ପୃଷ୍ଠରେ ପ୍ରଥମେ ପାଦ ଥାପିଥିବା ନୀଲ୍ ଆର୍ମଷ୍ଟ୍ରଙ୍ଗଙ୍କ ସାହସିକତାକୁ ସମ୍ମାନ ଜଣାଇବା ପାଇଁ ଆନ୍ତର୍ଜାତିକ ସ୍ତରରେ ପ୍ରତି ବର୍ଷ ଜୁଲାଇ ମାସ କୋଡ଼ିଏ ତାରିଖକୁ ଆନ୍ତର୍ଜାତିକ ଚନ୍ଦ୍ରମା ଦିବସ ଭାବେ ପାଳନ କରାଯାଉଛି।

ଚନ୍ଦ୍ର ହେଉଛି ପୃଥିବୀର ଏକମାତ୍ର ଉପଗ୍ରହ ଏବଂ ଆମର ନିକଟତମ ଜ୍ୟୋତିର୍ବିଦୀୟ ପିଣ୍ଡ। ଚନ୍ଦ୍ର ଅଭିଯାନରେ ଯିବା ପାଇଁ ଉଭୟ ରୁଷିଆ ଓ ଆମେରିକା ଚେଷ୍ଟା କଲେ। କିଏ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପାଦ ଦେବ, ସେଥିପାଇଁ ଉଭୟ ଦେଶ ମଧ୍ୟରେ ପ୍ରତିଯୋଗିତା ହେଉଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ୧୯୬୧ ମସିହାରେ ନିଜ ଭାଷଣରେ ପ୍ରକାଶ କରିଥିଲେ, 'ଏହି ଦଶନ୍ଧି ଶେଷ ପୂର୍ବରୁ ଆମେ ଜଣେ ମନୁଷ୍ୟକୁ ଚନ୍ଦ୍ରପୃଷ୍ଠରେ ଅବତରଣ କରାଇବୁ ଏବଂ ତାକୁ ନିରାପଦରେ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବୁ', ଏବଂ ଠିକ୍ ସେଇଆ ହିଁ ହେଲା। ମହାକାଶ ଅଭିଯାନ ଇତିହାସରେ ୧୯୬୯ ଜୁଲାଇ ୨୦ ତାରିଖ ଥିଲା ଗୋଟିଏ ଉଲ୍ଲେଖନୀୟ ଦିବସ। ଏହି ଦିନ ପୃଥିବୀର ମନୁଷ୍ୟ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପଦାର୍ପଣ କରିଥିଲା। ଆମେରିକାର ଆପୋଲୋ-୧୧ ଯାନକୁ ୧୯୬୯ ଜୁଲାଇ ୧୬ ତାରିଖରେ ଫ୍ଲୋରିଡାର କେପ୍ କେନେଡି ମହାକାଶ କେନ୍ଦ୍ରରୁ ସଟର୍ଣ୍ଣ-୫ ରକେଟ୍ ସାହାଯ୍ୟରେ ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା। ଏଥିରେ ତିନି ଜଣ ମହାକାଶଚାରୀ- ନିଲ୍ ଆର୍ମଷ୍ଟ୍ରଙ୍ଗ, ମାଇକେଲ୍ କୋଲିନ୍‌ସ ଓ ଏଡ୍‌ୱିନ୍ ଆଲ୍‌ଡ୍ରିନ୍ ଥିଲେ। ଆପୋଲୋ ୧୧ ଏକ ମାନବ ଅନ୍ତରୀକ୍ଷ ଯାନ, ଯାହା ମାଧ୍ୟମରେ ମାନବ ଚନ୍ଦ୍ର ଅଭିଯାନ ଆରମ୍ଭ କରିଥିଲା। କମାଣ୍ଡର ନିଲ ଆର୍ମଷ୍ଟ୍ରଙ୍ଗ, ଲୁନାର ମୋଡ୍ୟୁଲ ପାଇଲଟ ବୁଜ ଆଲଡ୍ରିନ- ଆମେରିକୀୟଦ୍ୱୟ ଆପୋଲୋ ଲୁନାର ମୋଡ୍ୟୁଲ ଇଗଲ ସାଥୀରେ ଜୁଲାଇ ୨୦, ୧୯୬୯ରେ (୨୦:୧୭ ୟୁଟିସି) ଓହ୍ଲେଇ ଥିଲେ। ପ୍ରଥମେ ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପାଦ ରଖିଥିଲେ ଓ ୧୯ ମିନିଟ ପରେ ତାଙ୍କ ସାଥୀରେ ଆଲ୍‌ଡ୍ରିନ୍ ଯୋଗ ଦେଇଥିଲେ। ଚନ୍ଦ୍ରପୃଷ୍ଠରେ ୨୧ ଘଣ୍ଟାରୁ ଅଧିକ ସମୟ ରହି ସେଠାରେ ଆମେରିକାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚନ୍ଦ୍ରଯାନ ବାହାରେ ୨ ଘଣ୍ଟା ୧୫ ମିନିଟ ରହି ପ୍ରାୟ ୪୭୫ ପାଉଣ୍ଡ/୨୧.୫ କେ.ଜି. ଚନ୍ଦ୍ର ପଦାର୍ଥ ସଂଗ୍ରହ କରିଥିଲେ। ସେମାନେ ଚନ୍ଦ୍ରପୃଷ୍ଠରୁ ମୃତ୍ତିକା ସଂଗ୍ରହ କରିଥିଲେ ଏବଂ ବିଭିନ୍ନ ପରୀକ୍ଷା କରିଥିଲେ। ସେମାନେ ସାଥୀରେ ନେଇଥିବା ଗୋଟିଏ ଫଳକ ଚନ୍ଦ୍ରପୃଷ୍ଠରେ ପୋତିଥିଲେ। ସେଥିରେ ଲେଖା ଥିଲା, '୧୯୬୯ ମସିହା ଜୁଲାଇ ମାସରେ ପୃଥିବୀର ପ୍ରଥମ ମନୁଷ୍ୟ ଭାବରେ ଚନ୍ଦ୍ରରେ ପାଦ ପକାଇ ସମଗ୍ର ମାନବ ଜାତିର ଶାନ୍ତି କାମନା କରି ଆମେ ଏଠାକୁ ଆସିଥିଲୁ।' ଚନ୍ଦ୍ରପୃଷ୍ଠରୁ ମହାକାଶଚାରୀମାନେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତିଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା ହୋଇ




କହିଥିଲେ, 'ଏଠାରେ ଆମେ ପହଞ୍ଚିବା ହେଉଛି ଆମମାନଙ୍କ ପାଇଁ ବଡ଼ ସମ୍ମାନ ଓ ଗର୍ବ। ଆମେମାନେ କେବଳ ଯୁକ୍ତରାଷ୍ଟ୍ର ଆମେରିକା ନୁହେଁ, ସମସ୍ତ ଦେଶର ଶାନ୍ତିପ୍ରିୟ ଲୋକଙ୍କୁ ପ୍ରତିନିଧିତ୍ୱ କରୁଛୁ। ଆମେମାନେ ସମସ୍ତ ଲୋକଙ୍କ ଆଗ୍ରହ, ଆକାଂକ୍ଷା ଓ ଭବିଷ୍ୟତର ଦୂରଦୃଷ୍ଟିକୁ ମଧ୍ୟ ପ୍ରତିନିଧିତ୍ୱ କରୁଛୁ।' ସେଠାରେ ମହାକାଶଚାରୀମାନେ ବିଭିନ୍ନ ପରୀକ୍ଷଣ କରିବା ସହ ଚନ୍ଦ୍ରର ରହସ୍ୟ ଉନ୍ମୋଚନ କରିଥିଲେ। ଅବଶେଷରେ ସେମାନେ ଜୁଲାଇ ୨୪ ତାରିଖ ଦିନ ପ୍ରଶାନ୍ତ ମହାସାଗରରେ ଅବତରଣ କରିଥିଲେ। ୧୯୭୨ ମସିହା ପରେ କୌଣସି ଦେଶ ଚନ୍ଦ୍ରପୃଷ୍ଠକୁ ମନୁଷ୍ୟ ପଠାଇବା ପାଇଁ ଚେଷ୍ଟା କରି ନାହାନ୍ତି, ମାତ୍ର ମନୁଷ୍ୟବିହୀନ ଯାନ ଚନ୍ଦ୍ରକୁ ପରିକ୍ରମା କରି ଏବଂ କେତେକ ଏହା ପୃଷ୍ଠରେ ଅବତରଣ କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ଆମେରିକା ପରେ ସୋଭିଏତ୍ ରୁଷ୍ (ଲୁନାର ମିଶନ), ଚୀନ୍ (ଏନ୍‌ଏସ୍‌ଏ ମିଶନ), ଜାପାନ (ସ୍ଲିମ୍ ମିଶନ), ଭାରତ (ଚନ୍ଦ୍ରଯାନ) ଯଥାକ୍ରମେ ଚନ୍ଦ୍ରପୃଷ୍ଠକୁ ଯାନ ପଠାଇ ଅନେକ ରହସ୍ୟ ଉନ୍ମୋଚନ କରିବାରେ ସକ୍ଷମ ହେଲେଣି।

ଆବହମାନ କାଳରୁ ମନୁଷ୍ୟ ପାଇଁ ଚନ୍ଦ୍ର ଆକର୍ଷଣ ସାଜିଛି। ପୁରାଣ ଯୁଗର ସେ ଆମମାନଙ୍କର ଚନ୍ଦ୍ରଦେବ ହୁଅନ୍ତୁ କିମ୍ବା ଜନମାନସରେ ଚନ୍ଦ୍ର ମାମୁ ହୁଅନ୍ତୁ, ମନୁଷ୍ୟ ସର୍ବଦା ଚନ୍ଦ୍ର ପ୍ରତି ଧ୍ୟାନ ଦେଇ ଆସିଛି। କିନ୍ତୁ ଆଜକୁ ଛପନ ବର୍ଷ ପୂର୍ବେ ଚନ୍ଦ୍ରରେ ମନୁଷ୍ୟର ପ୍ରଥମ ପଦାର୍ପଣ ହେଉଛି ଏକ ଐତିହାସିକ କୀର୍ତ୍ତି। ମହାକାଶ ଅନୁସନ୍ଧାନରେ ମାନବିକତାର ଅସାଧାରଣ ସଫଳତାକୁ ସ୍ମରଣ କରିବା ପାଇଁ ଏବଂ ପ୍ରଥମ ଚନ୍ଦ୍ର ଅବତରଣକୁ ସମ୍ମାନ ଜଣାଇ ପ୍ରତି ବର୍ଷ ଜୁଲାଇ ୨୦ ତାରିଖକୁ ଆନ୍ତର୍ଜାତିକ ଚନ୍ଦ୍ରମା ଦିବସ ଭାବେ ପାଳନ କରାଯାଉଛି। ଏହା କେବଳ ଏକ ଦିନ ନୁହେଁ କି ଉତ୍ସବ ନୁହେଁ, ଏହା ହେଉଛି ମାନବର ମନୋବଳ, ବିଜ୍ଞାନ ଓ ଏକତାର ଏକ ଉଜ୍ଜ୍ୱଳ ପ୍ରତୀକ। ଏହି ଦିନ ଆମକୁ ଶିଖାଏ ଯେ- ଯଦି ଇଚ୍ଛା ଓ ଅଦମ୍ୟ ଚେଷ୍ଟା ଥାଏ, ତେବେ ଚନ୍ଦ୍ର ପର୍ଯ୍ୟନ୍ତ ଯିବା ମଧ୍ୟ ସମ୍ଭବ। ଆସନ୍ତୁ, ଏହି ଦିନରେ ଆମେ ବିଜ୍ଞାନ, ଗବେଷଣା ଓ ଶିକ୍ଷା ପ୍ରତି ଆଦର ବଢ଼ାଇବା ପାଇଁ ପ୍ରତିବଦ୍ଧ ହେବା।

**ଅଧ୍ୟାପକ, ବାଣିଜ୍ୟ ବିଭାଗ**
**ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟ, କଟକ**
**ମୋ: ୯୪୩୮୦୭୦୮୪୯**

ନିତିଦିନ NITIDIN



# ନୂତନ ପରିଚାଳନା କମିଟି ପୁନର୍ଗଠନ ନିମନ୍ତେ ଅଭିଯୋଗ



**ଢେଙ୍କାନାଳ,୧୯।୭/ଏନ୍ଏନ୍ଏସ୍:** ଓଡାପଡା ଶିବପୁର ଗ୍ରାମର ମା'ଲଙ୍ଗବାଉଡି ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ପୁନର୍ଗଠନ ନିମନ୍ତେ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି । ପ୍ରକାଶ, ଉକ୍ତ ବିଦ୍ୟାଳୟଟି ୧୯୯୭ ମସିହାରେ ଗ୍ରାମବାସୀଙ୍କ ସହଯୋଗରେ ନିର୍ମାଣ ହୋଇଥିଲା। କିନ୍ତୁ ଜାଗା ନଥିବାରୁ ସରକାରଙ୍କ ପାଖରୁ ଜିଆଇ ପାଇପାରି ନଥିଲା । ୨୦୨୨ ମସିହାରେ ବାକିଥିବା ୨ ଏକର ୧୦ ଡେସିମିଲି ଜାଗା ପଞ୍ଜା କରାଗଲା । ଗତ ୧୪.୦୧.୨୦୨୪ରେ ଜିଆଇ ପାଇପାରିଲା । କିନ୍ତୁ ଦୁଃଖର ବିଷୟ ପ୍ରଧାନଶିକ୍ଷକଙ୍କ ଜାଲିଆତିରେ ବିଭିନ୍ନ ବେନିୟମ କାର୍ଯ୍ୟ ଚାଲିଥିଲା । ଯଥା-୧୦ ବର୍ଷ ଅନୁପସ୍ଥିତ ଥିବା ଶିକ୍ଷକଙ୍କୁ ଉପସ୍ଥାପନ ଦେବା, ଗତ ୭.୪.୨୦୨୪ରେ ସଭାପତି ଓ ସଂପାଦକଙ୍କ ଇସ୍ତଫା, ଗତ ୮.୪.୨୦୨୪ରେ ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତିରେ ସହକାରୀ ଶିକ୍ଷକଙ୍କୁ ସଭାପତି ଓ ସମ୍ପାଦକଙ୍କ ବହିଷ୍କୃତ କରିବା, ଗତ ୨୦୨୪ ମସିହା ୨୩, ୨୪ ଓ ୨୫ ତାରିଖ ତିନିଦିନ ନୂତନ ପରିଚାଳନା କମିଟି ଗଠନ ପାଇଁ ନୋଟିସ୍ କରାଯାଇଥିଲା। ଗତ୨୬.୪.୨୦୨୪ରେ ନୂତନ ଏସ୍ଏମ୍‌ଡସି ପାଇଁ ପ୍ରସ୍ତାବ ଦିଆଯାଇଥିଲା, ଗତ ୩୦.୪.୨୦୨୪ରିଖରେ ପ୍ରଧାନଶିକ୍ଷକ ସଭାପତି ଓ ସଂପାଦକଙ୍କ ଡୁପ୍ଲିକେଟ୍ ଦସ୍ତଖତରେ ୮ଟି ପୋଷ୍ଟ ଡିଇଓ ମାଡାମ୍‌ଙ୍କ ଦ୍ୱାରା ଆପ୍ରୁଭ୍ କରାଯାଇଥିଲା, ଗତ୨୮.୫.୨୦୨୪ରେ ଆପ୍ରୁଭ୍ ହେଲା ପରେ ବିଇଓଙ୍କୁ ସଭାପତି ଓ ସମ୍ପାଦକଙ୍କ ରିଜାଇନ୍ ଦେଇଥିବା ହେତୁ ତଦାରଖ ପାଇଁ ନୋଟିସ୍ କରାଗଲା । ଗତ୧.୫.୨୦୨୪ରେ ଡିଇଓଙ୍କୁ ଜଣାଇବା ପରେ ଦୀର୍ଘ ୬ରୁ ୮ମାସ ବିତିଯାଇଥିଲେ ମଧ କମିଟି ନଥାଇ ପୁଣି ୨ଟି ପୋଷ୍ଟ ଡୁପ୍ଲିକେଟ୍ ଦସ୍ତଖତରେ ଆପ୍ରୁଭ୍ କରାଯାଇଥିଲା, ଗତ ୨୭.୮.୨୦୨୪ରେ ଏଡିଇଓ ଓ ଭୁବନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥ୍ୟକୁ ଅନୁଧାନ କରି ଏହା ପ୍ରଧାନଶିକ୍ଷକ ଜାଣିଶୁଣି ଭୁଲ୍ କରିଛନ୍ତି ବୋଲି ୨୯.୧୧.୨୦୨୪ରେ ମିଡିଆରେ ଏଡିଇଓ ମାଡାମ୍ କହିଥିଲେ। ଆର୍‌ଟିଆଇରେ ଡିଇଓଙ୍କୁ ତଥ୍ୟ ମଗାଯିବାରୁ ତାହା ପ୍ରଧାନ ଶିକ୍ଷକଙ୍କୁ ଚିଠି କରିବା ଦୁର୍ଭାଗ୍ୟର ବିଷୟ। ଦୀର୍ଘ ଦେଢ ବର୍ଷ ବିତିଯାଇଥିଲେ ମଧ ଜିଲ୍ଲାପାଳ ଓ ଡିଇଓ ମାଡାମ୍‌ଙ୍କୁ ବହୁବାର ଦେଖା କଲେ ମଧ ଏହାର କୌଣସି ବିଚାର କରାଯାଇ ନାହିଁ ବା ନୂତନ କମିଟି ଗଠନ କରାଯାଇନାହିଁ । ଏହି ସପନ୍ଦର ଦିନ ଭିତରେ ଏହାର ସୁବିଚାର ନକରାଗଲେ ଗ୍ରାମବାସୀମାନେ ବିଦ୍ୟାଳୟ ଫାଟକକୁ ତାଲା ପକାଇ ସମ୍ମୁଖରେ ଧାରଣା ଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଏକ ଲିଖିତ ଅଭିଯୋଗ ଜଣାଇଛନ୍ତି । ଏହି ଅଭିଯୋଗ ସମୟରେ ଯୁଗଳ କିଶୋର ସାହୁ, ସଞ୍ଜୟ କୁମାର ଭୋଇ, କନ୍ଦର୍ପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଯାଜପୁର ଗସ୍ତ



**ବଡ଼ଚଣା,୧୯।୭/ଏନ୍ଏନ୍ଏସ୍:** ଆଜି ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ସପନ୍ତୀକଙ୍କ ଯାଜପୁର ଗସ୍ତ ଅବସରରେ ଜିଲ୍ଲାର ବିଭିନ୍ନ ଧାର୍ମିକ ପୀଠ ଦର୍ଶନ କରିଛନ୍ତି । ପ୍ରଥମେ ଛତିଆ ସ୍ଥିତ ପ୍ରସିଦ୍ଧ ହାଡ଼ିଦାସ ପୀଠ ଓ ଚଣ୍ଡିଖୋଲ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ମହାବିନାୟକ ପରେ ଯାଜପୁରର ଶକ୍ତି ପୀଠ ମା ବିରଜା,ସନ୍ଥ ଅରକ୍ଷିତ ଦାସ ପୀଠ ଓଳାଶୁଣି ଗୁମ୍ଫା ଦର୍ଶନ କରିଥିଲେ । ଏହି ଅବସରରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର କର୍ମକର୍ତ୍ତାମାନେ ମହାବିନାୟକ ଠାରେ ସୌଜନ୍ୟମୂଳକ ସାକ୍ଷାତ କରି ଜଷ୍ଟିସ ଟଣ୍ଡନ ଓ ତାଙ୍କ ଧର୍ମପତ୍ନୀଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର କର୍ମକର୍ତ୍ତା ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ଉପ ସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମ ସମ୍ପାଦକ, ଶିରୀଶ ସାମଲ, ପୂର୍ବତନ ସଭାପତି ଦେବରାଜ ବେହେରା, ପ୍ରିୟଗୋବିନ୍ଦ ଦାସ, ଦୀନବନ୍ଧୁ ନାୟକ, ଅବିନାଶ ପଣ୍ଡା,ବୀରେନ୍ ବିଶ୍ୱାଳ, ଜୋତିଶଙ୍କର ମହାପାତ୍ର, ସଂଗ୍ରାମ ନାୟକ,ସୁରେଶ ସାହାଣୀ, ବେବିନା ଓଝା, ସମେତ ବହୁତ ଅଇନି ଯିବି ଉପସ୍ଥିତ ଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ ପ୍ରଶାନ୍ତ ଦାସ, ମୁଖ୍ୟ ବିଚାରପତିଙ୍କ ପ୍ରଧାନ ସଚିବ ଆନନ୍ଦ ଚନ୍ଦ୍ର ଦାସ ଯାଜପୁର ଜିଲ୍ଲା ଜଜ ଅମୃତ ରଞ୍ଜନ ନନ୍ଦ, ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଜଜ ଗୋପବନ୍ଧୁ ଗଡ଼ନାୟକ, ଉଚ୍ଚନ୍ୟାୟାଳୟର ପ୍ରୋଟୋକଲ୍ ଜଜ ଦେଶ ପ୍ରିୟ ବାରିକ, ଯାଜପୁର ଜିଲ୍ଲାପାଳ ପି ଅନୁଷ୍ଣା ରେଡି, ଆରକ୍ଷୀ ଅଧିକ୍ଷକ ୟସପ୍ରତାପ ଶ୍ରୀମଲି ସମେତ ଜିଲ୍ଲାର ବିଚାର ବିଭାଗୀୟ ଓ ପ୍ରଶାସନିକ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



**ପରଜଙ୍ଗ,୧୯।୭/ଏନ୍ଏନ୍ଏସ୍:** ପରଜଙ୍ଗ ବ୍ଲକ୍ ଜୟପୁରାକାଟେଣୀ ଗ୍ରାମରେ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ବିଭୂତି ଭୂଷଣ ପ୍ରଧାନ। ଏନଏଚ ନଂ ୫୩ ସିଆରିମାଳିଆ ଛକ ଠାରୁ ଜୟପୁରାକାଟେଣୀ ଗାଁ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତା ଯାହା ୪ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଯାଉଛି। ଏହାଦ୍ୱାରା ରାସ୍ତା ସମ୍ପ୍ରସାରଣ ହେବା ସଙ୍ଗେ ସଙ୍ଗେ ଡ୍ରେନେଜ ବ୍ୟବସ୍ଥାର ସୁବିଧା ହୋଇପାରିବ। ଦୀର୍ଘଦିନ ହେବ ଅଣଓସାରିଆ ହୋଇ ପଡି ରହିଥିବା ଏହି ରାସ୍ତାକୁ ନିର୍ମାଣ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଆଜି ଲୋକଙ୍କ ସରକାର ଲୋକଙ୍କ ନିକଟରେ ପହଞ୍ଚିଥିବା ବିଧାୟକ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ସମେତ ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଉପଧକ୍ଷା ଯସ୍ମିନ ରାଉତ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ମିତାରାଣୀ ସାହୁ , ସମିତି ସଭ୍ୟ ପିପିନା ବେହେରା, ଅଞ୍ଚଳର ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ବ୍ରେଲି ଉପକରଣ ବଣ୍ଟନ




**ଯାଜପୁର,୧୯।୭/ଏନ୍ଏନ୍ଏସ୍:** ଆଜି ଅପରାହ୍ନ ୫ ଘଟିକା ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ପି ଅନ୍ୱେଷା ରେଡିଙ୍କ ଦ୍ୱାରା ନେତାଜୀ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ, ଦଶରଥପୁରର ମୋଟ ପାଞ୍ଚଜଣ ଛାତ୍ରଛାତ୍ରୀଙ୍କୁ ବ୍ରେଲି ଉପକରଣ ବଣ୍ଟନ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀମତୀ ରେଡି ସମସ୍ତ ଛାତ୍ର ଛାତ୍ରୀଙ୍କୁ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଉପଦେଶ ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଞ୍ଚଜଣ ଛାତ୍ରଛାତ୍ରୀଙ୍କ ଅଭିଭାବକ, ନେତାଜୀ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନାୟକ, ସମ୍ପାଦକ ସ୍ୱର୍ଣଲତା ରାଉତ, କମ୍ପ୍ୟୁଟର ଶିକ୍ଷକ ପ୍ରୀତିକାନ୍ତ ଜେନା, ସୋମନାଥ ମଲିକ, କନିଷ୍ଠ କିରାଣୀ ଆଦି ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ୟା ବିପନ୍ନଙ୍କୁ ସହାୟତା ପାଇଁ ଦାବି

**ରାଜନଗର,୧୯।୭/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍‌ର ବନ୍ୟା ପ୍ରଭାବିତ ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର, କେରଡାଗଡ, ବାଲିସାହିପାଟଣା ପ୍ରଭୃତି ପଞ୍ଚାୟତଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ରାଜନଗର, ମହୁଲିଆ, ଚାନ୍ଦିବାଉଁଶମୂଳ, ଘଡିଆମାଳ ପଞ୍ଚାୟତ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୩୦ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ରପ୍ରସାଦ ରାଉତ ଏହି ପଞ୍ଚାୟତଗୁଡିକର କ୍ଷତିଗ୍ରସ୍ତ ଜନସାଧାରଣଙ୍କ ପାଇଁ ସାତଦିନର ରିଲିଫ୍ ଦେବା, ଗୋ-ଖାଦ୍ୟ ଯୋଗାଇ ଦେବା, ମାଗଣାରେ ବିହନ ଯୋଗାଇ ଦେବା, ନଳକୂପ ବିଶୋଧନ କରାଯିବା ସହିତ ଆବଶ୍ୟକସ୍ଥଳେ ନୂତନ ନଳକୂପ ଖନନ କରାଯାଉ, କୁମ୍ଭୀର ଆକ୍ରମଣରୁ ଧନଜୀବନକୁ ସୁରକ୍ଷା ଦିଆଯାଉ, ସାପ କାମୁଡା ଇଞ୍ଜେକ୍ସନ ବହୁଳ ପରିମାଣରେ ମହଜୁତ ରଖାଯାଉ, ବ୍ଲକ, ଗ୍ରାମ୍ୟଉନ୍ନୟନ ବିଭାଗ, ପୂର୍ତ୍ତବିଭାଗ ଓ ତଟବନ୍ଧ ବିଭାଗ ରାସ୍ତା ମରାମତି କରାଯିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

# ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମ କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଯାଜପୁର,୧୯।୭/ଏନ୍ଏନ୍ଏସ୍:** ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମର ଶେଷଦିନ ଯାଜପୁରର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅତ୍ୟନ୍ତ ଉତ୍ସାହର ସହିତ ଅନୁଷ୍ଠିତ ହୋଇଥିଲା। ଯାହା ଅନ୍ତର୍ଭୁକ୍ତିମୂଳକ ଏବଂ ନବସୃଜନଶୀଳ ଉଦ୍ୟୋଗୀତା ଆଡକୁ ଓଡ଼ିଶାର ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଥିଲା। ରାଜ୍ୟ ସାରା, ବିଶେଷକରି ଉଦୀୟମାନ ଜିଲ୍ଲାଗୁଡ଼ିକରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ସଶକ୍ତ କରିବା ପାଇଁ ଏହାର ପ୍ରମୁଖ ପଦକ୍ଷେପର ଏକ ଅଂଶ ଭାବରେ, ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମଇ ବିଭାଗ ଅଧୀନରେ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅଧିବେଶନରେ ବ୍ୟବହାରିକ ସଫଳତାର କାହାଣୀ, ଋଣର ଉପଲବ୍ଧତା, କ୍ଷମତା ନିର୍ମାଣ ଏବଂ ସ୍ୱୟଂ-ସହାୟତା ଗୋଷ୍ଠୀପରିଚାଳିତ ବ୍ୟବସାୟଗୁଡ଼ିକୁ ଆନୁଷ୍ଠାନିକ ଷ୍ଟାର୍ଟଅପ୍ ଏବଂ ଏମଏସଏମଇ ଇକୋସିଷ୍ଟମରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଫଳ ସ୍ୱୟଂ-ସହାୟତା ଗୋଷ୍ଠୀ ନେତାଙ୍କ ଅଭିଜ୍ଞତା ବାଣ୍ଟିବା ସୋନି ସାମଲ, ଉଦ୍ୟୋଗୀ, ପରାମର୍ଶଦାତା ଏବଂ ୭୨ ଡିପିଆଇ, ସ୍କିଲ୍ ସ୍କୁଲର ସହ-ପ୍ରତିଷ୍ଠାତା, ଦକ୍ଷତା ବିକାଶ, ବ୍ୟବସାୟିକ ପରାମର୍ଶ ଏବଂ ଆତ୍ମବିଶ୍ୱାସର ସହିତ ନେତୃତ୍ୱ ନେବା ପାଇଁ ସ୍ୱୟଂ-ସହାୟତା ଗୋଷ୍ଠୀ ମହିଳାମାନଙ୍କୁ ସଶକ୍ତ କରିବାରେ ତାଲିମର ଭୂମିକା ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଆଶିଷ ମିଶ୍ର, ଉତ୍ପାଦ ମୁଖ୍ୟ ଏବଂ ଋଷିକେଶ ପାଣି, ସହାୟକ ଉପାଧ୍ୟକ୍ଷ, ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍, ଆର୍ଥିକ ଅନ୍ତର୍ଭୁକ୍ତି ରଣନୀତି ଏବଂ କ୍ରେଡିଟ୍ ପ୍ରବେଶ ବିଷୟରେ ଆଲୋଚନା କରିଥିଲେ। ଅଧକ୍ଷା ସୁମିତ୍ରା କୁମାରୀ ରନ୍ଧନିକ ମନ୍ତବ୍ୟ ଦେଇଥିଲେ। 'ମିଶନ ଶକ୍ତି ଓଡ଼ିଶାରେ ଆର୍ଥିକ ସଶକ୍ତିକରଣ ପାଇଁ ଏକ ଉତ୍ପେରକ ପାଲଟିଛି। ସୁଭଦ୍ରାରୁ ମୁଦ୍ରା ପଥ ମାଧମରେ, ଆମେ ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସଞ୍ଚୟ ଗୋଷ୍ଠୀରୁ ସ୍ଥାୟୀ ବ୍ୟବସାୟିକ ସଂସ୍ଥା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ।

# ପଞ୍ଚାୟତସମିତିର ପଞ୍ଚମ ସାଧାରଣ ବୈଠକ



**ମାର୍ଶାଘାଇ,୧୯।୭/ଏନ୍ଏନ୍ଏସ୍:** ମାର୍ଶାଘାଇ ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧାକ୍ଷା ମଧୁସ୍ମିତା ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଧାରଣ ବୈଠକରେ ସମ୍ମାନିତ ଅତିଥିଭାବେ ମହାକାଳପଡ଼ା ବିଧାୟକ ଡା. ଦୁର୍ଗା ପ୍ରସନ୍ନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ। ଆଜିର ଏହି ସାଧାରଣ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, କୃଷି ସହ ବିଭିନ୍ନ ସରକାରୀ ଯୋଜନା ଗୁଡିକ କାର୍ଯ୍ୟକାରି କରାଯିବା ସହ ସୁଫଳ କିପରି ସାଧାରଣ ଲୋକ ପାଇ ପାରିବେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ବିଡିଓ ପଞ୍ଚାନନ ମଲ୍ଲିକ, ଉପାଧାକ୍ଷା ଉର୍ମିଳା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ପ୍ରତାପ କୁମାର ମଲ୍ଲିକ, ସଭ୍ୟା ଦୁର୍ଗାବତୀ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ବିଜୟ ନାୟକ, ସହକାରୀ ଯନ୍ତ୍ରୀ ଶ୍ରେୟାଂଶୁ କର, ଜିପିଓ ସୋନାଲି ବେଉରା ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ଏହି ବୈଠକରେ ସରପଞ୍ଚ ଭାଗବତ ବେହେରା, ସଞ୍ଜୟ ସେଠୀ, ବାବାଜୀ ସ୍ୱାଇଁ, ଅଶାନ୍ତି ସ୍ୱାଇଁ, ମିନତୀ ଚଇନି,ସମିତି ସଭ୍ୟା ସୁନତି ଦାସ, ସଭ୍ୟ ପ୍ରସନ୍ନ କୁମାର ସାହୁ, ରଞ୍ଜିତ କୁମାର ପ୍ରଧାନ, ଶରତ କୁମାର ପ୍ରଧାନ, ସଞ୍ଜୟ ପାତ୍ର, ଅଭିଷେକ ବେହେରା, ଅଜୟ ଜେନାଙ୍କ ସମେତ ବିଭିନ୍ନ ଗ୍ରାମ ପଞ୍ଚାୟତର ସଭ୍ୟସଭ୍ୟା, ସରପଞ୍ଚ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟ ପ୍ରସାଦ ମଲ୍ଲିକ, ଯୋଗାଣ ନିରୀକ୍ଷିକ ଅଳକାରାଣୀ ମଲ୍ଲିକ ଅତିରିକ୍ତ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଗୌତମ କମିଲା, ଡିଇଓ ସୌଭାଗ୍ୟ ଦାସ, ଅମରେନ୍ଦ୍ର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାର ଉପସ୍ଥିତ ଥିଲେ। ତେବେ ଆଜିର ଏହି ବୈଠକ ପାଇଁ ବ୍ଲକ ପ୍ରଶାସନ ତରଫରୁ ଗଣମାଧମ ପାଇଁ କିଛି କଟକଣା ରଖିଥିଲା। ଯଦିଓ ଗଣମାଧମ ପ୍ରତିନିଧିମାନଙ୍କୁ ସଭା ଗୃହକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିଲା, କେବଳ ଫଟୋ କିମ୍ବା ଭିଡିଓ ନେଇ ସଭାଗୃହ ବାହାରକୁ ଯିବା ପାଇଁ ବ୍ଲକ ପ୍ରଶାସନ କୁହାଯାଇଥିଲା।

କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ

# ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

**କେନ୍ଦ୍ରାପଡ଼ା,୧୯।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ପରସାଯାଉଛି। ମଧ୍ୟାହ୍ନ ଭୋଜନରେ ଯେଉଁ ସୋୟାବିନ ପଡୁଛି ତାହା ମଧ ଅତ୍ୟନ୍ତ ନିମ୍ନମାନର। ସେହିପରି ଛାତ୍ରଛାତ୍ରୀଙ୍କୁ ଯେଉଁ ବାଦାମଲଡୁ ଦିଆଯାଉଛି ତାହାର ମାନ ମଧ ସଠିକ ନାହିଁ। କେବଳ ସେତିକି ନୁହେଁ ଛାତ୍ରଛାତ୍ରୀଙ୍କୁ ପିଇବା ପାଇଁ ଯେଉଁ ପାନୀୟ ଜଳ ଦିଆଯାଉଛି ତାହା ମଧ ସଂକ୍ରମିତ। ଏହାକୁ କେନ୍ଦ୍ରକରି କେନ୍ଦ୍ରାପଡା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପତ୍ରସଂଖ୍ୟା - ୬୩୫୩ତା ୧୭.୦୭.୨୦୨୫ରିଖରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆସନ୍ତା ୨୧ତାରିଖ ମଧରେ ଜବାବ ରଖିବାକୁ ଚିଠିରେ ଉଲ୍ଲେଖ ରହିଛି। ଯଦି ପ୍ରଧାନ ଶିକ୍ଷକ ନୋଟିସର ଉତ୍ତର ଦେବାରେ ଅବହେଳା କରନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।

# ଜିଲ୍ଲା ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଯାଜପୁର,୧୯।୭/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ସ୍କୁଲର ପ୍ରଥମ ପିଏମ୍‌ଶ୍ରୀ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗଦେଇ ଜିଲ୍ଲା ସ୍କୁଲର ପ୍ରତିଯୋଗୀମାନେ ଜିଲ୍ଲାରେ କ୍ରୀଡା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଆସୁଛନ୍ତି ବୋଲି ଆଲୋଚନା କରିଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶାରିରୀକ ଶିକ୍ଷା ଶିକ୍ଷକ ନିରଞ୍ଜନ ସାହୁ, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ଯାହିରୁଦ୍ଦିନ ଖାଁ ଯୋଗଦେଇ କ୍ରୀଡ଼ାର ଉପକାରିତା ସଂପର୍କରେ ଛାତ୍ର ଛାତ୍ରୀମାନଙ୍କୁ କହିଥିଲେ। ବିଦ୍ୟାଳୟର ତିନୋଟି ଗ୍ରୁପ ଯଥା ସବ ଜୁନିଅର୍, ଜୁନିଅର୍ ଓ ସିନିୟର୍ ଗ୍ରୁପ୍‌ର ୧୦୦,୨୦୦ ଓ ୪୦୦ ମିଟର ଦୌଡ, ଲମ୍ବା ଡ଼ିଆ, ଉଚ୍ଚ ଡିଆଁ, ଗୋଲଫିଙ୍ଗା, ଦୌଡ଼ି ଡିଆଁ, ଅଙ୍କକଷା, ବାଲାନ୍ସ ରେସ ପ୍ରମୁଖ କ୍ରୀଡ଼ାରେ ଭାଗ ନେଇଥିବା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅଥିତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ସେନାପତି ସଭାପତିତ୍ୱ କରିଥିଲେ।

# ମହିଳାଙ୍କ ଠାରୁ ମୋବାଇଲ୍ ଝାମ୍ପିନେଲେ ଦୁର୍ବୃତ୍ତ

**ବଡଚଣା,୧୯।୭/ଏନ୍ଏନ୍ଏସ୍:** ୧୬ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲ ଡୁବୁରୀ ବାଇପାସ୍ ନିକଟରୁ ଜଣେ ମହିଳାଙ୍କ ନିକଟରୁ ଦୁର୍ବୃତ୍ତମାନେ ମୋବାଇଲ୍ ଫୋନ ଛଡାଇ ନେଇଛନ୍ତି। ପ୍ରକାଶ, ଛତିଆ ଛେଦା ଗ୍ରାମର ଅନିତା ଦାସ ଓ ଅମିତାଭ ବାରିକ୍ ଏକ ସ୍କୁଟି ଚଣ୍ଡିଖୋଲ ଛକରୁ ଆସୁଥିବା ସମୟରେ ଚଣ୍ଡିଖୋଲ ଡୁବୁରୀ ବାଇପାସ୍ ନିକଟରେ ଏକ ପଲ୍‌ସର୍ ବାଇକ୍‌ରେ ତିନିଜଣ ଦୁର୍ବୃତ୍ତ ଆସି ଅନିତାଙ୍କ ନିକଟରୁ ଭ୍ୟାନିଟି ବ୍ୟାଗ୍ ଛଡାଇନେଇ ଡୁବୁରୀ ଆଡେ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଭ୍ୟାନିଟ୍‌ରେ ମୋବାଇଲ ଫୋନ୍, ଟଙ୍କା, ଏଟିଏମ୍ କାର୍ଡସହିତ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଏ ସମ୍ପର୍କରେ ଅନିତା ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ଜୋରଦାର ପ୍ରୟାସ ଚାଲୁ ରଖିଛି।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୧୯।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସଦରମହକୁମାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସର ସଫଳ ଆୟୋଜନ ନିମନ୍ତେ ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ପବିତ୍ର ଜାତୀୟ ଦିବସ ପାଳନ ଅବସରରେ ସକାଳ ୯.୧୫ମି ସମୟରେ ଦିବସର ମୁଖ୍ୟ ଅତିଥି କେନ୍ଦ୍ରାପଡା ମହାବିଦ୍ୟାଳୟ ପଡିଆଠାରେ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ପ୍ରଦାନ କରିବେ ଓ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପ୍ରସ୍ତୁତି ବୈଠକ ବିବରଣୀ ପାଠ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ପରେ ସ୍ଥିର ହେଲା ଯେ, ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪.୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରଦ୍ୱାରା ପୌରାଞ୍ଚଳରେ ରାମଧୂନ୍ ପରିବେଷଣ କରାଯିବ ଓ ସକାଳ ୭.୩୦ମିନିଟ୍ ସୁଦ୍ଧା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବାଣିଜ୍ୟ ଓ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ଅବତରଣ କରିବେ। ସକାଳ ୯.୧୫ମିନିଟ୍ ସମୟରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ କରାଯିବ। ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ପରେ ମୁଖ୍ୟ ଅତିଥି ସ୍ଥାନୀୟ କାରାଗାର ଓ ଜିଲ୍ଲା ଚିକିତ୍ସାଳୟରେ ରୋଗୀ ଏବଂ ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି । ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ସହିତ ଏହି ଜାତୀୟ ଦିବସକୁ ଶୃଙ୍ଖଳିତ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ବ୍ୟାଙ୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁବନ କ୍ଲଷ୍ଟର୍‌ସ୍ତରୀୟ ମାସିକ ବୈଠକ

**କୁଆଖିଆ,୧୯।୭/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ଦକ୍ଷିଣ ଭୋଟକା ସରକାରୀ ପ୍ରାଥମିକ ବିଦ୍ୟାଳୟର ଚଳିତ ବର୍ଷର ପ୍ରଥମ ମାସିକ ବୈଠକ ସିଆର୍‌ସିସି ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବ୍ଲକ ଏବିଇଓ ଅରୁଣ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରଞ୍ଜନ କୁମାର ମିଶ୍ର ଯୋଗଦେଇ ମା କେ ନାମ ପର ଏକ ପେଡ ବିଷୟରେ କହିଥିଲେ। ସିଆର୍‌ସିସି ରମେଶ ସ୍ୱାଇଁ ଶିଶୁ ବାଟିକା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଗୁଣବତ୍ତା ବୃଦ୍ଧି, ମାସିକ କ୍ୟାଲେଣ୍ଡର ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥି ସହ ଚତୁର୍ଥ, ପଞ୍ଚମ ଶ୍ରେଣୀର ସଂଖ୍ୟାଜ୍ଞାନ ବିଷୟରେ ଆଲୋଚନା ହୋଇଥିଲା। ସ୍କୁଲ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସ୍କୁଲ ଶିକ୍ଷୟିତ୍ରୀ ନିରୁପମା ଦାସ ପରିଚାଳନାରେ ସହଯୋଗ କରିଥିଲେ।

ପାନୀୟଜଳ ଯୋଗାଣରେ ଅବ୍ୟବସ୍ଥା

# ଆନ୍ଦୋଳନକୁ ଓହ୍ଲାଇବେ ଘଣ୍ଟପଡ଼ା ପଞ୍ଚାୟତବାସୀ



**ତାଳଚେର,୧୯।୭/ଏନ୍ଏନ୍ଏସ୍:** ତାଳଚେର ବ୍ଲକ୍ ଘଣ୍ଟପଡା ଗ୍ରାମ ପଞ୍ଚାୟତରେ ପାନୀୟଜଳ ସୁପରିଚାଳନା ବ୍ୟବସ୍ଥା ଓ ଏମସିଏଲର ସିଏସଆର କାର୍ଯ୍ୟ ଅହେତୁକ ବିଳମ୍ବ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତବାସୀଙ୍କ ତରଫରୁ ଆଜି ଏକ ଦାବିପତ୍ର ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇ ଦାବିଗୁଡ଼ିକ ପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି ଜଣାଇ ଦିଆଯାଇଛି। ବର୍ତ୍ତମାନ ଘଣ୍ଟପଡା ପଞ୍ଚାୟତରେ ପାନୀୟଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ସେହିପରି ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ମଧ ହୋଇପାରୁନାହିଁ। ଏହି ସମସ୍ତ ପ୍ରସଙ୍ଗକୁ ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବା ପାଇଁ ଗତ ୧୭ତାରିଖରେ ପତ୍ର ମାଧ୍ୟମରେ ପ୍ରଶାସନକୁ ଜଣାଯାଇଥିଲା। ସମସ୍ୟାର ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଏମ୍‌ସିଏଲ କର୍ତ୍ତୃପକ୍ଷ, ଆରଡବ୍ଲ୍ୟୁଏସଏସ ବିଭାଗ ଏବଂ ପଞ୍ଚାୟତବାସୀଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଦ୍ୱାରା ସମାଧାନ 'ଚୁକ୍ତିପତ୍ର' ସ୍ୱାକ୍ଷର ହୋଇ ୬ରୁ ୭ ମାସ ଭିତରେ ପାନୀୟଜଳର ସମସ୍ୟା ସହିତ ଅନ୍ୟାନ୍ୟ କାର୍ଯ୍ୟଗୁଡିକ ସଂପୂର୍ଣ୍ଣ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଉକ୍ତ ଦାବିଗୁଡ଼ିକ ଉପରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟର ଅଗ୍ରଗତି ହୋଇପାରିନାହିଁ। ଏଠାରେ ଲୋକମାନେ ଏମସିଏଲ ଦ୍ୱାରା ପ୍ରଦୂଷଣରେ ପ୍ରଭାବିତ ହୋଇ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହାରୁଛନ୍ତି। କିନ୍ତୁ ତାହାର ପ୍ରତିକାର ପାଇଁ କମ୍ପାନୀ କର୍ତ୍ତୃପକ୍ଷ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

**ବନ୍ୟାବିପନ୍ନଙ୍କ ନିକଟରେ ପହଞ୍ଚିଲେନି ସାଂସଦ**

# ଘୋଷରାରେ ଗୋଡ ବୁଡାଇ ଫେରିଗଲେ



**ଆଳି,୧୯/୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ର ୧୮ ପଞ୍ଚାୟତର ଲୋକମାନେ ଗତ ସପ୍ତାହେ ହେବ ପାଣି ଘେରରେ ରହି ହନ୍ତସନ୍ତ ହେଉଥିବା ବେଳେ ସେମାନଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିଲାନି ପ୍ରଶାସନ। ବନ୍ୟା ବିପନ୍ନଙ୍କ ନିକଟରେ ନିର୍ବାଚନ ମଣ୍ଡଳୀର ତିନି ପ୍ରମୁଖ ରାଜନୈତିକ ଦଳର ନେତୃତ୍ୱ ପହଞ୍ଚି ସେମାନଙ୍କ ସମସ୍ୟା ପଚାରି ବୁଝିଥିବା ବେଳେ ସାଂସଦ ବନ୍ୟା ପରିଦର୍ଶନ ନା ରେ ଆଳିକୁ ଆସିଥିଲେ କିନ୍ତୁ ବନ୍ୟା ବିପନ୍ନଙ୍କ ନିକଟକୁ ନଯାଇ ବନ୍ୟା ପାଣିରେ ଗୋଡ଼ ବୁଡାଇ ପଳାଇ ଆସିଥିଲେ। ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନକୁ ନେଇ ଡାକବଙ୍ଗଳା ପରିସରରେ ଏକ ରୁଦ୍ଧ ଦ୍ୱାର ବୈଠକରେ ବନ୍ୟା ମୁକାବିଲା ନିମନ୍ତେ ବୈଠକ କରି ଫେରି ଯାଇଥିଲେ। ବୈଠକ ପରେ ଜିଲ୍ଲାପାଳ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବନ୍ୟାବିପନ୍ନଙ୍କୁ ଯାତାୟତ ନିମନ୍ତେ ଡ଼ଙ୍ଗା ଯୋଗାଇ ଦିଆ ଯାଇଥିବା ବେଳେ ଘରେ ପାଣି ପଶିନାହିଁ ସରକାରୀ ସହାୟତା କଣ ଦିଆଯିବ କହିଥିଲେ। କେବଳ ସେମାନଙ୍କୁ କାରବାର ନିମନ୍ତେ ଡ଼ଙ୍ଗା ଯୋଗାଇ ଦିଆଯାଇଛି। ସେମାନେ ଡଙ୍ଗାରେ ଯାଇ ପାଣି ଆଣିବେ ବୋଲି ପ୍ରକାଶ କରିଛନ୍ତି । ବନ୍ୟା ଅଞ୍ଚଳରେ ନଳକୂଅ ବୁଡି ରହିଥିବା ବେଳେ ବନ୍ୟା ବିପନ୍ନମାନେ ପାଣି କେଉଁଠୁ ସଂଗ୍ରହ କରିବେ। ପ୍ରଶାସନ ପାଣିର ବ୍ୟବସ୍ଥା ନକରି ଏଭଳି ଉତ୍ତର ଦେବାକୁ ନେଇ ପ୍ରକୃତରେ ସରକାର ଆଳି ଅଞ୍ଚଳର ବନ୍ୟା ବିପନ୍ନଙ୍କୁ ସହାୟତା ଦେଉଛନ୍ତି ନା ଉପହାସ କରୁଛନ୍ତି ତାହା ସ୍ପଷ୍ଟ ଭାବେ ବାରି ହୋଇ ପଡୁଛି। କାରଣ ବନ୍ୟା ଆରମ୍ଭରୁ ଆଳି ବ୍ଲକ ପ୍ରଶାସନର କାର୍ଯ୍ୟକ୍ରମକୁ ଲକ୍ଷ କଲେ ସେମାନେ ପ୍ରକୃତରେ ଲୋକମାନଙ୍କୁ ସହାୟତା ନିମନ୍ତେ କୌଣସି ମତେ ପ୍ରସ୍ତୁତ ନଥିବା ଜଣାପଡୁଛି। ଏ ନେଇ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି ପ୍ରକାଶ କରିଛନ୍ତି ଯେ ବନ୍ୟାହେବାର ଦୁଇ ମାସ ପୂର୍ବେ ଏକ ଜିଲ୍ଲାସ୍ତରୀୟ ବୈଠକ ହୋଇଥିଲା। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। କାରଣ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ଲୋକମାନଙ୍କ କଷ୍ଟ ଦିନକୁ ଦିନ ବଢ଼ି ଚାଲିଛି। କିନ୍ତୁ ପ୍ରଶାସନ ଆଜି ପର୍ଯ୍ୟନ୍ତ ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚି ନପାରିବା ନିଶ୍ଚିତ ଭାବେ ପ୍ରଶାସନ ବନ୍ୟା ପରିଚାଳନାରେ ବିଫଳତାକୁ ପଦାରେ ପକାଇଛି। ଏ ନେଇ ପିସିସି ସଂପାଦକ ଦେବସ୍ମିତା ଶର୍ମା କହିଛନ୍ତି ଯେ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ବନ୍ୟାବିପନ୍ନଙ୍କ ନିକଟରେ ନପହଞ୍ଚି କେଉଁ ଆଧାରରେ ସେମାନେ କେମିତି ଅଛନ୍ତି ତାହା ଆକଳନ କରୁଛନ୍ତି । ଆଠଦିନ ହେବ ବନ୍ୟାପାଣି ଭିତରେ ରହି ସାଧାରଣ ଲୋକମାନଙ୍କ ସହ ଗୃହ ପାଳିତ ପଶୁ ସମସ୍ୟା ଭିତରକୁ ଠେଲି ହୋଇ ଯାଉଥିବା ବେଳେ ପ୍ରଶାସନର ଏତେ ଉଦାସୀନତା ବନ୍ୟା ବିପନ୍ନ ମାନଙ୍କୁ ଦୁଃଖ ଦେଉଛି। ପ୍ରଶାସନର ବନ୍ୟା ବିପନ୍ନଙ୍କ ନିମନ୍ତେ ଚରମ ଅବହେଳାକୁ ନେଇ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛି ।

## ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ



**ଚାନ୍ଦୋଳ,୧୯/୭/ଏନ୍ଏନ୍ଏସ୍:** ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ଏବେ ଚାରି ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ ହେଉଛି । ଏହି ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଜଣକ ମନମୁଖି ରାସ୍ତା ନିର୍ମାଣ କରୁଥିବା ଓ ଠିକାଦାରଙ୍କ କାର୍ଯ୍ୟକଳାପ ଉପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କୌଣସି ନିୟନ୍ତ୍ରଣ ନଥିବା ନେଇ କେନ୍ଦ୍ରାପଡ଼ାର ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି । ଶ୍ରୀ ମହାପାତ୍ରଙ୍କ କହିବା ଅନୁଯାୟୀ ଚଣ୍ଡିଖୋଲ-ପାରାଦ୍ୱୀପ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାଦାର ଜଣକ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେଇ ମନମୁଖି ଭାବେ ରାଜପଥ ନିର୍ମାଣ କରୁଛନ୍ତି । ଏପରିକି ଏହି ଜାତୀୟ ରାଜପଥର ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଠାରୁ ଅଁଳାବାଙ୍କ ଛକ ପର୍ଯ୍ୟନ୍ତ ଠିକାଦାର ମନଇଚ୍ଛା ଭାବେ ଯେଉଁଠି ନାହିଁ ସେଠି ରାସ୍ତାକୁ ବନ୍ଦ କରି ଡାଇଭର୍ସନ ନିର୍ମାଣ କରୁଛନ୍ତି । ଏଥିସହିତ ବହୁ ସ୍ଥାନରେ ମନମୁଖି ଭାବେ ବହୁତ ବଡ଼ ବଡ଼ ହମ୍ପସ୍ ନିର୍ମାଣ କରୁଛି। ଡାଇଭରସନ ପୂର୍ବରୁ ରାସ୍ତାରେ ଗାଡ଼ି ଚାଳକମାନଙ୍କ ନିମନ୍ତେ ଯଥେଷ୍ଟ ସୂଚନା ମଧ ଦିଆଯାଉନାହିଁ ଓ ଡାଇଭର୍ସନ ରାସ୍ତାଟିକୁ ମଧ ସଠିକ ଭାବରେ ମଧ ନିର୍ମାଣ କରାଯାଉନାହିଁ । ଯେଉଁଥିପାଇଁ ଏହା ଜାତୀୟ ରାଜପଥ ନୁହେଁ ମୃତ୍ୟୁ ପଥ ପାଲଟିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଅଧିକାଂଶ ସମୟରେ ଏହି ଡାଇଭର୍ସନ ପାଇଁ ବହୁ ଦୁର୍ଘଟଣା ଘଟି ଧନଜୀବନ ହାନୀହେଉଛି । ଗାଡ଼ି ଗୁଡ଼ିକ ଠିକାଦାରଙ୍କ ଦ୍ୱାରା ରାତାରାତି ରାସ୍ତାରେ ଡାଇଭର୍ସନର ସ୍ଥାନ ପରିବର୍ତ୍ତନ ହୋଇଯାଉଥିବାରୁ ଏହାକୁ ହଠାତ୍ ନଜାଣି ପାରି ପରସ୍ପର ମଧରେ ବାଡ଼େଇ ହୋଇ ଯାଉଥିବା ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି । ଏହି ରାଜପଥର ଛତା ଛକରେ ଠାରେ ଠିକା ସଂସ୍ଥା ପକ୍ଷରୁ ଦୁଇଟି ରାସ୍ତାକୁ ବନ୍ଦ କରି ମାତ୍ର ଗୋଟିଏ ରାସ୍ତା ଖୋଲଯାଇଛି ଯେଉଁଥିରେ ଉଭୟ ପଟୁ ଗାଡ଼ି ଯିବ ଓ ଆସିବ। ଏହି ଛକଟି ଏକ ବ୍ୟସ୍ତବହୁଳ ଛକ ହୋଇଥିବାରୁ ମାତ୍ର ଗୋଟିଏ ରାସ୍ତାରେ ଯାନବାହାନ ଗୁଡ଼ିକ ଯିବା ଆସିବା କରିବାରେ ବହୁତ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି ।

## ବନ୍ୟାଞ୍ଚଳରେ ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିର



**ରାଜନଗର,୧୯/୭/ଏନ୍ଏନ୍ଏସ୍:** ବ୍ରାହ୍ମଣୀରେ ବନ୍ୟାଜଳ ବଢିବା ପରେ ରାଜନଗର ବ୍ଲକର ୪ଟି ପଞ୍ଚାୟତ ବାହ୍ୟ ଜଗତରୁ ବିଛିନ୍ନ ହେବାରେ ଲାଗିଛି । ସପ୍ତାହେରୁ ଉର୍ଦ୍ଧ୍ୱକାଳ ଧରି ବନ୍ୟାଜଳ ମାଡି ରହିବା ଫଳରେ ଧାନ ଫସଲ ସହ ଅନ୍ୟାନ୍ୟ ପନିପରିବା ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପାନୀୟଜଳ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବନ୍ୟା ପ୍ରଭାବିତ ପଞ୍ଚାୟତଗୁଡିକର ଏକାଧିକ ସ୍ଥାନରେ ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିର ଖୋଲାଯାଇଛି । ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କୁ ନେଇ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ଓସ୍ତିଆଠାରେ ଡାକ୍ତର ମନୋରଞ୍ଜନ ନାଥଙ୍କ ସହିତ ପିଏଚଓ ହିମାଂଶୁ ଶେଖର ଦାସ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ସେହିପରି ନଗଡାରେ ଡାକ୍ତର ଟିଟି ମିଶ୍ରଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ପାଣି ଭିତରେ ପଶି ଘରେ ଘରେ ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ । ବନ୍ୟାଞ୍ଚଳ ଗସ୍ତରେ ଯାଇଥିବା ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି ସ୍ୱାସ୍ଥ୍ୟ ଶିବିରକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ବନ୍ୟାଞ୍ଚଳ ବୁଲିଲେ ବିଧାୟକ

**ରାଜନଗର,୧୯/୭/ଏନ୍ଏନ୍ଏସ୍:** ବ୍ରାହ୍ମଣୀରେ ବନ୍ୟାଜଳ ପ୍ରବାହିତ ଯୋଗୁଁ ଅନେକ ଗାଁ ଜଳବନ୍ଦୀ ହୋଇଯାଇଛି । ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଫିରିକିଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଟୋଲା, ବନ୍ଧପଡା, ଓସ୍ତିଆ ପଞ୍ଚାୟତର ନଗଡ, ନଳଦିଆ, କଟକଣା, ବନ୍ଧପାଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର ପ୍ରଭୃତି ଗାଁଗୁଡିକ ଜଳବନ୍ଦୀ ହେବା ଫଳରେ ଲୋକମାନେ ପ୍ରଭାବିତ ହୋଇଛନ୍ତି । ରାଜନଗର ବିଧାୟକ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଭେଟି ସମସ୍ୟା ପଚାରି ବୁଝିଛନ୍ତି । ଅନେକ ଗାଁରେ ଥିବା କିଛି କଚ୍ଚାଘର ବନ୍ୟାଜଳ ଲାଗି ଭୁଷୁଡିବାର ଆଶଙ୍କା ସୃଷ୍ଟି ହୋଇଛି । ବିଧାୟକ ଶ୍ରୀ ସାହୁ ବିଭିନ୍ନ ଗାଁର ବିପନ୍ନଙ୍କ ସମସ୍ୟା ସଂପର୍କରେ ତାଙ୍କ ସହିତ ଥିବା ବିଡିଓ, ତହସିଲଦାର ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

**AFFIDAVIT**

I, MOHAN CHANDRA HEMBRAM, S/o- JHAPAL HEMBRAM, Bearing Aadhar no - 336578369156 resident of Vill/Po- Ambiki, PS-Erasama, Jagatsinghpur, Odisha declare by this affidavit No.3460, dtd.19.07.2025 that now onwards I shall be known as MOHAN CHANDRA HEMBRAM for all future purposes.

## ଗଡ଼ିଲା ଡାଇରିଆ ସଚେତନତା ରଥ



**କେନ୍ଦ୍ରାପଡ଼ା,୧୯/୭/ଏନ୍ଏନ୍ଏସ୍:** ଜିଲ୍ଲା ସ୍ୱାସ୍ଥ୍ୟ ସେମିତି କେନ୍ଦ୍ରାପଡା ଅନ୍ତର୍ଗତ ସହରାଞ୍ଚଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଶନିବାର ସକାଳେ ଏକ ଡାଇରିଆ ସଚେତନତା ରଥ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ଉଦ୍‌ଘାଟନ କରି ଡାଇରିଆ ଦୂରୀକରଣ ପଦ୍ଧତି ବିଷୟରେ କହିଥିଲେ। ଏହି ସଚେତନତା ରଥ ଜୁଲାଇ ୧୯ ତାରିଖରୁ ୩୧ ଜୁଲାଇ ପର୍ଯ୍ୟନ୍ତ କେନ୍ଦ୍ରାପଡା ପୌରାଞ୍ଚଳର ସମ୍ପୂର୍ଣ୍ଣ ୨୧ଟି ୱାର୍ଡରେ ବୁଲି ସଚେତନତା ବାର୍ତ୍ତା ପ୍ରଦାନ କରିବ ଏବଂ ବିଶେଷ ଭାବରେ ଜନ୍ମରୁ ୫ ବର୍ଷର ପିଲା ଥିବା ଘରକୁ ଘର ବୁଲି ସହରାଞ୍ଚଳ ଆଶାକର୍ମୀ ସଚେତନତା ବାର୍ତ୍ତା ସାଙ୍ଗକୁ ଓଆରଏସ୍ ଓ ଜିଙ୍କ ବଟିକା ବାଣ୍ଟୁଛନ୍ତି ଓ ଏହାର ବ୍ୟବହାର ସମ୍ପର୍କରେ କହୁଛନ୍ତି । ଏହି ରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏଡିଏମ୍ ଡା. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ପ୍ରଦୀପ ଦାସ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ସୁଶ୍ରୀ ଜେନା, ଡିପିଏମ ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ଓ ସହରାଞ୍ଚଳ ଆଶାକର୍ମୀ ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସହରାଞ୍ଚଳ ସ୍ୱାସ୍ଥ୍ୟ ସେବାର ସହକାରୀ ମ୍ୟାନେଜର ମମତା ଦାଶ ପରିଚାଳନା କରିଥଲେ।

## ତିନିପଡ଼ା ଗ୍ରାମକୁ ରାଜସ୍ୱ ମାନ୍ୟତା ଦାବି



**ଜଗତ୍‌ସିଂହପୁର,୧୯/୭/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା ବାଲିକୁଦା ତହସିଲ ଅନ୍ତର୍ଗତ ବରମୁଣ୍ଡଳି ପଞ୍ଚାୟତର ପତରପଡା, ଫୁଲୁବେଲାରୀ ଓ ବାଲିଜୋରୀ ପ୍ରମୁଖ ୩ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ତିନିପଡା ଗ୍ରାମବାସୀ ଜିଲ୍ଲାପାଳ ଜେ ସୋନାଲଙ୍କ ନିକଟରେ ଦାବି କରିଥିଲେ। ଜନ ସାଧାରଣଙ୍କ ସମୁହଁ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଶ୍ରୀ ସୋନାଲ, ବାଲିକୁଦା ତହସିଲଦାରଙ୍କୁ ଏ ସମ୍ପର୍କରେ ଆବଶ୍ୟକୀୟ ପଦକ୍ଷେପ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବା ନିର୍ଦ୍ଦେଶ ଦେଇଥିଲେ। ତେବେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ଦାସଙ୍କ ତତ୍ୱାବଧାନରେ ଅତିରିକ୍ତ ତହସିଲଦାର ପ୍ରତାପ କୁମାର ଜେନା, ଆରଆଇ ଦୀପ୍ତି ରଞ୍ଜନ ମହାରଣା ଓ ସ୍ଥାନୀୟ ସରପଞ୍ଚ ରାଜଶ୍ରୀ ଖଟୁଆ ଏକ ଟିମ୍ ଶନିବାର ଉକ୍ତ ୩ପଡା ଗ୍ରାମକୁ ଯାଇ ପୃଥକ ପୃଥକ ଭାବେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି। ତେବେ ଆଲୋଚନା ସାକାରାତ୍ମକ ହୋଇଥିବା ତହସିଲଦାର ଶ୍ରୀ ଦାସ ସୂଚନା ପ୍ରଦାନ କରିଛନ୍ତି। ଏଥି ସହିତ ତହସିଲଦାର, ଏ ସମ୍ପର୍କରେ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପରେ, ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ପ୍ରକାଶ, ବରମୁଣ୍ଡଳି ପଞ୍ଚାୟତ ଓ ମରିଚପୁର ଆର୍‌ଆଇ ସର୍କଲ ଅଧିନ ପତରପଡା, ଫୁଲୁବେଲାରୀ ଓ ବାଲିଜୋରୀ ୩ ପଡାର ଯଥେଷ୍ଟ ଜନ ସଂଖ୍ୟା ବୃଦ୍ଧି ଅନୁପାତରେ ସରକାରୀ ସୁବିଧା ସୁଯୋଗ ପାଇପାରୁ ନାହାନ୍ତି କି ଗ୍ରାମରେ ଥିବା ଗୋଚର, ଅନାବାଦୀ ଓ ଶ୍ମଶାନ ଜମିର ସୁବିଧା ଉପଲବ୍ଧ ପାଇ ପାରୁ ନଥିବା ତିନି ପଡାବାସୀ ଅଭିଯୋଗ କରିଛନ୍ତି। ବିଶେଷ କରି ବିଭିନ୍ନ ଉନ୍ନୟନ ପାଇଁ ପଂଚାୟତକୁ ଆସୁଥିବା ଅର୍ଥ ଉକ୍ତ ତିନି ପଡାର ଜନ ସାଧାରଣଙ୍କ ଉନ୍ନତି ଯଥେଷ୍ଟ ହେଉ ନଥିବା ଅଭିଯୋଗ କରି ୨୦୧୯ମସିହାରେ ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଶ୍ରୀ ମହାପାତ୍ର ଏ ସମ୍ପର୍କରେ ରାଜି ହୋଇ ପଦକ୍ଷେପ ଗ୍ରହଣ କରିବା ମଧ୍ୟରେ ଶ୍ରୀ ମହାପାତ୍ରଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିଲା। ସେବେଠାରୁ ଏ ସମ୍ପର୍କରେ ଅଗ୍ରଗତି ଠପ୍ ହୋଇ ଯାଇଥିଲା। ଜନସାଧାରଣ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ ଜଣାଇ ଥିଲେ ମଧ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଇତି ମଧରେ ଅନେକ ଜିଲ୍ଲାପାଳ ଓ ତହସିଲଦାରଙ୍କ ବଦଳି ହେବା ପରେ ତିନି ପଡାବାସୀ ପୁନର୍ବାର ବର୍ତ୍ତମାନର ଜିଲ୍ଲାପାଳ ଜେ ସୋନାଲଙ୍କ ନିକଟରେ ଏ ସମ୍ପର୍କରେ ଦାବି ଜଣାଇଥିଲେ। ଯାହାଫଳରେ ଉକ୍ତ ତିନିପଡା ରେଭେନ୍ୟୁ ଭିଲେଜର ମାନ୍ୟତା ପାଇବା ପ୍ରଶାସନିକ ସ୍ତରରେ ଆଜି ପର୍ଯ୍ୟନ୍ତ ସାକାରାତ୍ମକ ଥିବା ଜନ ସାଧାରଣ ପ୍ରକାଶ କରିଛନ୍ତି।

**PANCHAYAT SAMITI OFFICE, PALLAHARA** i-227

E-mail Id : ori-pallahara@nic.in

Letter No. 2213 Dt.16.07.2025

**TENDER CALL NOTICE NO PLR-02/2025-26**

Sealed tenders are invited from the interested bidders for the civil work under BDO, Pallahara of Angul District. The details has been uploaded in the District website www.angul.odisha.gov.in. They have to submit bid documents to the undersigned in the address of "Office of the BDO, Pallahara, At/po- Pallahara, Dist-Angul, Pin-759119" through Regd./Speed Post or drop in the tender box kept in the office chamber of the undersigned on or before 31.07.2025 (Up to 12.00 Noon). DTCN & other details can be downloaded from the District website www.angul.odisha.gov.in or can be obtained from the office of the undersigned from 19.07.2025 to 30.07.2025 (Up to 5.00 PM).

Sd/-
Block Development Officer,
Pallahara

OIPR-19276/11/0005/2526

**GOVERNMENT OF ODISHA** i-225
**OFFICE OF THE PANCHAYAT SAMITI, BISSAMCUTTACK, RAYAGADA**

Email - ori-bissamcuttack@nic.in

**NATIONAL COMPETITIVE BIDDING THROUGH e-Procurement**

**Identification No. BMCK 01/2025-26**

**TENDER CALL NOTICE**

The Block Development Officer, Bissamcuttack, District - Rayagada on behalf of Government of Odisha invites percentage rates bids in SINGLE Cover system for the Construction Additional Classrooms Buildings work (Civil) as detailed in the Detailed Tender Call Notice (D.T.C.N) from ELIGIBLE Contractors registered with the State Govt. and Contractors of equivalent Grade / Class registered with Central Govt. for execution of Civil works on production of definite proof from the appropriate Authority.

1. No. of Works : 07
2. Cost of tender paper : Rs.6000/-
3. Class of contractors : "D" & "C"
4. Mode of Submission of tender : Tender should be submitted online in www.tendersodisha.gov.in
5. Available of tenders online : from 11:00 AM of 24.07.2025 to 17:00 PM of 02.08.2025.
6. All other terms and conditions, details can be seen from the above website.

Sd/- Block Development Officer,
Bissamcuttack

OIPR-19149/11/0009/2526

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA** O-463

By E_Mail/e-Despatch, E-mail ID: serwcbaripada@gmail.com
Ph. No. 06792-261343/261344, Gangraj, Baripada

**"e" Procurement Notice for Bridge Works**

**Identification No.- Online Tender-Bridge N.C.B. No. 382 for 2025-26**

Letter No. 2930 Date: 19.07.2025

1. Name of the work : Bridge works under SBY in the District of Mayurbhanj
2. Total No. of work : 03 Nos. (Three)
3. Estimated cost : Rs.400.05 lakhs & Rs.463.61 lakhs (approximately)
4. Eligible class of contractor : As per annexure
5. Period of completion : As per annexure
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction, Engineer, Rural Works Circle, Baripada | Bridge On-line N.C.B. No. 382 | Dt.23.07.25 at 11.00 AM | Dt.06.08.25 up to 5.00 PM | Dt.05.08.25 up to 5.00 PM | 07.08.2025 at 11.00 AM | Will be intimated later |

- Further details can be seen from the website : www.tendersorissa.gov.in
- Any Corrigendum / Addendum will be displayed in the above e_tender website only.

Sd/-
Chief Construction Engineer
R.W. Circle, Baripada

OIPR-25130/11/0043/2526

**OFFICE OF THE MUNICIPAL COUNCIL, JODA** C-693

Phone No. 06767-272214,
E-mail : eojodamunicipality@rediffmail.com
No. 2122 Dt. 17.07.2025

**'e'-Procurement Notice**

**Bid Identification No. JM-01/2025-26**

Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in

1. Nature of work : Civil Works
2. No. of works : 44 Nos.
3. Estimated cost : From Rs.3,38,993/- to Rs.16,95,004/-
4. Bid Identification No. : 2025_ORULB_115623_1 to 2025_ORULB_115623_44
5. Date & time of availability of the documents in the portal : From dt.17.07.2025 at 10.00 AM Up to Dt.30.07.2025 at 5.00 PM
6. Last date/time for receipt of Bids in the portal : On dt.30.07.2025 up to 5.00PM
7. Bids received on line shall be opened : On dt.31.07.2025 at 11.00 PM
8. Name and address of the Officer Inviting Bid : Executive Officer, Joda Municipality

Further, the details can be seen from the e-Procurement portal www.tendersodisha.gov.in

Sd/- Executive Officer
Joda Municipality

OIPR-13124/11/0021/2526

C-706

ପୌର ପରିଷଦ କାର୍ଯ୍ୟାଳୟ,ଫୁଲବାଣୀ
**Office of the Municipal Council, Phulbani, Kandhamal**
Tel.No. 06842-253619, Fax. 06842-253619
E-mail: municipality.plb@rediffmail.com

Letter No. 2506 Date : 18.07.2025

**TENDER NOTICE**

The Executive Officer on behalf of Phulbani Municipality ,Phulbani, Kandhamal invites percentage Rate bids in conformity with detailed Tender call Notice (DTCN) for the following works from registered contractors of Govt. of Orissa having experience in the similar nature of work.

| Details | Information |
|---|---|
| 1. Name of the works | Road and drain works as mentioned in the NIT |
| 2. Number of works | 04 (Four) only |
| 3. Tender Amount | ₹5.43 lakh to ₹9.65 lakh |
| 4. Availability of Bid Documents | From 19.07.2025, 11:00 hrs to 26.07.2025, 17:00 hrs |
| 5. Last Date & Time for Bid Document Purchase | 26.07.2025, 17:00 hrs |
| 6. Bid Opening Date & Time | 28.07.2025, 11:00 AM |
| 7. Bid Inviting Officer | Executive Officer, Phulbani Municipality |

Sd/- Executive Officer,
Phulbani Municipality

OIPR-13195/11/0010/2526

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ / ପୋଷ୍ଟ- ଅମ୍ବାପୁଆ, ଆୟକର ଭବନ ନିକଟରେ, , ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡିଶା

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax office, Berhampur-760011, Ganjam, Odisha)

(E-Mail):- serwbpr2004@yahoo.com, Tel No. :- 0680-2404287)

**NOTICE** E-Mail / E-despatch O-455

**FOR PRADHAN MANTRI GRAM SADAK YOJANA (PMGSY)**

**NATIONAL COMPETITIVE BIDDING THROUGH "e"-Procurement**

**Bid identification No. Online Tender/11-2025-25/PMGSY/BPR**

The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & Bridges under Pradhan Mantri Gram Sadak Yojana (Balance Work) in the districts of Ganjam for 01 (One) number of packages with estimated cost totalling to Rs 3.50 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of invitation for Bids through e-procurement. Dtd. 22.07.2025

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 05.08.2025 upto 5.30 P.M

For further details and corrigendum (if any) please log on to www.pmgsytenders.gov.in.

Chief Construction Engineer
R.W.Circle, Berhampur

OIPR-25071/11/0104/2526

## ପ୍ରଥମ ପୃଷ୍ଠାରୁ

### ନାବାଳିକାକୁ ଜାଳିଦେଲେ ...

ନାବାଳିକା ଜଣଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତି ଜଣଙ୍କ କହିଛନ୍ତି, ଝିଅଟି ଜଳୁଥିବା ଅବସ୍ଥାରେ ବଞ୍ଚାଅ ବଞ୍ଚାଅ କହି ମୋ ଘର ଭିତରକୁ ଦୌଡ଼ି ଆସିଥିଲା। ତା' ଦେହରେ ନିଆଁ ଲାଗିଥିବାରୁ ତୁରନ୍ତ ତା' ଉପରେ ପାଣି ଢାଳି ଦେଇଥିଲି। ନିଆଁ ଲିଭାଇ ତାକୁ ପୋଷାକ ପିନ୍ଧାଇଥିଲି। ତା' ଶରୀରର ବିଭିନ୍ନ ସ୍ଥାନ ପୋଡ଼ିଯାଇଛି। କାହାକୁ ବହି ଦେଇ ଫେରୁଥିବା ବେଳେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତା' ଦେହରେ ନିଆଁ ଲଗାଇ ଦେଇଥିଲେ ବୋଲି ସେ କହିଥିଲା। ଦୁର୍ବୃତ୍ତମାନେ ମୁହଁରେ ମୁଖା ପିନ୍ଧିଥିଲେ ବୋଲି ସେ କହିଥିଲେ। ସେମାନଙ୍କୁ ସେ ଚିହ୍ନି ନଥିବା କହିଥିଲେ। ପୁରୀ ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୀଡ଼ିତାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହେଲେ ପଚରାଉଚରା କରିବା ସହିତ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ସହିତ କଥାବାର୍ତ୍ତା କଲେ ଏହି ଘଟଣାର ପର୍ଦ୍ଦାଫାଶ ହେବା ସହିତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ପେଶାଲ୍ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ତୁରନ୍ତ ଧରାଯିବ ବୋଲି ପ୍ରକାଶ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ନାବାଳିକା ଝିଅର ପୋଡ଼ି ଯାଇଥିବା ଚପଲ ଓ କିରାସିନି ବୋତଲ ଏବଂ ଅର୍ଦ୍ଧଦଗ୍ଧ ଡ୍ରେସ୍, ଚକୋଲେଟ୍ ଜରି ଆଦି ଜବତ କରିଥିଲେ। ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ବିଡିଓ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି ଶଚିନ ପଟେଲ, ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ବଳଙ୍ଗା ପୁଲିସ ୫ରୁ ୧୦ ଜଣଙ୍କୁ ଆଣି ପଚରାଉଚରା କରୁଛି। ଏସ୍‌ପି କହିଛନ୍ତି, ସ୍ପେଶାଲ୍ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଏହା ଏକ ସମ୍ବେଦନଶୀଳ ଓ ସ୍ପର୍ଶକାତର ବିଷୟ। ଏହାକୁ ଗୁରୁତର ସହ ନେଇଛୁ। ଏଯାଏ କାହାରିକୁ ଅଟକ କରାଯାଇନି। କେବଳ ପଚରାଉଚରା ଜାରି ରହିଛି। ଫୋରେନ୍‌ସିକ୍ ଟିମ୍ ମଧ୍ୟ ଯାଞ୍ଚ ଆରମ୍ଭ କରିସାରିଛି। ଦହନଶୀଳ ସାମଗ୍ରୀ ବ୍ୟବହାର ହୋଇଛି, ମାତ୍ର ତାହା କ'ଣ ସ୍ପଷ୍ଟ ହୋଇନି। ଘଟଣାସ୍ଥଳରୁ ଫୋରେନସିକ୍ ଟିମ୍ ୨ଟି ବୋତଲ ଜବତ କରିଛି। ଦୁଇଟି ଯାକ ବୋତଲରେ ଅଧା ଯାଏ କିରାସିନି ଅଛି। ତା' ସହିତ ଦିଆସିଲି, ଚୁଡ଼ି ଓ ଚପଲ ଆଦି ଜବତ କରିଛି ଫୋରେନ୍‌ସିକ୍ ଟିମ୍। ଅପରାହ୍ଣରେ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀନ କୁମାର ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ପରଖିଥିଲେ। ତେବେ ଏନେଇ ତଦନ୍ତ ଚାଲିଛି ଖୁବ୍‌ଶିଘ୍ର ସମାଧାନ କରାଯିବ ବୋଲି ଆଇଜି ପ୍ରକାଶ କରିଥିଲେ। ଏନେଇ ଏମସ୍ ନିର୍ଦ୍ଦେଶକ ଡାକ୍ତର (ପ୍ରଫେସର୍) ଆଶୁତୋଷ ବିଶ୍ୱାସ କହିଛନ୍ତି, ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଅଛି। ତାଙ୍କ ଶରୀରର ୭୦ରୁ ୭୫ ପ୍ରତିଶତ ପୋଡ଼ିଛି। ଏହା ହେଉଛି ସେକେଣ୍ଡ୍ ଓ ଥାର୍ଡ ଡିଗ୍ରୀ ବର୍ଣ୍ଣ। କିନ୍ତୁ ପୀଡ଼ିତା ଏବେ କଥାବାର୍ତ୍ତା କରୁଛନ୍ତି। ଆସନ୍ତା ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ତାଙ୍କୁ ୪୮ ଘଣ୍ଟା ଅବଜରଭେସନ୍‌ରେ ରଖାଯିବ। ସେ ଭେଣ୍ଟିଲେଟର୍‌ରେ ନାହାନ୍ତି। ତାଙ୍କୁ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଛି। ଅନ୍ୟପକ୍ଷରେ ଏମ୍ସରେ ଚିକିତ୍ସାଧୀନ ଥିବା ଏହି ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ତାଙ୍କ ବୟାନ ଆଧାରରେ ପୁଲିସ ଘଟଣାର ତଦନ୍ତ କରୁଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିଗୁଡ଼ିକୁ ପୁଲିସ ଯାଞ୍ଚ କରୁଛି।

### ଛାତ୍ରୀଙ୍କ ସୁରକ୍ଷା, ନିରାପତ୍ତା ...

ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହିତ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଛାତ୍ରୀମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ରହିଛି। ପ୍ରଥମରେ ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର' ସ୍ଥାପନ କରାଯିବ। ଏଥିରେ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବରେ ଉକ୍ତ କେନ୍ଦ୍ରର ପରିଚାଳନା କରିବେ। ଏହା ସହିତ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା 'ଶକ୍ତି ଅପା' ଭାବରେ କାର୍ଯ୍ୟ କରିବେ। ଏହି 'ଶକ୍ତି ଅପା'ମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ ଏବଂ ଛାତ୍ରୀମାନଙ୍କ ପାଇଁ ମେଣ୍ଟର୍ ଭଳି କାର୍ଯ୍ୟ କରିବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀମାନଙ୍କର ସୁରକ୍ଷା ଓ ସଶକ୍ତିକରଣ ଦିଗରେ ଏହି ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର କାର୍ଯ୍ୟ କରିବ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଏକ '୭ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜନ କରିବ। ଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଆଇନଗତ ଅଧିକାର ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ। ଦ୍ୱିତୀୟରେ 'ଶକ୍ତିଶ୍ରୀ ଆପ୍' ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। କ୍ୟାମ୍ପସ୍‌ରେ ଛାତ୍ରୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବାରେ ଏହା ସହାୟକ ହେବ। ଛାତ୍ରୀମାନଙ୍କର ସଚେତନତା ଓ ଅବଗତି ନିମନ୍ତେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ କଲେଜମାନଙ୍କରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯିବ। ଏଥିସହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଫୋନ୍ ନମ୍ବର ମଧ୍ୟ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଉକ୍ତ ଆପ୍‌ରେ ପଞ୍ଜିକୃତ କରିପାରିବେ। ଅଭିଯୋଗଟି ଆପ୍‌ରେ ପଞ୍ଜିକୃତ ହୋଇସାରିବା ପରେ ଏହା ସିଧାସଳଖ ଉକ୍ତ ଛାତ୍ରୀ ପଢୁଥିବା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିବ। ଛାତ୍ରୀମାନେ ଯଦି ଷ୍ଟ୍ରେସ୍ ବା ଏଙ୍ଗଜାଇଟି ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ସିଧାସଳଖ କଥାହୋଇ ଉପଯୁକ୍ତ ପରାମର୍ଶ ନେଇପାରିବେ। ଶକ୍ତିଶ୍ରୀ ଆପରେ ଛାତ୍ରୀମାନଙ୍କ ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଟେଲି-ମାନସ ଯୋଜନାର ସୁବିଧା ମଧ୍ୟ ଉପଲବ୍ଧ ହେବ। ଏଥିସହ କୌଣସି emergency ପରିସ୍ଥିତିରେ ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ରହିଥିବା ଏସ୍‌ଓପି ବଟନକୁ ବ୍ୟବହାର କରି ଛାତ୍ରୀମାନେ, ସିଧାସଳଖ ଶକ୍ତିଶ୍ରୀ ସାଥୀ ଏବଂ ଶକ୍ତିଶ୍ରୀ ସଂଯୋଜିକାଙ୍କ ସହ କଥା ହୋଇପାରିବେ ଓ ତୁରନ୍ତ ସାହାଯ୍ୟ ପାଇପାରିବେ। ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ବିଭିନ୍ନ ଜିଲ୍ଲାମାନଙ୍କରେ ରହିଥିବା ଲୋକାଲ୍ କମିଟି ସମ୍ବନ୍ଧରେ ମଧ୍ୟ ସବିଶେଷ ବିବରଣୀ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ହୃଦୟଙ୍ଗମ କରନ୍ତି ଯେ, ତାଙ୍କର ଅଭିଯୋଗ ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ସମାଧାନ ହେଉନାହିଁ, ତେବେ ସେ ନିଜର ଅଭିଯୋଗ ସମ୍ବନ୍ଧରେ ଲୋକାଲ୍ କମିଟିକୁ ମଧ୍ୟ ଅବଗତ କରାଇପାରିବେ। ଏହି ସଂକ୍ରାନ୍ତୀୟ ଏକ SOP ଖୁବଶୀଘ୍ର ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯିବ। ତୃତୀୟରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଏହା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଅନଲାଇନ୍ ଟ୍ରେନିଂ ମଡ୍ୟୁଲକୁ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ।

ଚତୁର୍ଥରେ ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ 'ସେଫ୍ କ୍ୟାମ୍ପେନ୍'ର ଆୟୋଜନ କରାଯିବ। ଏହା ମାଧ୍ୟମରେ ବାର୍ଷିକ ଦୁଇଥର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆଦିର ଆୟୋଜନ କରାଯିବ। ଏହା ଛାତ୍ରୀମାନଙ୍କର ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ଶୈକ୍ଷିକ ପରିବେଶ ପ୍ରଦାନ କରିବାରେ ସହାୟକ ହେବ। ପଞ୍ଚମରେ କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ, ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ମାସ ୩୧ ତାରିଖ ସୁଦ୍ଧା କ୍ୟାମ୍ପସ୍ ସୁରକ୍ଷା ରିପୋର୍ଟ ପ୍ରଦାନ କରିବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ୟାମ୍ପସ୍ ସୁରକ୍ଷାକୁ ନେଇ ଏକ ସବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯାଇ ଏହି ରିପୋର୍ଟରେ ସ୍ଥାନିତ କରାଯିବ। ଏଥିରେ ଶିକ୍ଷାନୁଷ୍ଠାନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ, ପଞ୍ଜିକୃତ ହୋଇଥିବା ଅଭିଯୋଗ ଓ ଏହାର ସମାଧାନ, ଆପତକାଳୀନ ସ୍ଥିତିର ମୁକାବିଲା ପାଇଁ ରହିଥିବା ବିଭିନ୍ନ ଭିତ୍ତିଭୂମି ଆଦି ସମ୍ପର୍କରେ ସୂଚନା ଉପଲବ୍ଧ କରାଯିବ। ଷଷ୍ଠରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବ, ଯାହାଦ୍ୱାରା କଲେଜ କ୍ୟାମ୍ପସ୍‌କୁ ୨୪ ଘଣ୍ଟା ତଦାରଖ କରାଯାଇପାରିବ। ଏଥିସହ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍ ରହିବାର ବ୍ୟବସ୍ଥା କରାଯିବ। କଲେଜରେ ରହିଥିବା ଆଭ୍ୟନ୍ତରିଣ କମିଟି ସଦସ୍ୟ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରାମର୍ଶ ଅନୁଯାୟୀ, ସିସିଟିଭି କ୍ୟାମେରା ଲଗାଇବାର ସ୍ଥାନ ନିରୂପଣ କରାଯିବ। ସପ୍ତମରେ ଅନ୍‌ଲାଇନ କୋର୍ସ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ, ୨୦୧୩ ଏବଂ ଏହି ସମ୍ବନ୍ଧରେ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନ୍‌ଲାଇନ୍ କୋର୍ସ ପ୍ରଦାନ କରାଯିବ। ଅଷ୍ଟମରେ ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକଦିବସୀୟ କର୍ମଶାଳା 'ଶକ୍ତି ସ୍ୱରୂପିଣୀ'ର ଆୟୋଜନ କରାଯିବ। ଏହି କର୍ମଶାଳାରେ ମହିଳାମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାର ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯିବ। ମହିଳାଙ୍କ ସୁରକ୍ଷାକୁ ନେଇ ରହିଥବା ବିଭିନ୍ନ ଦିଗ ସମ୍ବନ୍ଧରେ ସଚେତନ କରାଇବା, ଡିଜିଟାଲ୍ ସୁରକ୍ଷା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଠାରୁ ଆରମ୍ଭ କରି ଶକ୍ତିଶ୍ରୀ ମୋବାଇଲ ଆପ୍‌ର ପରିଚାଳନା ପର୍ଯ୍ୟନ୍ତ ସବୁ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସୁଚାରୁ ରୂପେ ପରିଚାଳିତ ହୋଇପାରିବ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ବାତାବରଣ ପ୍ରଦାନ କରିବାରେ 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ' ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରିବ ବୋଲି ମୁଁ ଆଶା କରୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ବର୍ତ୍ତମାନ ଘଟୁଥିବା ଘଟଣାଗୁଡ଼ିକ ପ୍ରତି ସମ୍ବେଦନଶୀଳ ଅଛନ୍ତି। ଯେଉଁମାନେ ଏଭଳି ଅପରାଧ ଯୋଗୁଁ ପ୍ରଭାବିତ ହେଉଛନ୍ତି, ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି ସେମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ସହାୟକ ହେବ।

# ନୟାଗଡ଼ ରାଣୀ ମା'ଙ୍କୁ ବିପୁଳ ସମ୍ବର୍ଦ୍ଧନା

## ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟାଭାବେ ପ୍ରତ୍ୟୁଷା ମନୋନୀତ

**ଓଡ଼ଗାଁ,୧୯/୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଓ ଏନ୍‌ଏସିର ଭାରତୀୟ ଜନତା ପାର୍ଟି ଆନୁକୂଲ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ନୟାଗଡ଼ର ବିଜେପିନେତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟା ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ଦଳର ବ୍ଲକସ୍ତରୀୟ ନେତା, କର୍ମୀ ଓ ସମର୍ଥକମାନେ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର ଚାଲିଥିବାବେଳେ ଦଳକୁ ମଜଭୁତ କରିବା ପାଇଁ ଏବଂ କର୍ମୀ ଓ ସମର୍ଥକମାନଙ୍କୁ ନେଇ ଏକ ଦୃଢ଼ ସଙ୍ଗଠନ ପ୍ରସ୍ତୁତ କରିବା ଲକ୍ଷ୍ୟରେ ପ୍ରତ୍ୟୁଷାଙ୍କ ଉପରେ ଦଳ ଭରସାକରି ତାଙ୍କୁ ରାଷ୍ଟ୍ରୀୟ ପରିଷଦର ସଦସ୍ୟା ରୂପେ ମନୋନୀତ କରାଯାଇଥିବାରୁ କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଫଳରେ ଓଡ଼ଗାଁ ବିଜେପିଦଳ ତରଫରୁ ନୟାଗଡ଼ ନିର୍ବାଚିନ ମଣ୍ଡଳୀର ପେଟାପଲ୍ଲୀ ଛକଠାରୁ ଶନିବାର ପ୍ରତ୍ୟୁଷାଙ୍କୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଆଣି ଓଡ଼ଗାଁ ନଗର ପରିକ୍ରମା କରିଥିଲେ ଏବଂ ପରେ ବ୍ଲକ ରୋଡ଼ କଲ୍ୟାଣୀ ମଣ୍ଡପଠାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଓଡ଼ଗାଁ ସାମ୍ବାଦିକ ସଂଘ ଓଡ଼ଗାଁ, ଓଡ଼ଗାଁ ମଣ୍ଡଳ ସ୍ତରୀୟ ଏବଂ ଏନ୍‌ଏସିର ନେତୃମଣ୍ଡଳୀ, ନୟାଗଡ଼ ନିର୍ବାଚନ ମଣ୍ଡଳୀ ୧୮ ପଞ୍ଚାୟତର ପଞ୍ଚାୟତ ସ୍ତରୀୟକର୍ମୀ ଓ ସମର୍ଥକମାନେ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ସମୂହ ମଞ୍ଚରେ ଭେଟି ଉପଢ଼ୌକନ ଦେଇ ପ୍ରତ୍ୟୁଷାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିକଶିତ ଗାଁ ବିକଶିତ ନୟାଗଡ଼ ଆମର ଲକ୍ଷ୍ୟ। ଏହି ଯୋଜନାରେ ଆସିଥିବା ଅର୍ଥର ଶତକଡା ୫୦ ଭାଗକାର୍ଯ୍ୟ ଆମେ କରିବା। ଆପଣମାନେ ଭୟ କରନ୍ତୁନାହିଁ। ମୁଁ ଆପଣଙ୍କ ପଛରେ ଅଛିବୋଲି ପ୍ରତ୍ୟୁଷା ଉପସ୍ଥିତ ୭ଶହରୁ ଉର୍ଦ୍ଧ୍ୱ ସମର୍ଥକ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ଗାଁ ଏନ୍‌ଏସିର ସାଧାରଣ ସମ୍ପାଦକ ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବାଲେଶ୍ୱର ଫକିର ମୋହନ ବିଶ୍ୱ ବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ନୟାଗଡ଼ ଜିଲ୍ଲା ବିଜେପି ଉପସଭାପତି ନସିର ଅହମ୍ମଦ, କୁରାଳ ମଣ୍ଡଳ ସଭାପତି ପ୍ରଭାକର ବେହେରା, ମଣ୍ଡଳ ପ୍ରତିନିଧି ମାଧବ ସାହୁ, ଏନ୍‌ଏସିର ବିଜେପି ସଭାପତି ସଞ୍ଜୟ ସାହୁ, ପ୍ରତିନିଧି ତପନ ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ଓଡ଼ଗାଁ ଏନ୍‌ଏସି ଓ ପ୍ରତ୍ୟେକ ପଞ୍ଚାୟତର ୭ଶହରୁ ଉର୍ଦ୍ଧ୍ୱ ମହିଳା ଓ ଯୁବକର୍ମୀ ଯୋଗଦେଇଥିଲେ।



## ନାବାଳିକାକୁ ଉଠାଇ ନେଇ ପୋଡ଼ିବା ଘଟଣା

# ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କ ପ୍ରତିକ୍ରିୟା

**ପୁରୀ,୧୯/୭/ଏନ୍‌ଏନ୍‌ଏସ୍:** ନିମାପଡା ବ୍ଲକ୍ ବଙ୍ଗଳା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଉଠାଇ ନେଇ ପୋଡିବାକୁ ଉଦ୍ୟମ କରିବା ଘଟଣା ସମ୍ପର୍କରେ ଜିଲାପାଳ ଚଞ୍ଚଳ କୁମାର ରାଣା ସୂଚନା ଦେଇ କହିଥିଲେ ଯେ, ଝିଅଟି ଶରୀରର ବିଭିନ୍ନ ସ୍ଥାନରେ ଆଘାତ ହୋଇଛି। ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା କରାଯାଇ ଏମସ୍‌କୁ ସ୍ଥାନାନ୍ତର କରାଯାଇଛି। ବ୍ୟକ୍ତିଗତ ଭାବରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିଛି। ପହଞ୍ଚିବା ପୂର୍ବରୁ ସମସ୍ତ ବ୍ୟବସ୍ଥା କରାଯାଇ ରଖାଯାଇଥିଲା। ବର୍ଣ୍ଣ ୟୁନିଟରେ ରଖାଯାଇ ଚିକିତ୍ସା କରାଯାଉଛି। ଭଗବାନଙ୍କ ନିକଟରେ ପାର୍ଥନା ଯେ ଶୀଘ୍ର ସୁସ୍ଥ ହୋଇଯିବେ। ସିନିୟର ଅଧିକାରୀ ଓ ପୋଲିସର ଅଧିକାରୀ ଘଟଣା ସ୍ଥଳ କୁ ଯାଇ ତଦନ୍ତ ଆରମ୍ଭ କରିବା ସହ ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି। ପ୍ରାଥମିକ ସହାୟତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥର ଯେପରୀ କୌଣସି ସମସ୍ୟା ହେବ ନାହିଁ ବୋଲି ରାଜ୍ୟ ସରକର ଜଣାଇଛନ୍ତି। ତେଣୁ ଯାହା ଦରକାର ହେବ ସମସ୍ତ ସୁବୁଧା ସୁଯୋଗ ଯୋଗାଇ ଦିଆଯିବ। ମେଡିକାଲ ରିପୋର୍ଟ ଆସିବା ପରେ ତଥ୍ୟ ପ୍ରଦାନ କରାଯାଇ ପାରିବ। ଘଟଣାକୁ ଅତି ଗୁରୁତ୍ୱସହ ନିଆଯାଉଛି। ତଥା ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇଛି ବୋଲି ଜିଲାପାଳ ଶ୍ରୀ ରାଣା ପ୍ରକାଶ କରିଥିଲେ। ଅନ୍ୟପଟେ ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏକ୍ସରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି, ବଳଙ୍ଗା ଅଞ୍ଚଳରେ କିଛି ଦୁର୍ବୃତ୍ତ ଜଣେ ୧୫ ବର୍ଷିୟା ଝିଅକୁ ନିଆଁ ଲଗାଇ ଦେବା ଖବର ଶୁଣି ମୁଁ ବ୍ୟଥିତ ଓ ମର୍ମାହତ। ନାବାଳିକାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଚିକିତ୍ସାର ସମସ୍ତ ବ୍ୟବସ୍ଥା କରାଯାଉଛି। ଚିକିତ୍ସା ସମସ୍ତ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର। ତୁରନ୍ତ ଦୋଷୀକୁ ଗିରଫ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର କହିଛନ୍ତି ଯେ, ଷଡ଼ଯନ୍ତ୍ର ଦିଗକୁ ତଦନ୍ତରେ ପ୍ରାଥମିକତା ଦିଆଯାଇଛି। କାରଣ କେଉଁଠୁ କିରାସିନି ଆସିଲା। ତାକୁ ବି ଅନୁଧ୍ୟାନ କରାଯାଉଛି। ସାଇବର ଏକ୍ସପର୍ଟମାନଙ୍କ ମଧ୍ୟ ସହଯୋଗ ନିଆଯାଇଛି। ସିସିଟିଭି ଫୁଟେଜ ମିଳିନି କି କେହି ଅଟକ ନାହାନ୍ତି। କେବଳ ପୀଡିତାଙ୍କ ସମ୍ପର୍କୀୟ ଓ ସାଙ୍ଗଙ୍କ ବୟାନ ରେକର୍ଡ କରାଯାଉଛି। ଆଜି ସକାଳ ୯ଟା ସମୟରେ ପୁଲିସ ଏହି ଘଟଣା ସମ୍ପର୍କରେ ଖବର ପାଇଲା। ପ୍ରାଥମିକତା ରହିଲା ପୀଡ଼ିତାଙ୍କ ଚିକିତ୍ସା। ପୀଡିତାଙ୍କ ମାଆ ବଳଙ୍ଗା ଥାନାରେ ଏଫ୍‌ଆଇଆର ଦେଇଛନ୍ତି। ପୀଡିତା ମଧ୍ୟ ବିଚାରପତିଙ୍କ ଉପସ୍ଥିତିରେ ବୟାନ ଦେଇଛନ୍ତି। ସବୁ ଦିଗକୁ ନେଇ ତଦନ୍ତ ହେଉଛି ବୋଲି ପ୍ରକାଶ କରିଥିଲେ।

## ନିଶ୍ଚିନ୍ତକୋଇଲିରେ ବର୍ଷା ଅଭାବରୁ ତଳି ଘେରା ଫାଟି ଆଁ

**ନିଶ୍ଚିନ୍ତକୋଇଲି,୧୯/୭/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଚାଷ କାର୍ଯ୍ୟ ଏବେ ବର୍ଷା ଅଭାବରୁ ବହୁ ବିଳମ୍ବ ହେଉଥିବାର ଦେଖିବାକୁ ମିଳୁଛି। ତଳି ଘେରା ଫାଟି ଆଁ କରିଥିବାରୁ ଜଳ ଅଭାବରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଲେଣି। ଜଳସେଚନ ବିଭାଗର ବାହାଘର ବେଳେ ବାଇଗଣ ରୁଆ ଭଳି କେନାଲ ସଫେଇ ଓ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଚାଲିଥିବାରୁ କେନାଲରେ ପାଣି ଆସିବାକୁ ନେଇ ବିଳମ୍ବ ହେଉଛି। ଚାଷୀମାନେ ଚାଷ କ୍ଷେତରେ ସଠିକ୍ ସମୟରେ ପାଣି ନ ପାଇବାରୁ ତଳିଘେରା ଫାଟିଗଲାଣି। ଏବେ ଆବଶ୍ୟକ ପରିମାଣରରେ ବର୍ଷା ନହେବାରୁ ଚାଷ କ୍ଷେତ ଫାଟିଗଲାଣି। ଜଳ ସେଚନ ବିଭାଗର ଅଧିକାରୀଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର କେନାଲରେ ପାଣି ଛଡା ଯିବ ବୋଲି ପ୍ରକାଶ କରିଥିଲେ। ତୁରନ୍ତ କେନାଲରେ ପାଣି ଛଡା ନଗଲେ ସମସ୍ତ ତଳି କିଆରୀ ଜଳି ଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।



## ସାହି ରାସ୍ତା ପାଲଟିଛି କୃତ୍ରିମ ପୋଖରୀ



**ଚାରିଛକ,୧୯/୭/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ନୂଆଗାଁ ସ୍ୱାଇଁସାହି ରାସ୍ତାରେ ବର୍ଷା ପାଣି ଜମାହୋଇ ଏକ କୃତ୍ରିମ ପୋଖରୀ ପାଲଟିଛି। ଓରପଟ-ଆମ୍ଭୋର ରାସ୍ତାରୁ ଯାଇଥିବା ନୂଆଗାଁ ସ୍ୱାଇଁସାହି ରାସ୍ତାଟି ଦୀର୍ଘଦିନ ହେବ କାମ ନ ହେବା ଫଳରେ ଖାଲ ଖମା ହୋଇ ବର୍ଷାପାଣି ଜମି ଲୋକମାନେ ଯାତାୟତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ ଗାଁ ଗ୍ରାମର ଆତ୍ମାରାମ ବାଳାଶ୍ରମ ଓ ରାମମନ୍ଦିରକୁ ଏହି ରାସ୍ତା ସଂଯୋଗ କରୁଥିବାରୁ ଶ୍ରଦ୍ଧାଳୁମାନେ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏନେଇ ଗ୍ରାମବାସୀମାନଙ୍କ ତରଫରୁ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଜଣାଇ ଦିଆଯାଇଥିଲେ ସୁଧା ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତାଟି କାର୍ଯ୍ୟକାରୀ ହୋଇନାହିଁ। ଏ ନେଇ ଗ୍ରାମର ଆର୍ତ୍ତବନ୍ଧୁ ସ୍ୱାଇଁ, ଶିଶିର ନାୟକ, ଟୁଲୁ ମଲ୍ଲିକ, ଗିରିଜା ପ୍ରସାଦ ସ୍ୱାଇଁ, ଦୀନବନ୍ଧୁ ସ୍ୱାଇଁ, ତାପସ ମଲ୍ଲିକ, ପ୍ରକାଶ ସ୍ୱାଇଁ, ରାଜକିଶୋର ମଲ୍ଲିକ, ବିଜୟ ସ୍ୱାଇଁଙ୍କ ସମେତ ଗ୍ରାମବାସୀମାନେ ତୁରନ୍ତ ରାସ୍ତାକାମ କରିବାକୁ ଦାବି କରିଛନ୍ତି।

### ୨୩ରୁ ପ୍ରବଳରୁ ଅତି ...

ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏସବୁ ଜିଲ୍ଲାରେ ପବନର ବେଗ ୩୦-୪୦ କିମି ରହିବ। ସେପଟେ ୨୧ ତାରିଖରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ରହିବ। ଏଥିପାଇଁ ୫ ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ପାଇଁ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ଚେତାବାନୀ ଜାରି କରିଛି ପାଣିପାଗ ବିଭାଗ। ୨୨ ତାରିଖରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ମୟୂରଭଞ୍ଜ, ମାଲାକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ହାଲୁକା ବର୍ଷା ସହ ବଜ୍ରପାତ ରହିବ। ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ୨୩ ତାରିଖରୁ ବର୍ଷାର ପରିମାଣ ବଢ଼ିବ। ଓଡ଼ିଶାର ସବୁ ଜିଲ୍ଲାରେ ବର୍ଷା ରହିବ। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଅନ୍ୟ ସବୁ ଜିଲ୍ଲାରେ ବର୍ଷା ସହ ପ୍ରବଳ ବଜ୍ରପାତ ହେବା ନେଇ ପାଣିପାଗ ସତର୍କ ସୂଚନା ଜାରି କରିଛି। ସେହିପରି ୨୪ ଓ ୨୫ ତାରିଖରେ ଲଘୁଚାପର ପ୍ରଭାବ ଅଧିକ ରହିବ। ଲଘୁଚାପ କ୍ଷେତ୍ର ଉତ୍ତର ବଙ୍ଗୋପସାଗରେ ସୃଷ୍ଟି ହେବାକୁ ଯାଉଥିବା ବେଳେ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିପାରେ।

### ଭାରତ-ପାକ୍ ସଂଘର୍ଷରେ ...

ଜୟରାମ ରମେଶ ମଧ୍ୟ କହିଛନ୍ତି, ଆମେ କେବଳ ୩ଟି ପ୍ରଶ୍ନ (ଟ୍ରମ୍ପ୍ କ'ଣ ପ୍ରକୃତରେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ବନ୍ଦ ପାଇଁ ମଧ୍ୟସ୍ଥତା କରିଥିଲେ ? ଟ୍ରମ୍ପ୍ ବାଣିଜ୍ୟ କଟକଣା ଧମକ ଦେଇ ଯୁଦ୍ଧ ବନ୍ଦ କରିବାକୁ ଚାପ ପକାଇଥିଲେ କି ? ଯଦି ଯୁଦ୍ଧରେ ପାଞ୍ଚଟି ଯୁଦ୍ଧ ବିମାନ ଖସିଥିଲା, ତେବେ ସେଗୁଡ଼ିକ କେଉଁ ଦେଶର ଥିଲା ?) ପ୍ରଧାନମନ୍ତ୍ରୀଙ୍କୁ ପଚାରିବାକୁ ଚାହୁଁଛୁ ଏବଂ ଆଶା କରୁଛୁ ଯେ ମୋଦୀ ସତ କହିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ସିଧାସଳଖ ଉତ୍ତର ଦାବି କରୁଛୁ। କୌଣସି ମନ୍ତ୍ରୀ କିମ୍ବା ମୁଖପାତ୍ରଙ୍କର ସ୍ପଷ୍ଟୀକରଣର ଆବଶ୍ୟକତା ନାହିଁ, କେବଳ ପ୍ରଧାନମନ୍ତ୍ରୀଙ୍କୁ ଏହାର ଉତ୍ତର ଦେବାକୁ ପଡିବ।

ଅନ୍ୟପକ୍ଷେ କଂଗ୍ରେସର ଏପ୍ରକାର ପ୍ରଶ୍ନର ଜବାବରେ ବିଜେପି ନେତା ତଥା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ କହିଛନ୍ତି ଯେ, "ରାହୁଲଙ୍କୁ ଭାରତୀୟ ସେନା ଅପେକ୍ଷା ଟ୍ରମ୍ପଙ୍କ ଉପରେ ଅଧିକ ଭରସା ଅଛି। ରାହୁଲ ଗାନ୍ଧୀଙ୍କ ମାନସିକତା ଜଣେ ଦେଶଦ୍ରୋହୀଙ୍କ ପରି। ଟ୍ରମ୍ପ୍ ତାଙ୍କ ବିବୃତ୍ତିରେ ଭାରତର ନାମ ନେଇନାହାନ୍ତି କିମ୍ବା ସେ ସେହି ପାଞ୍ଚଟି ବିମାନ ଭାରତର ବୋଲି କହିନାହାନ୍ତି। ତଥାପି ରାହୁଲ ଏସବୁ ବିମାନ ଭାରତର ବୋଲି କାହିଁକି ଭାବୁଛନ୍ତି ? ସେ ତାଙ୍କୁ ପାକିସ୍ତାନର ବୋଲି କାହିଁକି ଭାବିପାରୁନାହାନ୍ତି ? ରାହୁଲଙ୍କର ଭାରତ ଅପେକ୍ଷା ପାକିସ୍ତାନ ପ୍ରତି କ'ଣ ଅଧିକ ସହାନୁଭୂତି ରହିଛି କି ? ସତ୍ୟ ହେଉଛି ପାକିସ୍ତାନ ଏପର୍ଯ୍ୟନ୍ତ ଅପରେସନ୍ ସିନ୍ଦୂରର ଭୟାବହତାରୁ ବାହାରିପାରୁନଥିବା ବେଳେ ରାହୁଲ ଗାନ୍ଧୀ ଯନ୍ତ୍ରଣାରେ ଅଛନ୍ତି। ଯେତେବେଳେ ଦେଶର ସେନା ଶତ୍ରୁକୁ ଶିକ୍ଷା ଦିଏ, କଂଗ୍ରେସ ଚିଡ଼ଚିଡ଼ା ହୋଇଯାଏ। ଭାରତ ବିରୋଧୀ ଆଉ କଂଗ୍ରେସର ଅଭ୍ୟାସ ନୁହେଁ, ଏହା ଏହାର ପରିଚୟ ପାଲଟିଛି। ପ୍ରକାଶ, କଂଗ୍ରେସ ଆଗାମୀ ମୌସୁମୀ ଅଧିବେଶନରେ ସଂସଦର ଉଭୟ ଗୃହରେ ଏହାକୁ ଏକ ପ୍ରସଙ୍ଗ କରିବାକୁ ପ୍ରସ୍ତୁତ ହେଉଛି। କଂଗ୍ରେସ ସୂଚିତ କରିଛି ଯେ, ଯଦି ସରକାର ଏହି ପ୍ରସଙ୍ଗକୁ ଏଡାଇବାକୁ ଚେଷ୍ଟା କରନ୍ତି, ତେବେ ସଂସଦରେ ଏକ ବଡ଼ ହଟ୍ଟଗୋଳ ହୋଇପାରେ। ବିରୋଧୀ ଏହାକୁ ଜାତୀୟ ସୁରକ୍ଷା ଏବଂ ସ୍ୱଚ୍ଛତା ସହିତ ଜଡ଼ିତ ଏକ ପ୍ରସଙ୍ଗ ବୋଲି ବିବେଚନା କରୁଛନ୍ତି।

## ନାରୀ ନିର୍ଯାତନା ସଂକ୍ରାନ୍ତ ସଚେତନତା ଶିବିର

**ଫୁଲନଖରା,୧୯/୭/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ଛାତ୍ରୀ ଓ କର୍ମଜୀବୀ ମହିଳାଙ୍କୁ ଯୌନ ନିର୍ଯାତନା ସଂକ୍ରାନ୍ତ ଏକ ସଚେତନତା ଶିବିର ଅଧ୍ୟକ୍ଷା ଶକୁନ୍ତଳା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ମୁଖ୍ୟ ଡ଼ଃ.ବିନୋଦିନୀ ଦାସ, ଅଧ୍ୟାପିକା ପୁଷ୍ପାଞ୍ଜଳି ଭୋଳ, ଅଧ୍ୟାପିକା ସୀତା ଭୋଇ, ପ୍ରାଧ୍ୟାପକ ବିଜୟକୁମାର ଦାସ, କ୍ରୀଡ଼ା ଶିକ୍ଷକ ଲଳିତକୁମାର ଦାସ ଓ ସାମାଜିକ ସଂଗଠନ 'ସମ୍ପର୍କ' ସମ୍ପାଦିକା ପ୍ରଜ୍ଞାଜ୍ୟୋତି ଦାସ ଅତିଥିରୂପେ ଯୋଗଦେଇ ଆଲୋଚ୍ୟ ବିଷୟବସ୍ତୁ ଆଲୋକପାତ କରିଥିଲେ। ସମସ୍ତ ବିଭାଗୀୟ ମୁଖ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ଉପସ୍ଥିତ ଥିଲେ।

# ଓଡ଼ଗାଁରେ ବିଜେଡି ପକ୍ଷରୁ କ୍ୟାଣ୍ଡଲ୍ ଶୋଭାଯାତ୍ରା




**ଓଡ଼ଗାଁ,୧୯/୭/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଓଡ଼ଗାଁ ବିଜେଡି ପକ୍ଷରୁ ଶ୍ରୀ ଶ୍ରୀ ରଘୁନାଥଜିଉ ମନ୍ଦିର ପ୍ରାଙ୍ଗଣରୁ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ବାହାରି ଓଡ଼ଗାଁ ସହର ପରିକ୍ରମା କରିଛି। ନାରୀ ରାଜ୍ୟରେ ଅସୁରକ୍ଷିତ ବୋଲି କହିବାସହ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ନେତୃତ୍ୱରେ ୭ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ ପ୍ରତିବାଦ କରିଥିଲେ। ରାଜ୍ୟରେ ପ୍ରତିଦିନ ମହିଳା ଓ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ ଓ ହତ୍ୟାଭଳି ଘଟଣା ବୃଦ୍ଧି ପାଇଥିବା ବେଳେ ଅପାରଗ ସରକାର ସୁରକ୍ଷା ଦେବାରେ ବିଫଳ ବୋଲି କହିଥିଲେ। ବ୍ଲକ ବିଜେଡି ସଭାପତି ନିତ୍ୟାନନ୍ଦ ପ୍ରଧାନ, ଏନ୍‌ଏସି ସଭାପତି ମନୋଜ କୁମାର ପାତ୍ର, ନୟାଗଡ଼ ଜିଲ୍ଲା ମହିଳା ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ, ବ୍ଲକ୍ ମହିଳା ସଭାନେତ୍ରୀ ନିବେଦିତା ଦାସ, ଯୁବନେତା ବିଭୁପ୍ରସାଦ ସାହୁ, ବିଜନ ପାଇକରାୟ, ପ୍ରଭାତ ପ୍ରଧାନ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିବାବେଳେ ବହୁ ମହିଳା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# ମିଛ ମଣିଷ



ତାରକ ମହାନ୍ତି

ଖଟିଖିଆ ନିଜେ କିଛି କୁହେନି
କୁହନ୍ତି ତାଙ୍କ
ଠିକଣା ଟଙ୍କା ଲୁଟୁଥିବା ଦଲାଲ
ଓ କିଛି କିଛି ନେତା ।

ଚାଷୀ ଜାଣେନି
ବଜେଟ୍ ଅର୍ଥ କୃଷିରେ
କି ଦୃଶିରେ ଲାଗିବ
ପାସ୍ ହୁଏ ବଜେଟ
ଟଙ୍କା ପାଣି ପରି ବହେ
କ୍ଷେତରେ ନଥାଏ ଫସଲ
କେନାଲ ଜଳ ବିକେ
ତଳ ଉପର ଇଞ୍ଜିନିୟର
ବିଦ୍ରୋହ କଲେ ଦୋଷ
ଦେଶରେ କେହି ସତ କୁହନି
କାରଣ ଲୁଟେରାଙ୍କ ଦେଶରେ
ପ୍ରବଳ ରଙ୍ଗୀନ ଛତା ।

ତୁମେ ବାଛିଥିବା ରଙ୍ଗ, ଛି ଥୁ
ବାବୁ ଶାସନ ଆମର
ଟିକସ ଟଙ୍କାର ସିଧା ଦଲାଲ
ଯାହା କରିବ କର
ଆମେ ତା ମାର୍ଫତଦାର
ମୋ ବୋଉ ପଚାରିଲା ପୁଅ
ଏ ମାର୍ଫତ ଶବ୍ଦ ଆଣିଲା ଯିଏ
ସେ ନିହାତି ଗୋଟେ ଲୁଟେରା ।

ଏଠି ସତ୍ୟନିଷ୍ଠ ଓ ଲୁଟେରା
ଏହାର ବ୍ୟାପକ ପରିଭାଷା
କଣ ଭାଷାବିତ କହିପାରିବେ
ନା ଭାଷା ପାଇଁ ନିୟମ ପ୍ରଣେତା ।

ଏଠି କେହି କାହାକୁ
ବିଶ୍ୱାସ କରନ୍ତିନି ବୋଲି
ସୀମାରେ ଗୁଳି ଚାଲେ
ନେତା କିନ୍ତୁ ବର୍ତ୍ତି ଯାଆନ୍ତି
ଏହି ଗୋଟିଏ କାରଣର
ଯଥାର୍ଥ ଅର୍ଥ ଯେଦିନ ମିଳିବ
ସନାତନ ସେଦିନ ଜାଣିବ
ଦେଶ ଗୋଟେ ସ୍ୱାଧୀନ ଦେଶ
ହେଲେ, ଭାତ ପାଇଁ
ମୁଁ ଏକ ଋଣ ଗ୍ରହୀତା ।

**ଘର ନମ୍ବର -୨୮୯, ସେକ୍ଟର -୨,**
**ନୀଳାଦ୍ରି ବିହାର, ଭୁବନେଶ୍ୱର -୨୧**
**ଫୋନ - ୮୨୪୯୪୦୬୧୩୪**



# ଲୋଡ଼ାପଣର ଲୁହ



ଓଁ ଅଭିଜ୍ଞାନ ସାହୁ

ଗତକାଲି ଜଣେ ବାନ୍ଧବୀଙ୍କ ଜନ୍ମ ଦିନ ଥିଲା । ସକାଳେ ଜନ୍ମଦିନ ଶୁଭେଚ୍ଛା ଜଣେଇବା ପରେ ଯାହା ତାଙ୍କ ଉତ୍ତର ପାଇଲି ସେଇଟା ମୋତେ ପୂରା ଦିନ ଘାରିଲା । ଉତ୍ତରଟା ଧନ୍ୟବାଦପୂର୍ଣ୍ଣ ଥିଲା । କିଛି ଉଦାସୀନତା ଥିଲା ସ୍ୱରରେ । କହିଲେ, ତୁମ ଶୁଭେଚ୍ଛା ଭାଇନାଙ୍କୁ ଜଣେଇଲି । ସେ ହସିଦେଇ ଅଫିସ ଚାଲିଗଲେ । ଏଇ ବୟସରେ ଜନ୍ମଦିନ ପାଳନ କଣ ?

ବୋଧେହୁଏ ଆମ ସମାଜରେ ଘରେ ସ୍ତ୍ରୀଲୋକଙ୍କ ଜନ୍ମଦିନ କେହି ମନେ ରଖନ୍ତି ନାହିଁ କିମ୍ୱା ଏତେ ଗୁରୁତ୍ୱ ରଖେ ନାହିଁ । ଯଦି ବରିଷ୍ଠ ନାଗରିକ ତେବେ କଥା ଆଉ ଏକ ଦିଗକୁ ଯାଏ । ମୁଁ ଆମ ହ୍ୱାଟ୍ସଆପ ଗ୍ରୁପରେ ବନ୍ଧୁଙ୍କ ପାଇଁ ଉଦ୍ଦିଷ୍ଟ ଶୁଭେଚ୍ଛା ବାର୍ତ୍ତା ଗୋଟିଏ ପୋଷ୍ଟ କରି ଅପେକ୍ଷା କଲି । ପରେ କେତେ ସାଙ୍ଗ ତାଙ୍କୁ ଶୁଭେଚ୍ଛାରେ ପୋତି ପକେଇଲେ, ମଜା କଲେ, ହସାଇଲେ, କଥା ହେଲେ । ତାଙ୍କୁ ଚେତେଇ ଦେଲେଯେ ଦେଖ ତୁମ ସୁଖରେ ସୁଖୀ ହେବା ପାଇଁ ଆମେ ସବୁ ଅଛୁ । ଶୁଭେଚ୍ଛାର ଉତ୍ତର ଫେରେଇଲାବେଳେ ତାଙ୍କ ଶବ୍ଦରୁ ଖୁସି ଇନ୍ଦ୍ରଧନୁର ରଙ୍ଗ ନେଇ ଯେମିତି ଆମ ଗ୍ରୁପରେ ବାନ୍ଧି ହୋଇଥିବା ବନ୍ଧୁଙ୍କୁ ରଙ୍ଗେଇ ଦେଲା । ସତରେ କେତେ ଆନନ୍ଦିତ ହେଲେ ସେ ! ଅଲୋଡ଼ା ମନେ ହେଉଥିବା ମଣିଷକୁ ଲୋଡ଼ାଯିବାର ଗୁରୁତ୍ୱ ମୁଁ ସେହି ଛୋଟିଆ ଶୁଭେଚ୍ଛା ବାର୍ତ୍ତାରୁ ହୃଦବୋଧ କଲି ।

ମୁଁ ଦେଖିଛି ଅଧିକାଂଶ ଜାଗାରେ ଘରେ ବୟସ୍କମାନଙ୍କ ବିଶେଷ ଭାବେ ମାଆମାନଙ୍କ ଜନ୍ମଦିନ ପ୍ରାୟ କେହି ମନେ ରଖନ୍ତି ନାହିଁ । ମଣିଷ ନିଜ ଗାର୍ଲଫ୍ରେଣ୍ଡ, ବଏଫ୍ରେଣ୍ଡର ପୂରା ଖାନଦାନର ସବିଶେଷ ଦିନମାନଙ୍କର ବିବରଣୀ ଘୋଷିଥିବା ବେଳେ ନିଜ ବାପମାଆଙ୍କ ବିଶେଷ ଦିନ ସବୁ ଭୁଲିଯାନ୍ତି । ହଁ, ମାଆ ତ ଚଳିବ । ମାଆକୁ ପଚାରିଲେ ସେ କହିବ, 'ମୋର ଆଉ ମନେ ନାହିଁ ଜନ୍ମଦିନ, ତାରିଖ । ତିଥି କି ନକ୍ଷତ୍ର ପୋଡି ଖାଇଗଲାଣି ଏ ଭୁଲାମନ । କିନ୍ତୁ ତାର ସବୁ ପିଲାମାନଙ୍କ ସହ ସବୁ ନାତିନାତୁଣୀଙ୍କର ଜନ୍ମଦିନ ମନେଥିବ ତିଥି, ତାରିଖ, ନକ୍ଷତ୍ର ସହ । ଜନ୍ମଦିନ ପାଇଁ ବିରି ଚାଉଳ ବତୁରା ସହ ଆଉ ସବୁ କାମ ତାର ଆଗରୁ ସରିଯାଇଥିବ ଖାଲି ଯାହା ଜନ୍ମଦିନକୁ ରୋଷେଇ, ବଢାବଢି ଓ ସାହି ପଡିଶା ଘରେ ବଣ୍ଟାବଣ୍ଟି କାମଟା ବାକିଥିବ । ଯଦି କେବେ କଥା ପଡେ ତେବେ ମୁରୁକି ହସି



କହିବ ଗଲା ପୂର୍ଣ୍ଣିମା ଯିବାର ଦୁଇଦିନ ପରେ ତା'ଜନ୍ମଦିନ ପଡିଥିଲା କି କୃଷ୍ଣପକ୍ଷ ଅଷ୍ଟମୀରୁ ଜନ୍ମଦିନ ଗଲାଣି । ଆମେ ପିଲାମାନଙ୍କୁ ବୁଝାଇବାରେ ଅଳସୁଆମୀ କରୁ । କହିବାରେ ସଂକୋଚ କରୁଯେ ମାଆର ଜନ୍ମଦିନକୁ ମାତୃତ୍ୱ ଦିବସ ରୂପେ ପାଳନ କରାଯାଉ । ଆମକୁ ଜନ୍ମ ଦେଇ ଏହି ମାଆ ପୋଖତ ହେଲା । ଆମରି ଜନ୍ମରେ ମାଆ ଖୁସିରେ କାନ୍ଦିଲା ପ୍ରଥମଥର କରି ଆମକୁ ହାତରେ ଧରି । ପ୍ରସବିବାର ଭୟଙ୍କର ବେଦନା ଭୁଲି ସେ ଆମପାଇଁ ସ୍ୱପ୍ନରେ ଡେଣା ଖଞ୍ଜି ଆକାଶରେ ଉଡ଼େ । ସମୟ ଅନୁଯାୟୀ ଆମେ ବଡ଼ ବା ବୟସ୍କ ହେଉ ମାଆ ଥାଏ ସେମିତି ଆମକୁ ପିଲାଟିଏ କରି । ଆମ ପିଲାଙ୍କ ପିଲା ହେଲେ ବି ମାଆ ମନରେ ଆମେ ପିଲା ହୋଇଥାଉ । ନିଜ ଖୁସିକୁ ଭୁଲି ଆମ ଖୁସି ପାଇଁ ସବୁବେଳେ ପ୍ରସ୍ତୁତ ଥିବା ମାଆକୁ ଆମେ ତା'ର ତ୍ୟାଗ, ଭଲପାଇବା ପାଇଁ କେବେ ହୃଦୟଭର୍ତ୍ତି ଶୁଭେଚ୍ଛା ଦେଇଛୁ ? ସେହି ଅନୁଭବକୁ ସତେଜ ରଖିବା ପାଇଁ ପିଲାମାନେ ସେମାନଙ୍କ ଜନ୍ମଦିନରେ ମାଆକୁ ବି ଶୁଭେଚ୍ଛା ଜଣାନ୍ତୁ ।

ଗଲାଥର ଆମେ ସବୁ ଭାଇଭଉଣୀ ପିଲାଛୁଆଙ୍କୁ ଧରି ମାଆର ଜନ୍ମ ଦିନରେ ଏକାଠି ହେଲୁ । ନାତୁଣୀ ଯେତେବେଳେ କେକ୍ ଖଣ୍ଡେ ବୁଢ଼ୀମା ପାଟିରେ ଦେଲା ମାଆ ତାକୁ କୁଣ୍ଢେଇ ପକେଇ କହିଲା,'ମୋତେ ମରଣ ହେଉଯାଉଲୋ ।' କି ଖୁସି ତା'ର ! ମୁଁ କିନ୍ତୁ ଦେଖିପାରୁଥିଲି ଖୁସିରେ ମାଆର ଆଖି ଜକେଇଲାଣି । ପଚାରିଲି, 'ମାଆ ଆଜି ତୋର କଣ ଦରକାର କହ ।' ଜକେଇଥିବା ଆଖିକୁ କାନିରେ ପୋଛୁ ପୋଛୁ ମାଆର ସେଇ ଗୋଟେ ଉତ୍ତର,'ମୋର ଅଭାବ କଣ ? ତୁମେମାନେ ସବୁ ଏମିତି ଖୁସିରେ ଏକାଠି ରୁହ ।' ସେହି ସମୟରେ ଲାଗିଲା ମାଆର ଏହି ଛୋଟ ଛୋଟ ଖୁସିକୁ ପାଳନ ନକରି ମୁଁ କେତେ ପାପ କରିଛି ! ମାଆର ଜକେଇଥିବା ଆଖି ଦେଖି ମୁଁ ମାଆର ଖୁସି ମାପୁଥିଲି ।' ହଁ ମାଆ ତ ଚଳିବ' ଏହି ଭାବନାରେ ଆମେ ଅଣଦେଖା କରିପକାଉ ଦୁନିଆଁର ସବୁଠାରୁ ନିଜର ଏବଂ ସୁନ୍ଦର ମଣିଷଙ୍କୁ । ଆମ ଛୁଆଙ୍କ ଜନ୍ମଦିନ ଭଳି ତାଙ୍କ ଜନ୍ମଦିନ ପାଳନ କଲେ ସେମାନଙ୍କର ନିଜ ଗୁରୁତ୍ୱପୂର୍ଣ୍ଣ ଅବସ୍ଥିତି ପ୍ରତି ସମ୍ମାନ ରହିବ । ବାସ ଏଇ ଟିକିଏ ଖୁସୀ କଣ ଆମେ ସେମାନଙ୍କୁ ଦେଇପାରିବା ନାହିଁ ?

ମୋ -୯୪୩୭୦୧୦୭୫୮

# ମାୟା ମୋହର ମୁଖଶାଳା



ଡ. ମମତା ପ୍ରିୟଦର୍ଶିନୀ ସାହୁ

ଏ ମାୟା ମୋହର ପ୍ରାଚୀନ ଉଆସରେ
ମିଛ ହସ ଓ ସତ ଦୁଃଖର କାନ୍ଥ,
ତଥାପି ଦେଖେ ଛଳନାଯୁକ୍ତ ମୁହଁ
ଜୀବନ ଆଇନାରେ ।

ସୂର୍ଯ୍ୟୋଦୟ ଏଠି ମୃତ୍ୟୁମୁହାଁ
ସୂର୍ଯ୍ୟାସ୍ତର ସ୍ମିତହାସ୍ୟରେ
ପୂର୍ଣ୍ଣଚ୍ଛେଦ ପଡେ,
ତଥାପି ଖେଳେ ଜହ୍ନରାତିରେ
ଶବ୍ଦ ଓ ନିଃଶବ୍ଦର
ଲୁଚକାଳି ଖେଳ ।

ଭୋଗ ଭୂମିର ମାୟା ବୃକ୍ଷର ଫଳ
ବାରବାର ସମ୍ମୋହିତ କରେ
ଆଦାମ୍ ଆଉ ଆମ ଭଳି ଇଭ୍‌କୁ,
ପୂଜ, ରକ୍ତ, ପଚା ପାଣିରେ ଭାସୁ ପଛେ ଜୀବନ
ଆରାମ୍‌ଦାୟକ ଲାଗେ ଯନ୍ତ୍ରଣା ।

କେବେ କେବେ ଖୋଜେ ଡେଇଁ ପଡି
ବିନ୍ଦୁ ଭିତରେ ବ୍ରହ୍ମାଣ୍ଡ
ଉଲ୍ଲାସରେ ବେଦନାରେ ଥାଇ ଜୀବ,
କେବଳ ନିଜ ଦେଉଳର
ମନ୍ତ୍ରପାଠ ପାଇଁ
ଆନ ପାଇଁ ନୁହେଁ କି
ଜଗତ ଜୀବନ ପାଇଁ ନୁହଁ ।

ସ୍ୱାର୍ଥର ରଙ୍ଗର ସନ୍ଧାନରେ
ହଜୁଥାଏ ବାରମ୍ବାର
ନିଜ ନିଃସଙ୍ଗତା ମଧ୍ୟରେ,
ତଥାପି ତ୍ୟାଗି ପାରେନା
ପାର୍ଥିବ ମୋହର
ଗଜଲ୍ ଗାୟନ ।

ଭୋଗ, ଲୋଭ, ମୋହର
ମାୟା ଜାଲରେ ଛନ୍ଦି ହୋଇ
ସାକାର ରୂପ ପାଏ
କପଟୀ ସଂସାରୀର,
ଧର୍ମର କଳଙ୍କିତ
କୋଠରୀରେ ଲୁଚାଏ
ଷଡ଼ଯନ୍ତ୍ରର ନବ ନବ ଅସ୍ତ୍ର ।

ପ୍ରାଚୀର ଆରପଟେ ଦେଖେ ପୂର୍ବଜଙ୍କ ସ୍ମୃତି ପୀଠ,
ତଥାପି ଏକା ଜିଦ୍ ଧରେ
ସାରା ଜୀବନ
ଭୋଗ ସମ୍ଭୋଗର
କାରୁକାର୍ଯ୍ୟ ପାଇଁ ।

ପଛରେ ଥୋଇ ଦିଏ
ଧାର୍ମିକ ଧର୍ମାନ୍ଧତାର ବିଚାର,
ଆସ୍ତେ ଆସ୍ତେ ସାନ ମୁର୍କୁଟିଆ ହୋଇ
ନିଜ ଆହାକୁ ବଖାଣି ବଖାଣି
ଅକସ୍ମାତ୍ ଦିନେ
ହରେଇ ଦିଏ ସତ୍ତାକୁ
ଧୂମ୍ରାଭ ଆକାଶର
ଦିଗ୍‌ବଳୟରେ ।

ସାରା ଜୀବନ ସ୍ୱସଙ୍ଗୀତ ଗାଇ ଗାଇ
ଥକେନି ପୁଣି ଯେ
ପୁନରାବୃତ୍ତି କରେ 'ମୁଁ'କାରର,
ବାପ, ଗୋସେଇଁ ବାଆଙ୍କର
ଆତ୍ମବଡିମାର ଉଚ୍ଚାରଣରେ
ଲଗାମ୍ ନଦେଇ
ପୁନର୍ବାର ରଚେ ଆତ୍ମ ବଡିମାର
ଇତିହାସ ।

**ସହକାରୀ ପ୍ରଫେସର, ଓଡ଼ିଆ,**
**ଡକ୍ଟର ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ,**
**ସମ୍ବଲପୁର**

# କୋଟିତୀର୍ଥ



ରାକେଶ ପଣ୍ଡା

ଗମାରେ... ଗମା... ଡାକ ଶୁଣି ସୁଲୋଚନା ଦଉଡି ଆସିଲେ, କହିଲେ କଣ ହେଇଛି ନାନି ମୋତେ କହୁନ ! ନା.. ମୋ ଗମା କୁଆଡେ ଗଲା ? ତୁ ତାକୁ ଡାଆକେ ! ମୋତେ ଏଠାରେ ଜଗେଇ ଦେଇ ସେ ଭାଇନାଙ୍କ କଥା ବୁଝିବାକୁ ଘରକୁ ଯାଇଛି । ଟିକେ ସମୟ ପରେ ଫେରିବ । ତାହାଶୁଣି, ପାଖରେ ଥିବା ନର୍ସ ଜଣଙ୍କ କହିଲେ, ସେ ଯେଉଁ ପିଲାଟି ଦୁଇ ଦିନ ହେଲା ଏଠାରେ ମାଉସୀଙ୍କ ନିକଟରେ ଅଛି, ସେ ଗମା କି ? ସେ କଣ ତାଙ୍କର ପୁଅ ? ସୁଲୋଚନା କହିଲେ, ପୁଅ ନୁହେଁ ! ତା'ଠାରୁ ଅଧିକ । ଓଃ.. ! ଦୁଇ ଦିନ ହେଲାଣି ମୁଁ ଦେଖୁଛି ସେ ଦିନ ରାତି ଏକାଠି କରି ମାଉସୀଙ୍କର ସେବା କରୁଛି । ତାଙ୍କର ଝାଡା, ପରିସ୍ରା ହାତରେ ସଫା କରୁଛି । ଆଖି ପଲକ ନପକେଇ ତାଙ୍କୁ ଜଗି ବସିଛି । ମଝିରେ ମଝିରେ କେତେ ଠାକୁରଙ୍କ ନାମକୁ ନେଇ, କଣ କେଜାଣି ଗୁଣୁ ଗୁଣୁ ହୋଇ ପ୍ରାର୍ଥନା କରୁଛି । ଏହା ଶୁଣି, ସୁଲୋଚନା କହିଲେ, ସାତ ବର୍ଷର ସେ ହୋଇଥିଲା, ତାକୁ ମୋର ଏହି ଭଉଣୀ ଓ ଭାଇନା ଘର କାମ କରିବା ପାଇଁ ଗୋଟିଏ ଆଦିବାସୀ ଗାଁରୁ ଆଣିଥିଲେ । ପୁଅ ଭଳି ତାକୁ ପାଳିଥିଲେ । ବଡ ହେଲାପରେ, ଧୀରେ ଧୀରେ ସେ ଚାଷ, ଗାଈଗୋରୁ ଓ ଘରର ଅନ୍ୟ ସବୁ କାମର ଦାୟିତ୍ୱ ନିଜେ ବହନ କରୁଛି । ତା'ସହ ଭାଇନା ଓ ନାନୀଙ୍କର ଯତ୍ନ ମଧ ନେଉଛି ।

ଏହା ଶୁଣି ନର୍ସ ଜଣଙ୍କ ପଚାରିଲେ, ତେବେ ମାଉସୀଙ୍କର 'କେହି ନିଜ ପୁଅ କିମ୍ୱା ଝିଅ ନାହାନ୍ତି ?' ସୁଲୋଚନା କହିଲେ, ପୁଅବୋହୂ ବାହାର ରାଜ୍ୟରେ ରହନ୍ତି । ଦୁଇଚାରି ବର୍ଷରେ ଥରେ ଘରକୁ ଆସନ୍ତି କୁଣିଆ ପରି । ଏଠାରେ ବଡ ବଡ ସାଙ୍ଗମାନଙ୍କ ଘରକୁ ଚାଲି ଯାଆନ୍ତି । ସେଠାରେ ରାତ୍ରି ଯାପନ କରନ୍ତି । ଏହାଛଡା ଯୋଜନା କରି ଓଡିଶାର ବିଭିନ୍ନ ସ୍ଥାନକୁ ବାହାରି ପଡନ୍ତି ବଣଭୋଜି ଓ ମଉଜ ମଜଲିସ କରିବାକୁ । ସମୟ ମିଳିଲେ, ଏଠାରେ ରାତିକ ରହି, ପୁଣି ଫେରିଯାଆନ୍ତି ନିଜ ବାସସ୍ଥାନକୁ । ଏହି କିଛିଦିନ ତଳେ ସେମାନେ ଓଡିଶା ଆସିଥିଲେ । ନାନୀଙ୍କର ଦେହ ଖରାପ ହେଲା ଦିନ ସେମାନେ ଗାଁରେ ହିଁ ଥିଲେ । କିନ୍ତୁ, ଫେରିବା ପାଇଁ ଟ୍ରେନ ଟିକେଟ ଆଗରୁ ହେଇଯାଇଛି କହି ସେମାନେ ସେହିଦିନ ଭୁବନେଶ୍ୱର ଚାଲିଗଲେ ! ଗମା ହିଁ ଭାଇନା ଓ ନାନୀଙ୍କର ସୁଖଦୁଃଖର ସାଥି ଓ ବଡ ସାହାରା । ସେ ଟିକେ ବଡ ହେଲା ପରେ, ଦିନେ ତାର ବାପାମା' ଏଠାକୁ ଆସି ତାକୁ ନିଜ ଘରକୁ ନେଇଗଲେ । କିନ୍ତୁ ସେହିଦିନ ରାତି ଅଧରେ ଲୁଚି କରି ବିଲ, କଣ୍ଡାମାଳ ଡେଇଁ ଚାଲି ଚାଲି ସେ ଏଠାକୁ ପୁଣି ଫେରି ଆସିଲା । ବାହା ହେବାକୁ କହିଲେ, ସେ ରାଜି ହୁଏ ନାହିଁ, କହେ ମୋ ସ୍ତ୍ରୀ ଆସିଲେ କାଳେ ମା'ବାପାଙ୍କ ସହ ଝଗଡା କରିବ, ମୋତେ ତାଙ୍କଠାରୁ ଅଲଗା କରିବାକୁ ଚେଷ୍ଟା କରିବ । ମୁଁ ବାହା ହେବିନାହିଁ । ଏମିତି ଠିକ୍ ଅଛି । କିଛିଦିନ ତଳେ ନାନୀ କହୁଥିଲେ, ଅଧା ଘର, ବାରି ଓ ଚାଷ ଜମି ଗମା ନାଁରେ କରିଦେବେ । ତାହାଶୁଣି, ଗମା କହିଲା ନା ମା, ମୋର ସେସବୁ କିଛି ଦରକାର ନାହିଁ । ତୁମେ ଦୁଇ ଜଣ ମୋର ସବୁଠାରୁ ବଡ ସମ୍ପତ୍ତି । ଦୁଇ ଆଖି ଛଳଛଳ କରି, ସୁଲୋଚନା ନର୍ସ ଜଣଙ୍କୁ ପୁନଃ କହି ଉଠିଲେ, ଗୋଟିଏ ସମ୍ପର୍କର ବନ୍ଧନରେ ବାନ୍ଧିହେବା ନିମନ୍ତେ ଜଣେ ବ୍ୟକ୍ତି ବଂଶ କିମ୍ୱା ରକ୍ତର ହୋଇଥିବା ଜରୁରୀ ନୁହେଁ । ଏଠାରେ ସବୁଠାରୁ ବଡ ବନ୍ଧନ ହେଉଛି ପ୍ରେମ, ବିଶ୍ୱାସ ଓ ନିଃସ୍ୱାର୍ଥପରତା । ତେବେ, ଆଜିର ଏହି କଳିଯୁଗ ଓ ସ୍ୱାର୍ଥପର ଦୁନିଆଁରେ ଗମା ପରି ନିଷ୍ପାପ, ନିଃସ୍ୱାର୍ଥପର ଚରିତ୍ରଟିଏ ଜଣେ ଲୋକର ଜୀବନରେ ଆସିବା ବଡ ସୌଭାଗ୍ୟର ବିଷୟ ଓ ଅନେକ ପୁଣ୍ୟ କର୍ମର ଫଳ । କେଉଁ ଜନ୍ମର କୋଟିତୀର୍ଥର ଫଳ ଇଏ ।

**ବଦ୍ଦାଲୋ, ଟାଙ୍ଗୀ, କଟକ- ୭୫୪୦୨୨**
**ମୋ: ୯୩୩୭୮୯୭୬୫୦**

# ଅଗ୍ନିକନ୍ୟା



ସୁରଞ୍ଜନ ପାତ୍ର

କିଏ କହେ ତୁମେ ମୃତ୍ୟୁର ପଥିକ ନିର୍ବାଣ ତୁମ କାହିଁ
ନିଃଶ୍ୱାସ ନଈର ଆରପାଖେ ତୁମେ ଶ୍ୟାମଳୀ ସଞ୍ଚାର ନଈ
ମାଟିଦୀପ ଶିଖା ଅଧୀର ବିଦ୍ରୋହ ତୁମ ପାଇଁ କରିପାରେ
ବିବର୍ଣ୍ଣ ବିଷର୍ଣ୍ଣ ଛାତିରେ କମ୍ପନ ତୁମରି ଶବ୍ଦରେ ଭରେ ।

ଦେବୀ ବା ଈଶ୍ୱରୀ ଦେଖିନାହିଁ ମୁହିଁ ତୁମେ ତ ଜୀବନ୍ତ ଦେବୀ
ଅଗ୍ନିକନ୍ୟା ତୁମେ ଅମୃତ ଲଗ୍ନରେ ସଂଗ୍ରାମର ନୂଆ ଛବି
କାମୁକ ଆଖିର ଖରାର ଅନଳେ ପାରିଲନି ଯେଣୁ ଜଳି
ନିଜକୁ ଜଳାଇ ଶିକ୍ଷା ଦେଇଗଲ ଇଜ୍ଜତ ଯେ ଭାରି ବୋଲି ।

ମହାକାଳର ଏ ସମୁଦ୍ର ମଝିରେ ଅନନ୍ତ ଜନ୍ମ ଗୋ ନିଅ
ବାରବାର ତୁମେ ପାପୀଙ୍କ ଛାତିରେ ପାଦ ଦୁଇ ଥୋଇଯାଅ
ସ୍ନିଗ୍ଧ ଶୀତଳଏ ପୃଥିବୀ କେବଳ ତୁମପରି କନ୍ୟା ଚାହେଁ
ତ୍ୟାଗ ବଳିଦାନ କେବେ ଯେ ତୁମରି ବ୍ୟର୍ଥ ଗୋ ଏଠି ନୁହେଁ ।

ମହାକାବ୍ୟ ତୁମେ ମହାଚେତନାର ଉଷାର ଉଦୟ ରାଗ
ଚିତାଭସ୍ମେ ତୁମ ଦେଖିପାରେ ମୁହିଁ କ୍ରାନ୍ତିର ଗୋଟିଏ ଯୁଗ ।

**ସଂପାଦକ, ନୀହାରକନ୍ୟା ସାହିତ୍ୟ ସଂସଦ**
**ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର**
**ମୋ -୮୧୧୭୮୦୫୯୫୯**

## ନବ ସୃଜକ

### ଅନନ୍ୟା ଭାନୁମତୀ

**ଲେଖକ-ଦେବେନ୍ଦ୍ରନାଥ ଧନୀ**
**ପ୍ରକାଶକ-ଓରିଏଣ୍ଟ ପବ୍ଲିଶର୍ସ, ଚରମ୍ପା, ଭଦ୍ରକ**
**ମୂଲ୍ୟ-୧୨୦/-**




ସମକାଳୀନ ସାହିତ୍ୟରେ ଗପ, କବିତା ଯେଭଳି ଭାବରେ କାୟାବିସ୍ତାର କରିଚାଲିଛି, ଆଧ୍ୟାତ୍ମିକ ପୃଷ୍ଠଭୂମିକୁ ନେଇ ସେମିତି କିଛି ଗପ କି କବିତା ଏତେ ପରିମାଣରେ ଲେଖାଯିବା ଦେଖାଯାଏନି । ମିଥିର ବ୍ୟବହାର କରି ଜଣେ ଲେଖକ, ପାଠକଙ୍କୁ ସନ୍ତୁଷ୍ଟି ପ୍ରଦାନ କରିବାକୁ ନିଜର କଳାକୌଶଳ ବ୍ୟବହାର କରିବା ଓ ପାଠକଙ୍କ ପାଇଁ ସୁଖପାଠ୍ୟ ଆଲେଖ୍ୟ ପ୍ରସ୍ତୁତ କରିବା ନିହାତି ଦୂରୁହ ବ୍ୟାପାର । ମହାଭାରତରେ ଭାନୁମତୀ ଏକ ଅବହେଳିତ ଚରିତ୍ର ହୋଇପାରେ କିନ୍ତୁ ନିଜର ନିତୀନିଷ୍ଠ, ସତ୍ୟାଦର୍ଶୀ କାରଣରୁ ଅନନ୍ୟା । ଲେଖକ ଏହି ସମ୍ବେଦନଶୀଳତାକୁ ନେଇ ଯେଉଁ ଉପନ୍ୟାସ ପ୍ରସ୍ତୁତ କରିଛନ୍ତି, ଓଡ଼ିଆ ପାଠକଙ୍କ ପାଇଁ ବହୁମୂଲ୍ୟ ଗ୍ରନ୍ଥ ଭାବରେ ବିବେଚିତ ହେବ । ଓଡ଼ିଆ ସାହିତ୍ୟରେ ପୌରାଣିକ ପୃଷ୍ଠଭୂମିକୁ ନେଇ ଲେଖାଯାଇଥିବା ଉପନ୍ୟାସଗୁଡ଼ିକ କେବଳ ପାଠକଙ୍କୁ ପଠନଶୀଳତାର ଖୁସି ଦିଏନାହିଁ ବରଂ ଅନେକ କିଛି ଜ୍ଞାନ ଆହରଣ କରିବାର ସୁଯୋଗ ଦିଏ । ଅନନ୍ୟା ଭାନୁମତୀ ମଧ୍ୟ ସେଭଳି ଏକ ଉପନ୍ୟାସ ଯାହା ମହାଭାରତର ଅନେକ କଥାବସ୍ତୁ ବାବଦରେ ସମ୍ୟକ ଧାରଣା ଦିଏ । ଏହା ନିଶ୍ଚିତ ପାଠକଙ୍କୁ ଆମୋଦିତ କରିବ, ସନ୍ଦେହ ନାହିଁ ।

# ଘର



ରମାକାନ୍ତ ସାମନ୍ତରାୟ

ଘର ଥାଏ
ଘର ଭିତରେ ଥାଏ ଆହୁରି କିଛି ଘର ।

ଘର ଭିତରର ଘର ଭିତରେ ଥାଏ
ମହୁଫେଣା ପରି
ନିବୁଜ ବନ୍ଦ କବାଟ ଓ ଝରକା ଥିବା
ଶହ ଶହ ଅନ୍ଧାରୀ କୋଠରୀ ।

ଯେଉଁମାନେ ରହନ୍ତି ସେଠି
କିଏ ସେମାନେ ?

ନିରୀହ ଛେଳିର ଛଦ୍ମବେଶ ତଳେ
ସେମାନେ ଦିଶନ୍ତି
ଚାଲାକ ବିଲୁଆ ପରି
ଶିକାରୀ ଚିଲ ପରି
ମାୟା ଭିଆଣୁଥିବା
ଶଠ ସନ୍ୟାସୀଙ୍କ ପରି
ଓ ଚିହ୍ନା ଆତତାୟୀଙ୍କ ପରି ଭୟଙ୍କର
ଜାଣିଛ କି କିଏ ସେମାନେ ?
କୋଉଠୁ ଆସନ୍ତି ଏମାନେ ?

କେତେ ବାଗରେ କେତେ ବେଶରେ
ପ୍ରତି ଛକରେ ଛକି ରହିଥାଏ ଶିକାରୀର
ଭୋକ
କାହିଁକି ରହନ୍ତି ଘର ଭିତରର
ଘର ଭିତରେ ଏତେଗୁଡ଼େ ଲୋକ ?

ନୀରବ, ନିଶବ୍ଦ, ନିଝୁମ ରାତିର ଠିକ ମଝିରେ
ଦିନେ ହଠାତ ଶୁଭେ କୋଳାହଳ
ହାଇ ମାରି ନିଦୁଆ ଅଳସ ଆଖିରେ ଚାହେଁ ମୁଁ
ଶିକାର ଓ ଶିକାରୀ ବସି
ଫାଶ ଖୋଲୁଥା'ନ୍ତି ଯୋଉଠି
ଚିହ୍ନା ଚିହ୍ନା କିଛି ବିଶ୍ୱାସ
ମରିପଡ଼ିଥା'ନ୍ତି ସେଇଠି ।

ଆଉ ଦିନେ ରାତିରେ ବଣୁଆ ହାତୀ ପଲ
ଉଜାଡ଼ିଦେଇ ଯାଆନ୍ତି
ଗୋଟାକଯାକ ଫଳନ୍ତି ବଗିଚା,
ଓଳି ତଳରୁ ଆଡ଼େଇ
ଓଳେଇ ଆଣିଲା ବେଳକୁ ଜୀବନ
ଟୁକ୍‌ଟୁକ୍ କରି ରୁଟିଆ ମୂଷା
ଟୁକେଇ ଖାଇଯାଏ ଭରଣଜାକର ଧାନ
ହୁସ୍‌ହୁସ୍ କରି ବିଚରା ଜଗୁଆଳି
ଅନ୍ଧାରକୁ ଆକଟ କରେ
ଢୋ ଢୋ କରି ବାରିପଟ
କବାଟକୁ ପିଟି ଚାଲୁଥାଏ ବେକାବୁ ପବନ ।

**ଫ୍ଲାଟ-୨୦୨**
**ଏମ. ଆଇ. ଜି. -୨,ଦେବାଶ୍ରମ**
**କେଶୁରା , ଭୁବନେଶ୍ୱର**
**ମୋ -୯୮୬୧୧୨୪୧୭୩**



# ଅବକାରୀ ଚଢ଼ଉ, ୨ ଗିରଫ



**ସୋର,୧୯/୭/ଏନ୍ଏନ୍ଏସ୍:** ସୋର ଅବକାରୀ ବିଭାଗ ସିନ୍ଧୁଆ ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୁଡ଼ପୋଚ ନଷ୍ଟ କରିବା ସହ ବାଇକ୍ ଓ ଦେଶୀମଦ ଜବତ କରିଛି। ଏହାସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ୍ ସିନ୍ଧୁଆ ଗ୍ରାମରେ ଚଢ଼ଉ କରି ମୃତ୍ୟୁଞ୍ଜୟ ସିଂ ନିକଟରୁ ୩୫ ଲିଟର୍ ଦେଶୀମଦ ଏବଂ ସିନ୍ଧୁଆ ଗ୍ରାମ୍ୟ ଜଙ୍ଗଲରେ ବେଆଇନ ଭାବେ ଗଢ଼ି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ଉ କରି ୨୨ ଶହ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୧୫୦ ଲିଟର୍ ଦେଶୀମଦ ଜବତ କରିଥିଲେ। ଅନ୍ୟପଟେ ଚଢ଼ଉ ହେଉଥିବା ଜାଣିପାରି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସେହିପରି ଏହି ଟିମ୍ ୧୬ ନମ୍ବର ଜାତୀୟ ରାଜପଥ ଦହିସଡ଼ା ଛକ ନିକଟରେ ଚଢ଼ଉ କରି ଏକ ବାଇକ୍‌ରୁ ୧୮୦ ଲିଟର ଦେଶୀମଦ ଜବତ କରିବା ସହିତ ଶିବପୁରା ଗ୍ରାମର ବିକାଶ ପାତ୍ରକୁ ଗିରଫ କରିଥିଲେ। ଏହି ଚଢ଼ଉରେ ଏଏସ୍ଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଓ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## ‘ସମ୍ପର୍କ’ ପରିବାରର କାର୍ଯ୍ୟକାରଣୀ ବୈଠକ

# ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ବାରିପଦା,୧୯/୭/ଏନ୍ଏନ୍ଏସ୍:** ବାରିପଦା ସତ୍ୟସାଇ ଛକରେ ‘ସମ୍ପର୍କ’ ପରିବାର ନାମରେ ଏକ ସାମାଜିକ ସଂଗଠନ ଗଠିତ ହେବାସହ ଏହାର କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏହାର ସଭାପତି ଭାବେ ସଞ୍ଜିବ ରାଉତ, ଉପସଭାପତି ଚନ୍ଦ୍ରଶେଖର ଘୋଷ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ, ସହସମ୍ପାଦକ ଚନ୍ଦନ ବିଶ୍ୱାଳ, କୋଷାଧ୍ୟକ୍ଷ ତରୁଣ କୁମାର ଦାଶ, ସହ କୋଷାଧ୍ୟକ୍ଷ ଶୁଭବ୍ରତ ଦାଶ ଓ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମୋଟ୍ ୧୮ ଜଣ ମନୋନୀତ ହୋଇଛନ୍ତି। ଉକ୍ତ ବୈଠକରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତୋରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସଦସ୍ୟ ଦୀପକ କୁମାର ନାୟକ ସଭା ପରିଚଳନା କରିଥିବା ବେଳେ ସଭାପତି ସଞ୍ଜୀବ ରାଉତ, ସମ୍ପାଦକ ଚିତ୍ତରଞ୍ଜନ ଦାସ, ସଦସ୍ୟ ଅଭିଜିତ ମହାନ୍ତି, ଆର୍ଯ୍ୟଭଟ ମହାନ୍ତି ଓ ସୌଭାଗ୍ୟ ମହାପାତ୍ର ପ୍ରମୁଖ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ବାବଦରେ ବିଭିନ୍ନ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ‘ସମ୍ପର୍କ’ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିବା ବେଳେ ସଦସ୍ୟ ଶ୍ରୀକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

## ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ସାଂସଦଙ୍କ ଦୃଢ଼ୋକ୍ତି

# ‘ବିରୋଧୀଙ୍କ ଅଭିଯୋଗ ପ୍ରମାଣିତ ହେଲେ ରାଜନୀତିରୁ ନେବି ସନ୍ନ୍ୟାସ’

**ବାଲେଶ୍ୱର,୧୯/୭/ଏନ୍ଏନ୍ଏସ୍:** ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ଓ ବିରୋଧୀ ଦଳଙ୍କ ଅପପ୍ରଚାରକୁ ନେଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସ୍ପଷ୍ଟୀକରଣ ରଖିଛନ୍ତି। ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଛନ୍ତି। ସୂଚନାନୁସାରେ ଜୁଲାଇ ୨ ତାରିଖ ଅପରାହ୍ଣରେ ବାଲେଶ୍ୱର ଡାକବଙ୍ଗଳାରେ ସୌମ୍ୟାଶ୍ରୀ ଓ ତାର ସାଥୀମାନେ ଘଟଣା ବିଷୟରେ ସାଂସଦଙ୍କୁ ଜଣାଇଥିଲେ। ସେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ କହି ସୌମ୍ୟାଶ୍ରୀଙ୍କ ପରୀକ୍ଷା ଦେବା ବ୍ୟବସ୍ଥା ସହ ଏହି ଘଟଣାରେ ଅଧ୍ୟକ୍ଷଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜରେ ଇଣ୍ଟରନାଲ୍ କମ୍ପ୍ଲେନ୍ କମିଟି (ଆଇସିସି) ଗଠନ କରି ଏହାର ତଦନ୍ତ ଦାୟିତ୍ୱ ଦେଇଥିବା ସମ୍ପର୍କରେ ଅଧ୍ୟକ୍ଷ କହିବା ସହ ୭ ଦିନ ଭିତରେ ତଦନ୍ତ ଅନୁଯାୟୀ ସଂପୃକ୍ତ ପ୍ରାଧ୍ୟାପକ ସମୀର ସାହୁଙ୍କ ବିରୁଦ୍ଧରେ ବିଭାଗୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଂସଦ ଦୃଢ଼ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ତଦନ୍ତ ଶେଷ ପର୍ଯ୍ୟନ୍ତ ପ୍ରାଧ୍ୟାପକ



ସମୀର ସାହୁଙ୍କୁ ବାଧ୍ୟତାମୂଳକ ଛୁଟି ଦେଇ କଲେଜ୍ କ୍ୟାମ୍ପସ୍‌କୁ ନଆସିବା ପାଇଁ ମଧ୍ୟ ସାଂସଦ କହିଥିଲେ। ଘଟଣା ଅନୁସାରେ ଛାତ୍ରୀ ସୌମ୍ୟାଶ୍ରୀ ଜୁଲାଇ ୧ ତାରିଖରେ ତାଙ୍କ ସହ ଘଟିଥିବା ଘଟଣାକୁ ନେଇ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ କିଛି ଛାତ୍ରଛାତ୍ରୀ ପ୍ରାଧ୍ୟାପକ ସାହୁଙ୍କୁ ସମର୍ଥନ କରି ମଧ୍ୟ ଅନ୍ୟ ଏକ ଦରଖାସ୍ତ ଦେଇଥିଲେ। ଏମାନଙ୍କୁ କିଏ ସଂଗଠିତ କଲେ ତାହା ମଧ୍ୟ ପ୍ରଶ୍ନବାଚୀ। ଜିଲ୍ଲା ଏସ୍‌ପି ମଧ୍ୟ ଆଇସିସି ରିପୋର୍ଟକୁ ଅପେକ୍ଷା କରିଥିଲେ। ଆଇସିସି ତା’ର ରିପୋର୍ଟ ୯ ତାରିଖ ରାତିରେ ଅଧ୍ୟକ୍ଷଙ୍କୁ ଦେଇଥିଲେ।

ଜୁଲାଇ ୧୨ ତାରିଖ ସୌମ୍ୟାଶ୍ରୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଯାଇ ତଦନ୍ତ ବାବଦରେ ପଚାରିଥିଲେ। ଆଇସିସି ରିପୋର୍ଟ ତାଙ୍କ ବିରୁଦ୍ଧରେ ଯାଇଥିବା ଅଧ୍ୟକ୍ଷ ଶ୍ରୀ ଘୋଷ ଛାତ୍ରୀଙ୍କୁ କହିଥିଲେ। ଏଣୁ ସେ ଏକ ମିଛ ରିପୋର୍ଟ କରିଥିବାରୁ କ୍ଷମା ମାଗି ଦରଖାସ୍ତ କରିଦେଲେ ସମାଧାନ ହୋଇଯିବ ନହେଲେ କଲେଜ କର୍ତ୍ତୃପକ୍ଷ ତା’ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି ବୋଲି ଅଧ୍ୟକ୍ଷ କହିଥିଲେ। ଏଥିରେ ଝିଅଟି ଭୟଙ୍କର ଭାବେ ଚାପଗ୍ରସ୍ତ ହୋଇ କିଛି ସମୟ ମଧ୍ୟରେ ନିଜ ଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିଲା। ପ୍ରଥମେ ବାଲେଶ୍ୱର ପରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତ ସୋମବାର ସୌମ୍ୟାଶ୍ରୀ ମୃତ୍ୟୁବରଣ କରିଥିଲେ। ବାଲେଶ୍ୱରରୁ ଭୁବନେଶ୍ୱର ଏମ୍ସ ପର୍ଯ୍ୟନ୍ତ ତମାମ ଚିକିତ୍ସା ବ୍ୟବସ୍ଥାକୁ ସାଂସଦ ପ୍ରତ୍ୟକ୍ଷ ଭାବେ ଟିକିନିଖି ତଦାରଖ କରିଥିଲେ। ଏସ୍‌ପି, ଅତିରିକ୍ତ ଏସ୍‌ପି ଓ ଅନ୍ୟାନ୍ୟ ପୁଲିସ ଅଧିକାରୀଙ୍କ ସହିତ ଆଇସିସି ରିପୋର୍ଟ ଅନୁଧ୍ୟାନ ପୂର୍ବକ ତାହା ଏକପାଖିଆ ଥିବା ଏସପିଙ୍କ ଦ୍ୱାରା ସିଜ୍ କରାଇଥିଲି। ଘଟଣା ଘଟିବା ପରେ ସେ ସୌମ୍ୟାଶ୍ରୀଙ୍କ ପରିବାର ସହ ମଧ୍ୟ କଥା ହୋଇଥିଲେ। ଏହି ଘଟଣାରେ ସାଂସଦ ଅତି ମାତ୍ରାରେ ବିଚଳିତ ଓ ମର୍ମାହତ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ସେ କୌଣସି ଅବହେଳା କରିନାହାନ୍ତି ବରଂ ନିଷ୍ଠା ଓ ଆନ୍ତରିକତାର ସହିତ ଏହାର ପ୍ରତିକାର ପାଇଁ ଉଦ୍ୟମ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ବିରୋଧୀ ଦଳ ଯୁକ୍ତିଯୁକ୍ତ କାରଣ ନଥାଇ ନିଜ ନିହିତ ସ୍ୱାର୍ଥ ସାଧନ ପାଇଁ ତାଙ୍କ ବିରୋଧରେ କରିଥିବା ଅଭିଯୋଗ ଅମୂଳକ ବୋଲି ଶ୍ରୀ ଷଡ଼ଙ୍ଗୀ ଅଭିଯୋଗ ମଧ୍ୟ କରିଥିଲେ। କୋଳାହଳ କରି ତଦନ୍ତକୁ ବାଟବଣା କରିବା ସହିତ ପ୍ରକୃତ ଅପରାଧୀକୁ ଖସାଇଦେବା ଏମାନଙ୍କ ଉଦ୍ଦେଶ୍ୟ। କଂଗ୍ରେସ ଓ ବିଜେଡି ନିଜ ଶାସନ କାଳରେ ହୋଇଥିବା ଭୟଙ୍କର ଘଟଣାର ଅପରାଧୀଙ୍କୁ ସୁରକ୍ଷା ଦେଇଥିଲେ। ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ସରକାର ଅପରାଧୀଙ୍କ ବିରୁଦ୍ଧରେ ଯଥାଶୀଘ୍ର ଏପରି କଠୋର କାର୍ଯ୍ୟାନଷ୍ଠାନ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ଅନ୍ୟପଟେ ଯଦି ଅଭିଯୋଗକାରୀମାନେ ଅଭିଯୋଗକୁ ପ୍ରମାଣିତ କରିଦେବେ ସେ ରାଜନୀତିରୁ ସନ୍ନ୍ୟାସ ନେଇଯିବେ ବୋଲି ସାଂସଦ ଘୋଷଣା କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ବିଧାୟକଙ୍କ ସମେତ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ।

# ଚମ୍ପୁଆ ଶୀତଳ ଭଣ୍ଡାରରୁ ଚୋରି

**କେନ୍ଦୁଝର,୧୯/୭/ଏନ୍ଏନ୍ଏସ୍:** ଚମ୍ପୁଆ ନିକଟସ୍ଥ ମହେଶ୍ୱରପୁରସ୍ଥିତ ଓଡ଼ିଶା ମର୍ଚେଣ୍ଡାଇଜ୍ ପ୍ରାଇଭେଟ୍ ଲିଃ ଶୀତଳ ଭଣ୍ଡାରରୁ ବହୁ ବିଦ୍ୟୁତ୍ ସାମଗ୍ରୀ ଚୋରି ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଶୀତଳ ଭଣ୍ଡାର ପାଚେରୀ ଡେଇଁ ୩୩ କେଭି ଫିଡର୍ ଲାଇନ ଚାଲୁଥିବା ଅବସ୍ଥାରେ ଚତୁରତାର ସହ ଏବି ସୁଇଚ୍ ବନ୍ଦ କରି ବିଦ୍ୟୁତ୍ ଲାଇନ୍ ବିଚ୍ଛିନ୍ନ କରି ଚୋରି କରିଛନ୍ତି। ଏହାସହ ଟ୍ରାନ୍ସଫର୍ମର୍ ଭିତରେ ଥିବା ମୂଲ୍ୟବାନ ତାର, ଟ୍ରାନ୍ସଫର୍ମର୍ ତେଲ ଓ ଅନ୍ୟାନ୍ୟ ମୂଲ୍ୟବାନ ଉପକରଣ ମଧ୍ୟ ଚୋରି କରିଛନ୍ତି। ଏହାସହ ମେସିନ୍ ରୁମ୍‌ର ତାଲା ଭାଙ୍ଗି ମୋଟର୍, ଭାଲଭ୍, କେବୁଲ୍, ଇନଷ୍ଟ୍ରୁମେଣ୍ଟ ଓ ଅନ୍ୟାନ୍ୟ ଉପକରଣ ଚୋରି କରି ନେଇଛନ୍ତି। ସମ୍ପୂର୍ଣ୍ଣ ଚୋରି ସାମଗ୍ରୀର ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଟ୍ରାନ୍ସଫର୍ମର୍ ସହ ବହୁ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ସାମଗ୍ରୀ ଚୋରି ହୋଇଥିବାରୁ ଶୀତଳ ଭଣ୍ଡାର ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି।

# ଧାମନଗରର ୩ ହାଇସ୍କୁଲ୍‌ରେ ଯୁକ୍ତଦୁଇ ଖୋଲିବାକୁ ଗଣଶିକ୍ଷା ବିଭାଗର ଅନୁମତି

**ଧାମନଗର,୧୯/୭/ଏନ୍ଏନ୍ଏସ୍:** ଧାମନଗର ବ୍ଲକ୍‌ର ୩ଟି ହାଇସ୍କୁଲ୍‌କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଞ୍ଜୁରୀ ଦେଇଛି। ଫଳରେ ଏହି ୩ଟି ହାଇସ୍କୁଲ୍‌ରେ ଯୁକ୍ତଦୁଇ ଶ୍ରେଣୀ ଖୋଲିବ। ବିଭିନ୍ନ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କ ପାଖକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠିରୁ ଏହି ସୂଚନା ମିଳିଛି। ଏହି ଚିଠି ଅନୁସାରେ ଧାମନଗର ବ୍ଲକ୍‌ର ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ନୋଡାଲ୍ ହାଇସ୍କୁଲ, ଚୂଡ଼ାକୁଟି ଇନ୍ଦ୍ରଗୋବିନ୍ଦ ନୋଡାଲ୍ ହାଇସ୍କୁଲ୍ ଓ ସୋହଡ଼ା ପଞ୍ଚାୟତର ବାଲିପଡ଼ାସ୍ଥିତ ବୈତରଣୀ ହାଇସ୍କୁଲ୍‌ରେ ଯୁକ୍ତଦୁଇ ଖୋଲିବ। ଏଠାରେ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ରହିବ ବୋଲି ଜଣାପଡ଼ିଛି।

ପ୍ରକାଶଥାଉକି ୨୦୨୫-୨୬ ଶିକ୍ଷାବର୍ଷରୁ ଉପରୋକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତଦୁଇ ପାଠ ପଢ଼ାଯିବ। ମାତ୍ର ଏଠାରେ ଭିତ୍ତିଭୂମିର ଅଭାବ ରହିଛି। ଉକ୍ତ ବିଦ୍ୟାଳୟର ଆବଶ୍ୟକୀୟ ଉପଯୁକ୍ତ ଶ୍ରେଣୀଗୃହ ଓ




ବିଜ୍ଞାନାଗାର ନାହିଁ। ଏହାସହ ପିଜି ଶିକ୍ଷକ କି ଅଧ୍ୟାପକ ମଧ୍ୟ ନାହାନ୍ତି। ଏଣୁ ଚଳିତ ଶିକ୍ଷାବର୍ଷରୁ ଯୁକ୍ତଦୁଇ ପାଠ୍ୟକ୍ରମରେ ପାଠ ପଢ଼ାଯିବା ସମ୍ଭବ ନୁହଁ ବୋଲି ପ୍ରଧାନଶିକ୍ଷକ କହିଛନ୍ତି। ସେଥିପାଇଁ ଆସନ୍ତା ବର୍ଷ ଯୁକ୍ତଦୁଇ ପାଠ ପଢ଼ାଯିବ ବୋଲି ଜଗନ୍ନାଥ ନୋଡାଲ୍ ହାଇସ୍କୁଲ୍‌ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ରମୋହନ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପାଠ ପଢ଼ାଯିବା ପୂର୍ବରୁ ସ୍କୁଲରେ ପ୍ରିନ୍ସିପାଲଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବ।

କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଆଧାରରେ ଗୋଟିଏ କ୍ୟାମ୍ପସ୍‌ରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ରଖିବା ଉଦ୍ଦେଶ୍ୟ ନେଇ ଗଣଶିକ୍ଷା ବିଭାଗ ଏହି ପଦକ୍ଷେପ ନେଇଛି। ଗୋଟିଏ କ୍ୟାମ୍ପସ୍‌ରେ ପ୍ରଥମରୁ ଦ୍ୱାଦଶ ଯାଏ ଶ୍ରେଣୀ ରହିଲେ ଏହା ଏକୀକୃତ ପରିଚାଳନାରେ ରହିବ। ଜଣେ ପ୍ରଧାନଶିକ୍ଷକ କିମ୍ବା ଅଧ୍ୟକ୍ଷଙ୍କ ଅଧୀନରେ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ କାମ କରିବେ। ଏହାସହ ଶିକ୍ଷକଙ୍କୁ ତାଲିମ ଦେବାରେ ସୁବିଧା ହେବ। ପିଲାଙ୍କ ଦକ୍ଷତା ବିକାଶ ହୋଇପାରିବ। ଏହି ଲକ୍ଷ୍ୟ ନେଇ ଉଚ୍ଚବିଦ୍ୟାଳୟ ଗୁଡ଼ିକୁ ଅପଗ୍ରେଡ୍ କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଥିଲେ। ମାନଦଣ୍ଡକୁ ଦୃଷ୍ଟିରେ ରଖି ଜିଲ୍ଲା ଶିକ୍ଷା ବିଭାଗ ଧାମନଗରର ୮ଟି ସ୍କୁଲ୍‌ର ନାଁ ଗତବର୍ଷ ସୁପାରିଶ୍ କରାଯାଇଥିଲା। ଏନେଇ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣଶିକ୍ଷା ବିଭାଗ ସହ ଆଲୋଚନା କରିଥିଲେ। ପରେ ଗଣଶିକ୍ଷା ବିଭାଗ ବ୍ଲକ୍‌ର ୩ଟି ସ୍କୁଲ୍‌ରେ ଯୁକ୍ତ୨ ଖୋଲିବାକୁ ମଞ୍ଜୁରି ଦେଇଛନ୍ତି। ତେବେ ଏହି ଯୁକ୍ତ୨ କଲେଜ ଖୋଲିବା ପରେ ଗାଁ ଗହଳିର ଅନେକ ଗରିବ ଶ୍ରେଣୀ ଛାତ୍ରଛାତ୍ରୀମାନେ ସୁବିଧାରେ ପାଠ ପଢ଼ିପାରିବେ ବୋଲି ଅନେକ ଛାତ୍ରଛାତ୍ରୀଙ୍କ ଅଭିଭାବକ କହିଛନ୍ତି।

## ଏଫ୍ଏମ୍ କଲେଜ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଭିପି ପକ୍ଷରୁ ଶୋଭାଯାତ୍ରା

# ‘ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଦଣ୍ଡବିଧାନ ହେଉ’

**ଭଦ୍ରକ,୧୯/୭/ଏନ୍ଏନ୍ଏସ୍:** ଚରମ୍ପା ମହାବିଦ୍ୟାଳୟର ଏବିଭିପି ଶାଖା ପକ୍ଷରୁ ଏଫ୍ଏମ୍ କଲେଜ ଛାତ୍ରୀ ତଥା ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ କଲେଜ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ଆୟୋଜନ ହୋଇଥିଲା। କଲେଜ ପରିସରରେ ଥିବା ମଣ୍ଡପରେ ସୋମ୍ୟାଶ୍ରୀଙ୍କ ଫଟୋଚିତ୍ର ଆଗରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାମୁହିକ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଅଭାବନୀୟ ଘଟଣାର ସମସ୍ତ ଅଭିଯୁକ୍ତଙ୍କ ସହ ଯେଉଁ ଛାତ୍ର କଂଗ୍ରେସ ଓ ଛାତ୍ର ବିଜେଡିର କର୍ମୀମାନେ




ସୌମ୍ୟାଶ୍ରୀଙ୍କୁ ମାନସିକ ଭାବେ ବିଭିନ୍ନ ନିର୍ଯାତନା ଦେଉଥିଲେ ଏବଂ ସୋସିଆଲ ମିଡିଆରେ ଚରିତ୍ର ସଂହାର କରୁଥିଲେ ସେମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏବିଭିପି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଚରମ୍ପା କଲେଜର ଛାତ୍ର ନେତା ତଥା ବିଭାଗ ଏସ୍ଏଫ୍‌ଡି ସଂଯୋଜକ ଆୟୁଷ ପାଣିଗ୍ରାହୀ ଦାବି କରିଥିଲେ। ଏହି ଶୋଭାଯାତ୍ରାରେ ଚରମ୍ପା କଲେଜର ଛାତ୍ରନେତା ତଥା ଏବିଭିପିର ଜିଲ୍ଲା ସହ ସଂଯୋଜକ ଅଭିଳାଷ ତ୍ରିପାଠୀ, ଜିଲ୍ଲା ସହ ମୁଖ୍ୟ ଜ୍ୟୋତିପ୍ରକାଶ ସାହୁ, ବିଶ୍ୱନାଥ ଲାହା, ଦେବୀ ପ୍ରସାଦ ଦାଶ, ସୁମିତ୍ରା ସେଠୀ, ନରହରି ମଲ୍ଲିକ, ମନୋଜ କୁମାର ବାରିକ, ସମ୍ବିତ ପରିଡ଼ା, ପୂଜା ଜେନା, ଚନ୍ଦନ କୁମାର ବେହେରା ଓ ଚନ୍ଦନ ମିଶ୍ରଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ବିସ୍ଫୋରକ ଭର୍ତ୍ତି ପିକଅପ୍ ଦୁର୍ଘଟଣାଗ୍ରସ୍ତ

**ସୋର,୧୯/୭/ଏନ୍ଏନ୍ଏସ୍:** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ଛକ ନିକଟରେ ଏକ ବିସ୍ଫୋରକ ଭର୍ତ୍ତି ପିକ୍ଅପ୍ ଭାରସାମ୍ୟ ହରାଇ ଡିଭାଇଡର୍‌ରେ ପିଟି ହୋଇଥିବା ଜଣାପଡ଼ିଛି। ପରେ ଡ୍ରାଇଭର୍ ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ଖବରପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଟିମ୍ ଗାଡ଼ିଟିକୁ ଉଦ୍ଧାର କରି ସୋର ଥାନାକୁ ନେଇଥିଲା। ରାତି ପ୍ରାୟ ୧୧ଟାରେ ବିସ୍ଫୋରକ ଅର୍ଥାତ୍ (ଜିଲୋଟିନ୍) ଭର୍ତ୍ତି ପିକ୍ଅପ୍ ଭୁବନେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ନେଇ ଅନୁମାନ କରାଯାଉଛି। ତେବେ କିଏ ଓ କେଉଁଠୁ ଜିଲୋଟିନ୍ ଆଣୁଥିଲା ଏବଂ ତାହା କେଉଁଠାକୁ ଯାଉଥିଲା ତା’ର ତଦନ୍ତ ସୋର ପୁଲିସ ଆରମ୍ଭ କରିଛି।

# ଆଇଆଇଟି ଖଡ଼ଗପୁରର ବିଶେଷଜ୍ଞ ଟିମ୍‌ଙ୍କ ଜୁବୁଲି ଲାଇବ୍ରେରୀ ପରିଦର୍ଶନ

## ୩ଡି ଲେଜର୍ ସ୍କାନିଂ ମାଧ୍ୟମରେ କରାଗଲା ସର୍ବେକ୍ଷଣ




**ବାରିପଦା,୧୯/୭/ଏନ୍ଏନ୍ଏସ୍:** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ବାରିପଦାରେ ନିର୍ମିତ ଓଡ଼ିଶାର ସର୍ବପୁରାତନ ପାଠାଗାର ଜୁବୁଲି ଲାଇବ୍ରେରୀ (ଶ୍ରୀ ରାମଚନ୍ଦ୍ର ପାଠାଗାର) ଦୀର୍ଘ ବର୍ଷ ଧରି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ନିକଟ ଅତୀତରେ ଏହାର ମରାମତି କାର୍ଯ୍ୟ ହୋଇଛି।

ତେବେ ଗତ ଜାନୁଆରୀ ୨୮ ତାରିଖରେ ଖଡ଼ଗପୁର ଆଇଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର୍ ଡ. ଦାମୋଦର ଆଚାର୍ଯ୍ୟ ଓ ଜାତୀୟ ସ୍ମାରକୀ ପ୍ରାଧୀକରଣ ଅଧ୍ୟକ୍ଷ ଡ. କିଶୋର କୁମାର ବସା ଓ ଆମେରିକାର ଓଡ଼ିଶା ସମାଜର ଡ. ଅଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶ୍ରୀ ରାମଚନ୍ଦ୍ର ପାଠାଗାର (ଜୁବୁଲି ଲାଇବ୍ରେରୀ) ପରିଦର୍ଶନ ପରେ ବିପଦସଙ୍କୁଳ ଥିବା ପରିସ୍ଥିତର ଅନୁଧ୍ୟାନ ପୂର୍ବକ ନିଷ୍ପତ୍ତି ଅନୁଯାୟୀ ଖଡ଼ଗପୁର ଆଇଆଇଟିର ବିଶେଷଜ୍ଞ ଟିମ୍ ଲାଇବ୍ରେରୀ ପରିଦର୍ଶନ କରିଥିଲେ। ବୈଷୟିକ ଟିମ୍ ପାଠାଗାରର ପରିସର ତଥା ୧୨୫ ବର୍ଷ ତଳେ ୟୁରୋପ ପ୍ରାଚୀନ କଳା ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଥିବା ବିଶାଳ ଅଟ୍ଟାଳିକାର ପରିଦର୍ଶନ ଓ ଅନୁଧ୍ୟାନ ପରେ ଏହାର ମୃତ୍ତିକା ପରୀକ୍ଷା ସହ ବ୍ୟବହୃତ ହୋଇଥିବା ଚୂନ ପଥର, ଇସ୍ପାତ ଓ ଅଟ୍ଟାଳିକାର ସୁଦୃଢ଼ ସମ୍ପର୍କିତ ସ୍ଥିତି ପରଖିବା ନେଇ ଆଗାମୀ ଦିନରେ ଇଞ୍ଜିନିୟରିଂ ଆଧାରରେ ପରୀକ୍ଷା କରିବାର ଆବଶ୍ୟକତା ଦର୍ଶାଇଥିଲେ। ତେବେ ଶନିବାର ଆଇଆଇଟି ଖଡ଼ଗପୁରର ଆର୍କିଟେକ୍ଟ ପ୍ଲାନିଂ ବିଭାଗର ଏକ ବିଶେଷଜ୍ଞ ଦଳ ଶ୍ରୀ ରାମଚନ୍ଦ୍ର ଲାଇବ୍ରେରୀର ପରିଦର୍ଶନ ପୂର୍ବକ ଲାଇବ୍ରେରୀର ପୁନରୁଦ୍ଧାର କାର୍ଯ୍ୟର ଡିପିଆର୍ ପ୍ରସ୍ତୁତି ସମ୍ବନ୍ଧିତ ବିଶେଷ ସର୍ବେକ୍ଷଣ କାର୍ଯ୍ୟ ୩ଡି ଲେଜର୍ ସ୍କାନିଂ ମାଧ୍ୟମରେ କରାଇଥିଲେ। ଏହି କାର୍ଯ୍ୟରେ ଲାଇବ୍ରେରୀର ପରିଚାଳନା ପରିଷଦର ଉପସ୍ଥିତ ସଭ୍ୟ ଏବଂ ବିଶିଷ୍ଟ ଆର୍କିଟେକ୍ ମନୋଜ କୁଅଁର ବୈଷୟିକ ସହଯୋଗିତା ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

# ଜାତୀୟ ଭାବନା ସହ ଦିନଟିକୁ ପାଳିବାକୁ ଜିଲ୍ଲା ପ୍ରଶାସନର ନିବେଦନ

**କେନ୍ଦୁଝର,୧୯/୭/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଲିକ ଆଗାମୀ ସ୍ୱାଧୀନତା ଦିବସକୁ ଜାତୀୟ ଭାବନା ସହ ବିପୁଳ ଆନନ୍ଦ ଉଲ୍ଲାସ ସହିତ ପାଳନ କରିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ପ୍ରସ୍ତୁତି ବୈଠକର ସଂଯୋଜନା କରିବା ସହିତ କାର୍ଯ୍ୟସୂଚୀ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍ୱାଧୀନତା ଦିବସ ଅବସରରେ ସକାଳେ ରାମଧୂନ୍ ପ୍ରଚାର, ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ



ଫେରୀ, ସକାଳ ୭ଟାରୁ ୭ଟା ୩୦ ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୮ଟା ୪୫ରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୯ଟା ୧୫ରେ କେନ୍ଦୁଝର ଷ୍ଟାଡିୟମ୍‌ରେ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍, ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ଅପରାହ୍ଣରେ କେନ୍ଦୁଝର ଅଡିଟୋରିୟମ୍‌ରେ କବିତା ପାଠୋତ୍ସବ, ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍ ଓ ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍‌ରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ୱାଧୀନତା ଦିବସ ଦିନ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ଆଇନ ଶୃଙ୍ଖଳା, ଟ୍ରାଫିକ୍ କଣ୍ଟ୍ରୋଲ୍, ଆଶୁ ଚିକିତ୍ସା, ପାନୀୟଜଳ ଯୋଗାଣ, ପରିମଳ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିର୍ମୟ ଭୁକ୍ତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା ଜଣାଇଲେ ଆନ୍ଦ୍ରେ ରସେଲ୍

**ଜାମାଇକା,୧୯।୭/ଏଜେନ୍ସି:** ୱେଷ୍ଟଇଣ୍ଡିଜ୍ କ୍ରିକେଟ୍‌ର ଅନ୍ୟତମ ଷ୍ଟାର୍ ଅଲରାଉଣ୍ଡର ଆନ୍ଦ୍ରେ ରସେଲ୍ ଆକସ୍ମିକ ଭାବେ ସମସ୍ତ ଅନ୍ତର୍ଜାତୀୟ ଫର୍ମାଟ୍‌ରୁ ଅବସର ଘୋଷଣା କରିବାକୁ ଯାଉଛନ୍ତି। ତେବେ ସେ ସମ୍ପ୍ରତି ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜ୍‌ର ୨ଟି ମ୍ୟାଚ୍ ଖେଳିବେ। ଏହାପରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ, ଏହି ଦୁଇଟି ଟି-୨୦ ମ୍ୟାଚ୍ ଜାମାଇକାର ସାବିନା ପାର୍କରେ ଖେଳାଯିବ, ଯାହାକି ରସେଲଙ୍କ ଘରୋଇ ଭୂମି ଭାବେ ପରିଚିତ। ରସେଲ୍ କହିଛନ୍ତି ଯେ, ସେ ୱେଷ୍ଟଇଣ୍ଡିଜ୍ ପାଇଁ ପ୍ରତ୍ୟେକ ଅବସରରେ ନିଜର ସର୍ବୋତ୍ତମ ଦେବାକୁ ଚେଷ୍ଟା କରିଥିଲେ ଏବଂ ଏବେ ସେ ଅନୁଭବ କରୁଛନ୍ତି ଯେ ଏହା ଅବସର ନେବାର ସଠିକ୍ ସମୟ। ସାବିନା ପାର୍କରେ ଅବସର ନେବା ତାଙ୍କ ପାଇଁ ସ୍ୱପ୍ନ ପରି। ଏହିଠାରୁ ସେ କ୍ରିକେଟ୍ ଆରମ୍ଭ କରିଥିଲି ଏବଂ ଏହିଠାରେ ଏହାକୁ ଶେଷ କରିବା ତାଙ୍କ ପାଇଁ ସମ୍ମାନର ବିଷୟ।




ଆନ୍ଦ୍ରେ ରସେଲ ୱେଷ୍ଟଇଣ୍ଡିଜ୍ ପାଇଁ ୧୪୧ଟି ଅନ୍ତର୍ଜାତୀୟ ମ୍ୟାଚ୍ (୧ ଟେଷ୍ଟ, ୫୬ ଦିନିକିଆ ଏବଂ ୮୪ ଟି-୨୦) ଖେଳିଛନ୍ତି। ୨୦୧୦ରେ ସେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରୁ ନିଜ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଏହା ହିଁ ତାଙ୍କର ପ୍ରଥମ ଏବଂ ଶେଷ ଟେଷ୍ଟ ମ୍ୟାଚ୍ ଥିଲା। ଏହାପରେ ସେ ୨୦୧୧ରେ ଆୟରଲାଣ୍ଡ୍ ବିପକ୍ଷ ଦିନିକିଆରେ ଡେବ୍ୟୁ କରିଥିଲେ। ଏହାପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ନିଜ ୧୫ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର୍‌ରେ ୫୬ ଦିନିକିଆ ମ୍ୟାଚ୍ ଖେଳି ରସେଲ୍ ୧୦୩୪ ରନ୍ କରିବା ସହ ୭୦ଟି ୱିକେଟ୍ ଦଖଲ କରିଛନ୍ତି। ସେହିପରି ୮୪ଟି ଟି-୨୦ ମ୍ୟାଚ୍ ଖେଳି ସେ ୧୦୭୮ ରନ୍ କରିବା ସହ ୬୧ଟି ୱିକେଟ୍ ଦଖଲ କରିଛନ୍ତି।

ରସେଲ୍ ୨୦୧୬ରେ ଭାରତ ବିପକ୍ଷ ଟି-୨୦ ବିଶ୍ୱକପ୍ ସେମିଫାଇନାଲ୍‌ରେ ମାତ୍ର ୨୦ ବଲ୍‌ରୁ ଅପରାଜିତ ୪୩ ରନ୍ କରିବା ଏବଂ ଶେଷ ଓଭରରେ ବିରାଟ କୋହଲିଙ୍କ ଏକ ବଲ୍‌କୁ ଛକା ମାରି ନିଜ ଦଳକୁ ବିଜୟୀ କରିବାର ମୁହୂର୍ତ୍ତକୁ ନିଜ ସ୍ମରଣୀୟ ଇନିଂସ ଭାବେ ଅଭିହିତ କରିଛନ୍ତି। ୱେଷ୍ଟଇଣ୍ଡିଜ୍ ୨୦୧୬ରେ ଦ୍ୱିତୀୟ ଟି୨୦ ବିଶ୍ୱକପ୍ ଜିତିଥିଲା।

# ଅନିଶ୍ଚିତତାରେ ଏସିଆ କପ୍

## ୨୪ରେ ଢାକାରେ ପରିଷଦ ବୈଠକ, ଯୋଗଦେବନି ବିସିସିଆଇ

**ମୁମ୍ବାଇ,୧୯।୭/ଏଜେନ୍ସି:** ୨୦୨୫ ଶେଷଭାଗରେ ଆୟୋଜନ ହେବାକୁ ଥିବା ଏସିଆ କପ୍ ପାଇଁ ଆସନ୍ତା ୨୪ରେ ଢ଼ାକା ଠାରେ ବସିବାକୁ ଥିବା ଏସୀୟ କ୍ରିକେଟ୍ ପରିଷଦର ବାର୍ଷିକ ବୈଠକରେ ଯୋଗଦେବନି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)। ବିସିସିଆଇ ପକ୍ଷରୁ ସ୍ପଷ୍ଟ ଭାବେ ଏହି ବୈଠକ ପାଇଁ ମନା କରିଦିଆଯାଇଥିବା ସୂଚନା ମିଳିଛି। ବିସିସିଆଇ କହିଛି ଯେ, ବାଂଲାଦେଶର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ବୋର୍ଡ ସେଠାରେ ବୈଠକରେ ଯୋଗଦେଇପାରିବ ନାହିଁ। ଭାରତ ଏବେକାର ଏସିସି ସଭାପତି ତଥା ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକଭିଙ୍କ ଠାରୁ ବୈଠକର ସ୍ଥାନ ପରିବର୍ତ୍ତନ ପାଇଁ ଦାବି କରିଥିଲା, କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

ସୂତ୍ର ଅନୁଯାୟୀ, ମୋହସିନ ନକଭି ଭାରତ ଉପରେ ଅନାବଶ୍ୟକ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ବିସିସିଆଇ ସ୍ପଷ୍ଟ ଭାବରେ କହିଛି ଯେ, ବୈଠକର ସ୍ଥାନ ପରିବର୍ତ୍ତନ ନ ହେଲେ ଏସିଆ କପ୍ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇପାରିବନାହିଁ। ଶ୍ରୀଲଙ୍କା, ଓମାନ ଏବଂ ଆଫଗାନିସ୍ତାନର କ୍ରିକେଟ ବୋର୍ଡ ମଧ୍ୟ ଭାରତ ସହିତ ଅଛନ୍ତି ଏବଂ ସେମାନେ ଢାକାରେ ବୈଠକ ବିଷୟରେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି।




ଏହା ସତ୍ତ୍ୱେ, ଏସିସି ଅଧ୍ୟକ୍ଷ ମୋହସିନ ନକଭି ଢାକାରେ ହିଁ ବୈଠକ ଆୟୋଜନ କରିବାକୁ ଅଟଳ ଅଛନ୍ତି। ଏସିସିର ସମ୍ବିଧାନ ଅନୁଯାୟୀ, ଯଦି ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ବୋର୍ଡ ଏହି ବୈଠକରେ ଯୋଗ ନ ଦିଅନ୍ତି, ତେବେ ସେଠାରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ ଅବୈଧ ବୋଲି ବିବେଚନା କରାଯାଇପାରିବ। ସବୁଠୁ ବଡ଼କଥା ହେଉଛି, ବୈଠକ ପାଇଁ ମାତ୍ର ୫ ଦିନ ବାକି ଅଛି, କିନ୍ତୁ ଏପର୍ଯ୍ୟନ୍ତ ଏସିସି ଦ୍ୱାରା କୌଣସି ନୂତନ ସ୍ଥାନ ବିଷୟରେ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇପାରିନାହିଁ। ଏହା ସେପ୍ଟେମ୍ବରରେ ସମ୍ଭାବ୍ୟ ଏସିଆ କପ୍ ପାଇଁ ବିପଦ ସୃଷ୍ଟି କରୁଛି।

ସୂଚନାଯୋଗ୍ୟ ୨୦୨୫ରେ ହେବାକୁ ଥିବା ଏସିଆ କପ୍ ପାଇଁ ଭାରତ ଆୟୋଜକ ରହିଛି। ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ଏପର୍ଯ୍ୟନ୍ତ ଏସିସି ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ କିମ୍ବା ସ୍ଥାନ ଘୋଷଣା କରିନାହିଁ, କିନ୍ତୁ ଏହା ବିଶ୍ୱାସ କରାଯାଉଛି ଯେ ଏହା ସେପ୍ଟେମ୍ବରରେ ହୋଇପାରେ। ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଏବଂ ୟୁଏଇ ଦଳ ଅଂଶଗ୍ରହଣ କରିବେ। ପ୍ରକାଶ, ଭାରତ ଏସିଆ କପ୍‌ର ଡିଫେଣ୍ଡିଂ ଚାମ୍ପିଅନ୍। ୨୦୨୩ରେ ଶ୍ରୀଲଙ୍କାକୁ ୧୦ ୱିକେଟରେ ପରାସ୍ତ କରି ଦଳ ଅଷ୍ଟମ ଥର ପାଇଁ ଟୁର୍ଣ୍ଣାମେଣ୍ଟ ଜିତିଥିଲା।

# ଦେଶ ବିଦେଶ

## ଲାକ୍ଷାଦ୍ୱୀପରେ ସ୍ଥାପନ ହେବ ସେନା ଘାଟି

**ନୂଆଦିଲ୍ଲୀ,୧୯।୭/ଏଜେନ୍ସି:** ଭାରତର କେନ୍ଦ୍ରଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପ ଅଧିନରେ ଆସୁଥିବା ବିତ୍ରା ଦ୍ୱୀପରେ ଏକ ସାମରିକ ଘାଟି ସ୍ଥାପନ କରିବାକୁ ଭାରତ ସରକାର ଯୋଜନା କରୁଛନ୍ତି। ଏହି ଦ୍ୱୀପଟି ସାମରିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବାରୁ ସରକାର ଏଠାରେ ଏକ ଘାଟି ସ୍ଥାପନ ପାଇଁ ବିଚାର କରୁଛନ୍ତି। କିନ୍ତୁ ସରକାରଙ୍କ ଏହି ପ୍ରସ୍ତାବକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି । ବର୍ତ୍ତମାନ, ବିତ୍ରାରେ ପ୍ରାୟ ୧୦୫ ପରିବାର ବାସ କରନ୍ତି। ତଥାପି, ଦ୍ୱୀପପୁଞ୍ଜର ରାଜସ୍ୱ ବିଭାଗ ବିତ୍ରା ଦ୍ୱୀପର ସାମାଜିକ ପ୍ରଭାବ ମୂଲ୍ୟାଙ୍କନ (ଏସ୍‌ଆଇଏ) ପାଇଁ ଏକ ବିଜ୍ଞପ୍ତି ଜାରି କରିଛି। ନୋଟିସ୍‌ରେ କୁହାଯାଇଛି ଯେ ଏହି ମୂଲ୍ୟାଙ୍କନର ଉଦ୍ଦେଶ୍ୟ ହେଉଛି ଏହାର 'ରଣନୈତିକ ସ୍ଥିତି' ଏବଂ 'ଜାତୀୟ ସୁରକ୍ଷା ପ୍ରାସଙ୍ଗିକତା' ଯୋଗୁଁ ସମଗ୍ର ଦ୍ୱୀପକୁ ପ୍ରତିରକ୍ଷା ଏବଂ ରଣନୈତିକ ଏଜେନ୍ସିଗୁଡ଼ିକୁ ହସ୍ତାନ୍ତର କରିବା। ଅଧିଗ୍ରହଣ ପୂର୍ବରୁ ଗ୍ରାମସଭା ଅନୁଷ୍ଠିତ ହେବ ।

## 'ଭାରତରେ ସଂଖ୍ୟାଲଘୁ ସବୁଠୁ ଅଧିକ ସୁରକ୍ଷିତ'

**ନୂଆଦିଲ୍ଲୀ,୧୯।୭/ଏଜେନ୍ସି:** ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଏଠାରେ ସଂଖ୍ୟାଲଘୁମାନେ ସବୁଠୁ ଅଧିକ ସୁରକ୍ଷିତ। ହିନ୍ଦୁ ବହୁଳ ଦେଶ ହେବା ସତ୍ତ୍ୱେ ଭାରତରେ ପ୍ରତ୍ୟେକ ଜାତି, ବର୍ଗଙ୍କ ପାଇଁ ପାରସ୍ପରିକ ସମ୍ମାନ ଓ ଶ୍ରଦ୍ଧା ରହିଛି। ଶନିବାର ଏକ ଆଲୋଚନାଚକ୍ରରେ ଯୋଗଦେବା ଅବସରରେ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଏପରି କିଛି ବିବୃତ୍ତି ଦେଇଛନ୍ତି। ରିଜିଜୁ କହିଛନ୍ତି ସଂଖ୍ୟାଲଘୁମାନେ ବହୁଳ ହିନ୍ଦୁଙ୍କ ଯୋଗୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଏବଂ ସୁରକ୍ଷା ଉପଭୋଗ କରନ୍ତି। ସେ ଏପରି ଗୋଟିଏ ବି ମାମଲା ଦେଖିନାହାଁନ୍ତି ଯେଉଁଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ସଦସ୍ୟ ଦେଶରେ କିଛି ପାଇବାରୁ ବଞ୍ଚିତ ହେବା କାରଣରୁ ଭାରତରୁ ପ୍ରବାସ କରିବାକୁ ଚାହାଁନ୍ତି।



ଭାରତରେ ସଂଖ୍ୟାଲଘୁମାନଙ୍କୁ ନିର୍ଯାତନା ଦିଆଯାଉଛି, ଗଣହତ୍ୟା କରାଯାଉଛି, ପିଟିପିଟି ହତ୍ୟା କରାଯାଉଛି ଏବଂ ଏମାନେ ସୁରକ୍ଷିତ ନୁହଁନ୍ତି ବୋଲି ଯେଉଁ ଅପପ୍ରଚାର କରାଯାଉଛି ସେସବୁ ପଛରେ କଂଗ୍ରେସ ଏବଂ ଏହାର ସମର୍ଥିତ ବାମପନ୍ଥୀ ଦଳଗୁଡ଼ିକଙ୍କ ଷଡଯନ୍ତ୍ର ରହିଛି। ଏପରି ବୟାନ ଦେଶ ପାଇଁ ସହାୟକ ନୁହେଁ। ଆମେ ଧର୍ମନିରପେକ୍ଷ, ଆମର ଏକ ସମ୍ବିଧାନ ଅଛି ତେଣୁ ଏଠାରେ ସମସ୍ତେ ସମାନ। ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ ଯାହା ପାଏ, ସଂଖ୍ୟାଲଘୁଗରିଷ୍ଠ ସମ୍ପ୍ରଦାୟ ମଧ୍ୟ ତାହା ପାଏ। ଯଦି ଭଲଭାବେ ତର୍ଜମା କରାଯାଏ ଏପରି ଅନେକ ବିଷୟ ଅଛି ଯାହାକି ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ ମଧ୍ୟ ପାଇନଥାଏ।






### ପ୍ରଧାନମନ୍ତ୍ରୀଙ୍କୁ ଖର୍ଗେଙ୍କ କଟାକ୍ଷ

## ୪୨ ଦେଶ ବୁଲିଲେ, କିନ୍ତୁ ମଣିପୁର ଗଲେନି

**ନୂଆଦିଲ୍ଲୀ,୧୯।୭/ଏଜେନ୍ସି:** କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରିଛନ୍ତି। କର୍ଣ୍ଣାଟକର ମୈସୁରୁରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ସମୟରେ ଖର୍ଗେ, ମୋଦୀ ଏବଂ ବିଜେପିକୁ ଟାର୍ଗେଟ୍ କରିବା ଦେଖିବାକୁ ମିଳିଛି। ଖର୍ଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ୪୨ ଦେଶ ବୁଲିସାରିଲେଣି। କିନ୍ତୁ ଥରୁଟିଏ ମଧ୍ୟ ନିଜ ଦେଶର ହିଂସାପ୍ରବଣ ରାଜ୍ୟ ମଣିପୁର ଗସ୍ତରେ ଯାଇନାହାନ୍ତି। ମଣିପୁରରେ ହିଂସା ଉପରେ ମୋଦୀଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇ ଖର୍ଗେ କହିଛନ୍ତି, ମଣିପୁରରେ ଜାତିଗତ ହିଂସା ଏବଂ ଅସ୍ଥିରତା ଏକ ବର୍ଷରୁ ଅଧିକ ସମୟ ଧରି ଚାଲିଛି। ଏସବୁ ଭଲଭାବେ ଜାଣି ମଧ୍ୟ ପ୍ରଧାନମନ୍ତ୍ରୀ ଏଠାକୁ ଥରେ ହେଲେ ଯାଇନାହାନ୍ତି। ମଣିପୁରକୁ ଜଳିବାକୁ ଛାଡିଦେଇଛନ୍ତି। ମଣିପୁର ପ୍ରସଙ୍ଗରେ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କ ଭୂମିକା ଉପରେ ଲଗାତାର ପ୍ରଶ୍ନ ଉଠାଉଥିବା ବେଳେ ପ୍ରଧାନମନ୍ତ୍ରୀ ନୀରବ ରହୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏପ୍ରକାର ଆଭିମୁଖ୍ୟରୁ ବୁଝାପଡୁଛି ଯେ, ମୋଦୀ ବୋଧେ ଚାହୁଁନାହାନ୍ତି ମଣିପୁର ଭାରତର ଅଂଶ ହୋଇ ରହୁ' ବୋଲି। କେବଳ ସେତିକି ନୁହେଁ ଖର୍ଗେ, ବିଜେପି ଏବଂ ଆରଏସ୍‌ଏସ୍ ବିରୋଧରେ ସମ୍ବିଧାନ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିବା ଭଳି ଅଭିଯୋଗ ମଧ୍ୟ କରିଥିଲେ। ଖର୍ଗେଙ୍କ କହିବାନୁସାରେ କଂଗ୍ରେସ ସର୍ବଦା ଜନସାଧାରଣଙ୍କ ପ୍ରସଙ୍ଗକୁ ପ୍ରାଥମିକତା ଦେଇଛି ଏବଂ ବିକାଶକୁ କେନ୍ଦ୍ରରେ ରଖିଛି। ସେହିପରି କର୍ଣ୍ଣାଟକର କଂଗ୍ରେସ ସରକାରଙ୍କ ଉପରେ ଆର୍ଥିକ ସଙ୍କଟର ଅଭିଯୋଗ ସମ୍ପର୍କରେ ଖର୍ଗେ ଏସବୁକୁ ଭିତ୍ତିହୀନ ଅଭିଯୋଗ କହି ଏଡାଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ରାଜ୍ୟକୁ ଏକ ଭଲ ଦିଗରେ ନେଉଛି ବୋଲି ଖର୍ଗେ କହିଛନ୍ତି।

### ଅନ୍‌ଲାଇନ୍ ବେଟିଂ ଆପ୍ ମାମଲା

## ଗୁଗୁଲ୍ ଓ ମେଟାକୁ ଇଡି ନୋଟିସ୍





**ନୂଆଦିଲ୍ଲୀ,୧୯।୭/ଏଜେନ୍ସି:** ଅନଲାଇନ୍ ବେଟିଂ ଆପ୍ ମାମଲାର ତଦନ୍ତ ସହିତ ଜଡିତ ଗୁଗୁଲ୍ ଏବଂ ମେଟାକୁ ନୋଟିସ୍ ଜାରି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଇଡି ନୋଟିସ୍ ଜାରି ପୂର୍ବକ ଆସନ୍ତା ୨୧ରେ ଜେରାର ସମ୍ମୁଖୀନ ହେବାକୁ ସମନ୍ କରିଛି। ଇଡି ଅଭିଯୋଗ ଅନୁସାରେ ଏହି ଦୁଇ ଟେକ୍ କମ୍ପାନୀ ମହାଦେବ ବେଟିଂ ଆପ୍ ପାଇଁ ଉଦ୍ଦିଷ୍ଟ ବିଜ୍ଞାପନକୁ ବ୍ୟାପକ ଭାବେ ପ୍ରଚାର ପ୍ରସାର କରିଥିଲେ। ଯେଉଁ କାରଣରୁ ମହାଦେବ ବେଟିଂ ଆପ୍ ସମସ୍ତ ଲୋକଙ୍କ ପାଖରେ ସହଜରେ ପହଞ୍ଚିପାରିଥିଲା ଏବଂ ସେମାନଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିଲା। ଇଡି ଦ୍ୱାରା ଜାରି ନୋଟିସ ଅନୁଯାୟୀ, ଉଭୟ କମ୍ପାନୀର ପ୍ରତିନିଧିଙ୍କୁ ପଚରାଉଚରା କରାଯିବ। ଏଥିରେ ଏହିପରି ଅନଲାଇନ ବେଟିଂ ବିଜ୍ଞାପନ ଦେଖାଇବା ବିଷୟରେ ପ୍ରଶ୍ନ ଏବଂ ଉତ୍ତର ରହିବ। ଏହି ପ୍ଲାଟଫର୍ମ ମାଧ୍ୟମରେ କୋଟି କୋଟି ଟଙ୍କାର କଳାଧନ ରୋଜଗାର ହୋଇଛି ବୋଲି ବିଶ୍ୱାସ କରାଯାଉଛି। ପ୍ରକାଶ, ଏହାପୂର୍ବରୁ ଅନେକ ସେଲିବ୍ରିଟି ଏବଂ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କୁ ଏହି ବେଆଇନ ବେଟିଂ ପ୍ଲାଟଫର୍ମକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବହାର କରାଯାଇଥିବା ବେଳେ ଇଡି ଏସମସ୍ତଙ୍କୁ ନିଜ ସ୍କାନରକୁ ନେଇସାରିଛି।

ଗୁଗୁଲ୍ ଏବଂ ମେଟା ଉଭୟ ବେଟିଂ ଆପ୍ଲିକେସନଗୁଡ଼ିକର ପ୍ରଚାର କରୁଛନ୍ତି ବୋଲି ଇଡି ଅଭିଯୋଗ ଆଣିଛି। ଇଡି କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି ଯେ୍ ଏହି ଟେକ୍ କମ୍ପାନିଗୁଡ଼ିକ ପ୍ରମୁଖ ବିଜ୍ଞାପନ ସ୍ଲଟ୍ ପ୍ରଦାନ କରିଥିଲେ। ଏହାଛଡ଼ା ଏହି ଅନଲାଇନ୍ ବେଟିଂ ଆପ୍ ସହିତ ଲିଙ୍କ୍ ହୋଇଥିବା ୱେବସାଇଟ୍‌ଗୁଡ଼ିକୁ ସେମାନଙ୍କ ପ୍ଲାଟଫର୍ମ ଜରିଆରେ ଭିଜିଟ୍ ଅନୁମତି ଦେଇଥିଲେ। ଯାହା ଫଳରେ ଏହି ଅବୈଧ କାର୍ଯ୍ୟଗୁଡ଼ିକର ବ୍ୟାପକ ପ୍ରସାର ହୋଇଛି। ମହାଦେବ ଅନଲାଇନ୍ ବେଟିଂ ଆପ୍ ସହ ଜଡ଼ିତ ହଜାର ହଜାର କୋଟି ଟଙ୍କାର ବେଆଇନ କାରବାରର ତଦନ୍ତ ପରିସରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ତଦନ୍ତରୁ ଜଣାପଡିଛି ଯେ ଏହି ବେଟିଂ ପ୍ଲାଟଫର୍ମଗୁଡ଼ିକ ଭାରତରେ ନିଜର ବ୍ୟବସାୟର ପ୍ରସାର ପାଇଁ ବିଜ୍ଞାପନ ବାବଦରେ ପ୍ରାୟ ୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ବିପୁଳ ପରିମାଣର ଅର୍ଥର ଏକ ବଡ଼ ଅଂଶ ଗୁଗଲ୍ ଏବଂ ମେଟାକୁ ବିଜ୍ଞାପନ ଶୁଳ୍କ ଭାବରେ ଦିଆଯାଇଥିବା ଇଡି ସନ୍ଦେହ କରୁଛି।

## ଆତ୍ମହତ୍ୟା କଲେ ଆଉ ଜଣେ ଛାତ୍ରୀ

### ନିଲମ୍ବିତ ୨ ଅଧ୍ୟାପକଙ୍କୁ ହେପାଜତ୍‌କୁ ନେଲା ପୁଲିସ୍

**ଗ୍ରେଟର ନୋଏଡା,୧୯।୭/ଏଜେନ୍ସି:** ବାଲେଶ୍ୱରରେ ଜଣେ ଛାତ୍ରୀ କଲେଜ ଅଧ୍ୟାପକଙ୍କ ଦ୍ୱାରା ଶାରୀରିକ ତଥା ମାନସିକ ଶୋଷଣର ଶିକାର ହେବା ଅଭିଯୋଗ କରି ଆତ୍ମଦାହ କରିଥିଲେ। ଏହାକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଦିଲ୍ଲୀରୁ ଓଡ଼ିଶା ପର୍ଯ୍ୟନ୍ତ ରାଜନୈତିକ ବାକ୍‌ଯୁଦ୍ଧ ଜାରି ରହିଛି। ଏହାରି ମଧ୍ୟରେ ଉତ୍ତରପ୍ରଦେଶର ଗ୍ରେଟର ନୋଏଡାର ନଲେଜ ପାର୍କ ଥାନା ଅନ୍ତର୍ଗତ ଥିବା ଶାରଦା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଶାରଦା ବିଶ୍ୱବିଦ୍ୟାଳୟର ବିଡିଏସ୍ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଜ୍ୟୋତି ଶର୍ମା କଲେଜ ହଷ୍ଟେଲ ରୁମ୍‌ରେ ଫ୍ୟାନ୍‌ରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ସୁଇସାଇଡ ନୋଟ୍ ମଧ୍ୟ ଜବତ କରିଛି। ମୃତ ଛାତ୍ରୀଜଣକ ନିଜ ସୁଇସାଇଡାଲ୍ ନୋଟ୍‌ରେ କଲେଜର ୨ ଶିକ୍ଷକ (ପିସିପି ଏବଂ ଡେଣ୍ଟାଲ ପାଠ୍ୟକ୍ରମର ଶିକ୍ଷକ) ତାଙ୍କୁ ମାନସିକ ନିର୍ଯାତନା ସହ ବାରମ୍ବାର ଅପମାନିତ କରିଥିବା ଅଭିଯୋଗ କରିଛନ୍ତି। ଏହି ଦୁଇ ଅଭିଯୁକ୍ତ ଅଧ୍ୟାପକଙ୍କ ମଧ୍ୟରେ ଜଣେ ମହିଳା ଅଧ୍ୟାପିକା ମଧ୍ୟ ସାମିଲ ଅଛନ୍ତି। ସେମାନଙ୍କ ଯୋଗୁଁ ସେ ଦୀର୍ଘ ଦିନ ଧରି ମାନସିକ ଚାପରେ ରହୁଥିଲେ। ତାଙ୍କ ଭଳି ସେମାନେ ମଧ୍ୟ ଦୁଃଖ ପାଆନ୍ତୁ ବୋଲି ସେ ଚାହୁଁଥିବା ମୃତ ଛାତ୍ରୀ ଲେଖିଯାଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ପୁଲିସ ଉଭୟଙ୍କୁ ଅଟକ ରଖି ପଚରାଉଚରା କରୁଛି।



## କଳିଯୁଗର ସାବିତ୍ରୀ 'ଆଶା'

### ପକ୍ଷାଘାତର ଶିକାର ସ୍ୱାମୀଙ୍କୁ କାନ୍ଧରେ ବୋହି କାଉଡ଼ିଆ ଯାତ୍ରାରେ ବାହାରିଛନ୍ତି

**ମୁଜଫରନଗର,୧୯।୭/ଏଜେନ୍ସି:** କଳିଯୁଗରେ ଏବେ ଯେଉଁଠି ଚାରିଆଡେ ପ୍ରତାରଣା, ସ୍ୱାମୀ ପଛରେ ପରକୀୟ ପ୍ରୀତି, ସ୍ୱାମୀକୁ ହତ୍ୟା, ପିଲା, ସ୍ୱାମୀଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଯିବା ଭଳି ଘଟଣାସବୁ ଘଟୁଥିବାର ଦେଖିବା ଶୁଣିବାକୁ ମିଳୁଛି, ସେଠାରେ ଏପରି ଅନେକ ପତିବ୍ରତା ମହିଳା ମଧ୍ୟ ଅଛନ୍ତି ଯେଉଁମାନେ ନିଜ ବିକଳାଙ୍ଗ ସ୍ୱାମୀଙ୍କ ପାଇଁ ସବୁକିଛି କରିବାକୁ ମଧ୍ୟ ପଛାଉ ନାହାନ୍ତି। ଏପରି ଜଣେ ମହିଳା ହେଲେ ବଖରୱା ମୋଦୀନଗର ଗାଜିଆବାଦ୍‌ର ବାସିନ୍ଦା ଆଶା। ଆଶାଙ୍କ ସ୍ୱାମୀଙ୍କ ନାମ ସଚିନ୍। ସଚିନ୍ ଗତ ୧୩ ବର୍ଷ ଧରି ପାଣି ଉଠାଇ କାଉଡିଆ ଯାତ୍ରା ଯାଉଥିଲେ। କିନ୍ତୁ ଗତବର୍ଷ ମେରୁଦଣ୍ଡ ଅସ୍ତ୍ରୋପଚାର ସମୟରେ ସଚିନ ପକ୍ଷାଘାତର ଶିକାର ହେବାରୁ ସେ ଏବେ ନିଜ ପାଦରେ ଚାଲିପାରୁନାହାଁନ୍ତି। ତେଣୁ ସେ ଚଳିତ ବର୍ଷ ପାଣି ଉଠାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। କିନ୍ତୁ ଚାଲିଆସିଥିବା ଧାରାକୁ ଭାଙ୍ଗିବା ପରିବର୍ତ୍ତେ ଆଶା ନିଜ ସ୍ୱାମୀଙ୍କୁ କାନ୍ଧରେ ବୋହି କାଉଡିଆ ଯାତ୍ରାରେ ଯିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ନିଜ ସ୍ୱାମୀ ପୁଣିଥରେ ନିଜ ଗୋଡରେ ଚାଲିପାରନ୍ତୁ ବୋଲି ମାନସିକ ରଖି ଆଶା ନିଜ ସ୍ୱାମୀଙ୍କୁ କାନ୍ଧରେ ବୋହି ଏବେ ୧୫୦ କିମି ଦୂର ବୋଲବମ୍ ଯାତ୍ରା ଆରମ୍ଭ କରିଛନ୍ତି। ସାଙ୍ଗରେ ନିଜ ୨ ପିଲାଙ୍କୁ ମଧ୍ୟ ଆଶା ନେଇଛନ୍ତି। ହରିଦ୍ୱାରରୁ ପାଣି ଉଠାଇ ସେମାନେ ମୋଦୀନଗର ଅଭିମୁଖେ ଆସୁଛନ୍ତି। ଆଶାଙ୍କ କହିବାନୁସାରେ ଭଗବନା ଭୋଲେନାଥ ତାଙ୍କ ସ୍ୱାମୀ ଏବଂ ପରିବାରର ପରୀକ୍ଷା ନେଉଛନ୍ତି। ଏଭଳି ସମୟରେ ଭଗବାନଙ୍କ ଉପରୁ ଭରସା ତୁଟାଇବା ଉଚିତ୍ ନୁହେଁ। ଏହି କାରଣରୁ ସେ ନିଜ ସ୍ୱାମୀଙ୍କ ୧୩ ବର୍ଷର ଯାତ୍ରାକୁ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଉତ୍ତରପ୍ରଦେଶର ମୁଜଫରନଗରରେ ଦେଖିବାକୁ ମିଳିଛି ଏହି ଅନନ୍ୟ ଘଟଣା। ଆଶା'କୁ ଏବେ କଳିଯୁଗର ସାବିତ୍ରୀ ଭାବେ ଅଭିହିତ କରାଯାଉଥିବା ଦେଖିବାକୁ ମିଳୁଛି।



### ତୁଲ୍‌ସୀ ଗବାର୍ଡଙ୍କ ବଡ଼ ଦାବି

## ଟ୍ରମ୍ପଙ୍କୁ କ୍ଷମତାଚ୍ୟୁତ କରିବାକୁ ଷଡ଼ଯନ୍ତ୍ର ରଚିଥିଲେ ଓବାମା

**ୱାଶିଂଟନ,୧୯।୭/ଏଜେନ୍ସି:** ଆମେରିକାର ଜାତୀୟ ଗୁପ୍ତଚର ନିର୍ଦ୍ଦେଶକ ତୁଲ୍‌ସୀ ଗବାର୍ଡ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ବିରୋଧରେ ଏକ ସଙ୍ଗୀନ ଅଭିଯୋଗ କରିଛନ୍ତି। ସେ ଦାବି କରିଛନ୍ତି ଯେ, ୨୦୧୬ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ଦୁର୍ବଳ କରିବା ପାଇଁ ଏବଂ ତାଙ୍କ ବିଜୟକୁ କ୍ଷତି ପହଞ୍ଚାଇବା ପାଇଁ ଓବାମା ବଡ଼ ଧରଣର ଷଡ଼ଯନ୍ତ୍ର କରିଥିଲେ। ତୁଳସୀଙ୍କ ଏପ୍ରକାର ଅଭିଯୋଗ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଆମେରିକାରେ ଏବେ ହଟଚମଟ ସୃଷ୍ଟି ହୋଇଛି।

ତୁଳସୀ ଗବାର୍ଡ କହିଛନ୍ତି, ୯ ଡିସେମ୍ବର ୨୦୧୬ ରେ, ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ହ୍ୱାଇଟ୍ ହାଉସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ, ଯେଉଁଥିରେ ଜାତୀୟ ସୁରକ୍ଷା ପରିଷଦ (ଏନ୍‌ଏସ୍‌ସି)ର ଶୀର୍ଷ ସଦସ୍ୟମାନେ ସାମିଲ ଥିଲେ। ଏହି ବୈଠକରେ ଜେମ୍ସ କ୍ଲାପର, ଜନ୍ ବ୍ରେନାନ୍, ସୁସାନ୍ ରାଇସ୍, ଜନ୍ କେରି, ଲୋରେଟା ଲିଞ୍ଚ, ଆଣ୍ଡ୍ର୍ୟୁ ମ୍ୟାକ୍‌କାବେ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ଉଦ୍ଦେଶ୍ୟ ଥିଲା ଆମେରିକା ନିର୍ବାଚନରେ ରୁଷ୍‌ର ସମ୍ପୃକ୍ତି ସମ୍ପର୍କୀତ ଆଶଙ୍କା ଉପରେ ଆଲୋଚନା କରିବା। ବୈଠକ ପରେ, ଜେମ୍ସ କ୍ଲାପରଙ୍କ କାର୍ଯ୍ୟନିର୍ବାହୀ ସହାୟକ ରାଷ୍ଟ୍ରପତି ଓବାମାଙ୍କ ଅନୁରୋଧକ୍ରମେ ଗୁପ୍ତଚର ସଂସ୍ଥାଙ୍କୁ ପରିସ୍ଥିତିର ମୂଲ୍ୟାୟନ ପ୍ରସ୍ତୁତ କରିବାକୁ ଏକ ଇମେଲ୍ ପଠାଇଥିଲେ। ଏଥିରେ ଓଡିଏନ୍‌ଆଇ, ସିଆଇଏ, ଏଫ୍‌ବିଆଇ, ଏନ୍‌ଏସ୍‌ଏ ଏବଂ ଡିଏଚ୍‌ଏସ୍‌କୁ ମଧ୍ୟ ସାମିଲ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ, ଓବାମା ପ୍ରଶାସନର ଅଧିକାରୀମାନେ ଗଣମାଧ୍ୟମକୁ ମିଥ୍ୟା ସୂଚନା ପ୍ରଦାନ କରିଥିଲେ। ୱାଶିଂଟନ ପୋଷ୍ଟ ଭଳି ପ୍ରମୁଖ ସମ୍ବାଦ ସଂସ୍ଥା ଜରିଆରେ ଓବାମା ପ୍ରଶାସନ ଦର୍ଶାଇଥିଲେ ଯେ, ରୁଷ୍ ସାଇବର ଆଟାକ୍ ମାଧ୍ୟମରେ ନିର୍ବାଚନର ଫଳାଫଳରେ ହସ୍ତକ୍ଷେପ କରିବାକୁ କିମ୍ବା ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ବାସ୍ତବତା ଭିନ୍ନ ଥିଲା। ଗୁଇନ୍ଦା ସଂସ୍ଥାଗୁଡ଼ିକ ନିଜ ରିପୋର୍ଟରେ ସ୍ପଷ୍ଟ କରିଥିଲେ ଯେ, ଆମେରିକା ନିର୍ବାଚନକୁ ପ୍ରଭାବିତ କରିବା ଦିଗରେ ରୁଷ୍‌ର କୌଣସି ଯୋଜନା ନାହିଁ। ଏହା ସତ୍ତ୍ୱେ ଓବାମା ପ୍ରଶାସନ ଆମେରିକା ଏବଂ ବିଶ୍ୱସ୍ତରରେ ଏକ ଭ୍ରମ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ଯେ, ରୁଷ୍‌ର ସାଇବର ଆଟାକ୍ ଯୋଗୁ ଟ୍ରମ୍ପ୍ ବିଜୟୀ ହୋଇଛନ୍ତି। ଏହାର ଅର୍ଥ ଟ୍ରମ୍ପଙ୍କ ବିଜୟକୁ ଭୁଲ୍ ପ୍ରମାଣିତ କରିବା ପାଇଁ, ଓବାମା ସରକାର ଆମେରିକା ଏବଂ ରୁଷ୍ ସମ୍ପର୍କକୁ ମଧ୍ୟ ଖରାପ କରିଥିଲେ।



ତୁଳସୀ ଗବାର୍ଡ ଓବାମା ଏବଂ ତାଙ୍କ ପ୍ରଶାସନର ବରିଷ୍ଠ ସଦସ୍ୟଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି। ତୁଳସୀ ଗବାର୍ଡ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଓବାମାଙ୍କ ଲକ୍ଷ୍ୟ ଥିଲା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ କ୍ଷମତାରୁ ହଟାଇବା ଏବଂ ଆମେରିକୀୟ ଲୋକଙ୍କ ଇଚ୍ଛାକୁ ଧୂଳିସାତ୍ କରିବା। ଷଡ଼ଯନ୍ତ୍ରରେ ସାମିଲ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ସମ୍ପୂର୍ଣ୍ଣ ତଦନ୍ତ କରାଯିବା ଉଚିତ୍ ବୋଲି ତୁଳସୀ ଦାବି କରିଛନ୍ତି। ତୁଳସୀଙ୍କ କହିବାନୁସାରେ ଏନେଇ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ। ଆମର ଗଣତାନ୍ତ୍ରିକ ଗଣରାଜ୍ୟର ବିଶ୍ୱସନୀୟତା ଏହା ଉପରେ ନିର୍ଭର କରେ। ତେବେ ହସ୍ତଗତ ହୋଇଥିବା ସମସ୍ତ ପ୍ରମାଣଗୁଡ଼ିକୁ ଅପରାଧିକ ତଦନ୍ତ ପାଇଁ ନ୍ୟାୟ ବିଭାଗ (ଡିଓଜେ)କୁ ହସ୍ତାନ୍ତର କରାଯାଇଛି। ତୁଳସୀ ଗବାର୍ଡ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ୍ ହିଲାରୀ କ୍ଲିଣ୍ଟନଙ୍କ ବିରୁଦ୍ଧରେ ୨୦୧୬ ନିର୍ବାଚନରେ ବିଜୟୀ ହେବା ପରେ, ଓବାମା ଏବଂ ତାଙ୍କ ଜାତୀୟ ସୁରକ୍ଷା ଦଳର ସଦସ୍ୟମାନେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବିରୁଦ୍ଧରେ ଏକ ବିଦ୍ରୋହ ଭଳି ଷଡ଼ଯନ୍ତ୍ର ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବା ପାଇଁ ଜାଣିଶୁଣି ଗୁପ୍ତଚର ତଥ୍ୟ ପ୍ରସ୍ତୁତ ଏବଂ ରାଜନୈତିକ ତଥ୍ୟ ଠୁଳ କରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra